# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୫/୨୦୨୩ | Bhubaneswar, Thursday, October 5/2023 | ପୃଷ୍ଠା-୧




**ହରମିଲାନ୍ ବେନ୍ସଙ୍କୁ ୨ୟ ରୌପ୍ୟ**

ଭାରତର ହରମିଲାନ୍ ବେନ୍ସ ୮୦୦ ମିଟର ଦୌଡ଼ ଜିତିବା ସହ ଏସିଆନ ଗେମ୍ସରେ ବ୍ୟକ୍ତିଗତ ଦ୍ୱିତୀୟ ରୌପ୍ୟ ହାସଲ କରିଛନ୍ତି। ୧୨

୧୦ **ରଣବୀର କପୁରଙ୍କୁ ଇଡି ସମନ**

ମହାଦେବ ଅନ୍‌ଲାଇନ୍ ବୁକ୍ ଆପ୍ ସହ ସମ୍ପୃକ୍ତ ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଶୁକ୍ରବାର ହାଜର ହୋଇ ଜେରାର ସମ୍ମୁଖୀନ ହେବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି।



# ଏସିଆଡ୍‌ରେ କିଶୋରଙ୍କ କୀର୍ତ୍ତି



ଏସିଆନ ଗେମ୍ସ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ବିଜେତା ନିରଜ ଚୋପ୍ରା ଏବଂ ରୌପ୍ୟ ବିଜୟୀ କିଶୋର ଜେନା ।

- ଜାଭେଲିନ୍ ଥ୍ରୋରେ ଜିତିଲେ ରୌପ୍ୟ ପଦକ
- ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା
- ଦେଢ଼କୋଟି ଟଙ୍କା ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସ (ଏସିଆଡ୍)ରେ ବୁଧବାର ଓଡ଼ିଶା ପାଇଁ ଆସିଛି ବଡ଼ ଖବର। ପ୍ରତିଭାସମ୍ପନ୍ନ ଆଥ୍‌ଲେଟ କିଶୋର କୁମାର ଜେନା ଏସିଆନ ଗେମ୍ସ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ, ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। କିଶୋର ନିଜ ୪ର୍ଥ ଉଦ୍ୟମରେ ୮୭.୫୪ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଅଲିମ୍ପିକ୍ସ ପାଇଁ କ୍ୱାଲିଫିକେଶନ ମାର୍କ ହେଉଛି ୮୫.୫୦ ମିଟର। ପୂର୍ବରୁ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ୮୪.୭୭ ମିଟର ଥ୍ରୋ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ଏସିଆନ ଗେମ୍ସରେ ତା'ଠାରୁ ଅଧିକ ଦୂର ଥ୍ରୋ ☞ପୃଷ୍ଠା-୨

## ସ୍ୱର୍ଣ୍ଣ ପଦକ ବଜାୟ ରଖିଲେ ନୀରଜ

**ହାଙ୍ଗଝୋ, ୪।୧୦**

ଚଳିତ ଏସିଆନ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ନୀରଜ ଚୋପ୍ରା। ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ବୁଧବାର ସିଜନ ଶ୍ରେଷ୍ଠ ୮୮.୮୮ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ଟାଇଟଲ ବଜାୟ ରଖିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ନୀରଜଙ୍କ ପ୍ରଥମ ଥ୍ରୋକୁ ରେକର୍ଡଭୁକ୍ତ କରାଯାଇ ନ ଥିଲା। ପୂର୍ବରୁ ନୀରଜ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଗତ ଅଗଷ୍ଟରେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୮୮.୭୭ ମିଟର ଥ୍ରୋ କରି କ୍ୱାଲିଫିକେଶନ ମାର୍କ ଅତିକ୍ରମ କରିଥିଲେ। ନୀରଜଙ୍କ କୀର୍ତ୍ତିମାନ ବ୍ୟତୀତ ୪x୪୦୦ ମିଟର ରିଲେ ରେସ୍‌ରେ ଭାରତ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି।

# ଏଏପି ନେତା ସଞ୍ଜୟ ସିଂ ଗିରଫ

## ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତି ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଗିରଫ କରିଛି। ଉକ୍ତ ମାମଲାରେ ଗିରଫ ହେବାରେ ସଞ୍ଜୟ ଦ୍ୱିତୀୟ ହାଇପ୍ରୋଫାଇଲ ନେତା। ପୂର୍ବରୁ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଏହି ମାମଲାରେ ସିବିଆଇ ଏବଂ ଇଡି ଗିରଫ କରିଥିଲା। ଇଡି ଅଧିକାରୀମାନେ ବୁଧବାର ସକାଳୁ ସଞ୍ଜୟଙ୍କ ନର୍ଥ ଆଭେନ୍ୟୁସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ। ତାଙ୍କୁ ଦିନ ତମାମ ଜେରା କରିବା ପରେ ମନିଲଣ୍ଡରିଂ (ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରି ଇଡି ଜେରା ପାଇଁ ହାଜତକୁ ନେବା ପାଇଁ ଆବେଦନ କରିପାରେ। ଟାଣୁଆ ନେତା ସଞ୍ଜୟଙ୍କ ଗିରଫଦାରିକୁ ନେଇ ଦିଲ୍ଲୀର ଶାସକ ☞ପୃଷ୍ଠା-୨



ଏଏପିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଇଡି ପକ୍ଷରୁ ଗିରଫ କରି ନିଆଯାଉଛି।

**ଆଜିର ସମ୍ପାଦକୀୟ**

ପୁରାଣରେ ଧାନଦେବୀ

## ଆକ୍ରୋଶ ମନୋଭାବ ରଖି ଇଡି ଗିରଫ କରିପାରିବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୪।୧୦**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପ୍ରତ୍ୟେକ କାର୍ଯ୍ୟ ସ୍ୱଚ୍ଛ ହେବା ଆବଶ୍ୟକ। କାହା ପ୍ରତି ଆକ୍ରୋଶ ମନୋଭାବ ରଖିବା ଠିକ୍ ନୁହେଁ। ଏପରି କି କୌଣସି ପ୍ରକାରେ ପ୍ରଭାବିତ ନ ହୋଇ ଇଡି ଏହାର କାର୍ଯ୍ୟ କରିବା ଜରୁରୀ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ-୨୦୦୨ରେ ଯଦି କାହାରିକୁ ସମନ୍ କରାଯାଇଛି ଏବଂ ସେ ବ୍ୟକ୍ତିଗତଭାବେ ତଦନ୍ତରେ ସହଯୋଗ କରୁନାହାନ୍ତି, ତେବେ ସେହି ଆଧାରରେ କାହାକୁ ଇଡି ଗିରଫ କରିପାରିବ ନାହିଁ ବୋଲି ବିଚାରପତି ଏ. ଏସ୍. ବୋପାନ୍ନା ଏବଂ ବିଚାରପତି ☞ପୃଷ୍ଠା-୨

# ଆଜିଠୁ ଦିନିକିଆ କ୍ରିକେଟ ବିଶ୍ୱକପ

## ଇଂଲଣ୍ଡ- ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚ

**ଅହମଦାବାଦ, ୪।୧୦**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଗତଥରର ଚାମ୍ପିୟନ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ଫାଇନାଲର ରି ମ୍ୟାଚ ସଦୃଶ। ଗତଥର ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ଏଥର ଆରମ୍ଭରୁ ଇଂଲଣ୍ଡକୁ ହରାଇ ନ୍ୟୁଜିଲାଣ୍ଡ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ଆସିଛି। ଇଂଲଣ୍ଡ କେବଳ ଦିନିକିଆରେ ନୁହେଁ ଟି୨୦ରେ ମଧ୍ୟ ବିଶ୍ୱ ଚାମ୍ପିୟନ। ତେଣୁ ୪ ବର୍ଷ ମଧ୍ୟରେ ତୃତୀୟ ବିଶ୍ୱକପ ହାସଲ ଲକ୍ଷ୍ୟରେ ରହିଛି ଜୋଶ୍ ବଟଲରଙ୍କ ଦଳ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ କେବେହେଲେ ବିଶ୍ୱକପ ଜିତି ପାରିନାହିଁ। ଏଥର ମଧ୍ୟ ଦଳକୁ ଆରମ୍ଭରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଅସ୍ତ୍ରୋପଚାର ☞ପୃଷ୍ଠା-୨

ICC MEN'S CRICKET WORLD CUP INDIA 2023

## ମାନସ ମଙ୍ଗରାଜ ରାଜ୍ୟ ସଭା ମୁଖ୍ୟ ସଚେତକ



**ଭୁବନେଶ୍ୱର,୪।୧୦(ଅନିଲ ଦାସ)**

ଏମ୍‌ପି ମାନସ ମଙ୍ଗରାଜଙ୍କୁ ରାଜ୍ୟ ସଭାରେ ବିଜେଡିର ନୂଆ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଏ ନେଇ ବୁଧବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ମାନସ ୨୦୨୨ ଜୁନ୍ ୭ ତାରିଖରେ ରାଜ୍ୟ ସଭାକୁ ☞ପୃଷ୍ଠା-୨

# ସିକିମ୍‌ରେ ବାଦଲଫଟା ବର୍ଷା

## ୧୦ ମୃତ, ୨୩ ଯବାନ ନିଖୋଜ

**ଗ୍ୟାଙ୍ଗଟକ୍,୪।୧୦ (ପି.ଟି.)**

ଉତ୍ତର ସିକିମ୍‌ର ଲୋନାକ ଲେକ୍ ଅଞ୍ଚଳରେ ମଙ୍ଗଳବାର ରାତିରୁ ବାଦଲଫଟା ବର୍ଷା ହୋଇ ତିସ୍ତା ନଦୀ ଅବବାହିକାରେ ହଠାତ୍ ବନ୍ୟା ମାଡ଼ିଆସିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଯବାନଙ୍କ ସମେତ ୮୨ ଜଣ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ରାତି ୧ଟା ୩୦ ମିନିଟ୍ ସମୟରେ ବନ୍ୟା ଆସିବା ସହ ଚୁଙ୍ଗଥାଙ୍ଗ ଡ୍ୟାମ୍ ପାଣି ଛାଡ଼ିଦେବାରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା। ଗୋଲିଟାର ଏବଂ ସିଙ୍ଗଟାମ୍ ଅଞ୍ଚଳରୁ ୧୦ ମୃତଦେହ ମିଳିଥିବାବେଳେ ଗୋଲିଟରରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଏସ୍‌ଡିଏମ୍ କହିଛନ୍ତି। ଗାଙ୍ଗଟକ୍‌ଠାରୁ ୩୦ କି.ମି. ଦୂରରେ ଥିବା ଇନ୍ଦ୍ରେନୀ ନଦୀ ତିସ୍ତା ବନ୍ୟାଜଳରେ ସମ୍ପୂର୍ଣ୍ଣ ଭାସିଯାଇଛି। ଆକସ୍ମିକ ବନ୍ୟାବିପ୍ଳାତକୁ ସିକିମ୍ ସରକାର ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଚୁଙ୍ଗଥାଙ୍ଗ ଡ୍ୟାମ୍ ପାଣି ଛାଡ଼ିଦେବାରୁ ନଦୀର ତଳଭାଗରେ ଜଳସ୍ତର ହଠାତ୍ ୧୫ରୁ ୨୦ ଫୁଟ୍ ବଢ଼ିଯାଇଥିଲା। ୨୩ ଯବାନ ଭାସିଯିବା ସହ ୪୧ଟି ଗାଡ଼ି ବନ୍ୟାପାଣିରେ ବୁଡ଼ିଯାଇଥିବା ପ୍ରତିରକ୍ଷା ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କଲୋନେଲ ମହେନ୍ଦ୍ର ରାୱତ୍ କହିଛନ୍ତି। ତିସ୍ତା ଅବବାହିକାରେ ଥିବା ଡିକ୍‌ଚୁ, ସିଙ୍ଗଟାମ୍ ଏବଂ ରାଙ୍ଗଟୋ ସମେତ ଅନେକ ସହର ବନ୍ୟାପ୍ଲାବିତ ହୋଇଥିବାବେଳେ ମଙ୍ଗାନ୍, ଗାଙ୍ଗଟକ୍, ପାକ୍‌ୟଙ୍ଗ ଏବଂ ନାମ୍‌ଚି ଜିଲାର ସମସ୍ତ ସ୍କୁଲ୍‌କୁ ୮ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି।

ସିକିମ୍‌କୁ ଦେଶର ଅନ୍ୟ ଭାଗ ସହ ଯୋଡୁଥିବା ଜାତୀୟ ରାଜପଥ-୧୦ର କେତେକ ଅଂଶ ଭାସିଯାଇଛି। ☞ପୃଷ୍ଠା-୨

# ରସାୟନ ବିଜ୍ଞାନରେ ୩ ବୈଜ୍ଞାନିକଙ୍କୁ ନୋବେଲ

**ଗ୍ୟାଙ୍ଗଟକ୍,୪।୧୦**

କ୍ୱାଣ୍ଟମ୍ ଡଟ୍‌ସ ପାଇଁ କାମ କରିଥିବା ୩ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି)ର ମୌଙ୍ଗି ଜି. ବାୱେଣ୍ଡି, କଲମ୍ବିଆ ୟୁନିଭର୍ସିଟିର ଲୁଇସ୍ ଇ. ବ୍ରୁସ୍ ଏବଂ ନାନୋକ୍ରିଷ୍ଟାଲସ୍ ଟେକ୍‌ନୋଲୋଜି ଆଇଏନ୍‌ସିର ଆଲେକ୍ସେଇ ଆଇ. ଏକିମୋଭ୍। ଇଲେକ୍ଟ୍ରୋନିକ୍ସ ଏବଂ ମେଡିକାଲ ଇମେଜିଂରେ ବ୍ୟବହୃତ ହେଉଥିବା କ୍ୱାଣ୍ଟମ୍ ଡଟ୍‌ସ ହେଉଛି ଏକ ସୂକ୍ଷ୍ମ କଣିକା, ଯାହା ଅତ୍ୟନ୍ତ ଉଜ୍ଜ୍ୱଳ ଓ ରଙ୍ଗିନ୍ ଆଲୋକ ଛାଡ଼ିଥାଏ। ଏହି କଣିକାର ବ୍ୟାସ ମାତ୍ର କେତୋଟି ପରମାଣୁ ଭଳି ହୋଇଥିବାବେଳେ ଏହାର ଅନନ୍ୟ ଗୁଣ ରହିଛି, ଯାହା ଟେଲିଭିଜନ ସ୍କ୍ରିନ୍ ଏବଂ ଏଲ୍‌ଇଡି ଲାଇଟ୍‌ରୁ ଆଲୋକ ବିଚ୍ଛୁରିତ କରିଥାଏ ବୋଲି ରୟାଲ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ପୁରସ୍କାର ଘୋଷଣା କଲାବେଳେ କହିଛି। ☞ପୃଷ୍ଠା-୨



ମୌଙ୍ଗି ଜି. ବାୱେଣ୍ଡି, ଲୁଇସ୍ ଇ. ବ୍ରୁସ୍ ଏବଂ ଆଲେକ୍ସେଇ ଆଇ. ଏକିମୋଭ୍।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ଅକ୍ଟୋବର, ୨୦୨୩

**ଆଜିର ମନ୍ତବ୍ୟ**
ବରିଷ୍ଠ ଏଏପି ନେତା ସଞ୍ଜୟ ସିଂଙ୍କ ଗିରଫଦାରି ସମ୍ପୂର୍ଣ୍ଣ ବେଆଇନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଭୀତ ଥିବା ଏଥିରୁ ପ୍ରତିଫଳିତ ହେଉଛି।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାପରା ଯେବେ କରିବସିବ**
**ପାଖରେ ଥିବ ଶାଳୀ**
**ମାରିବ ଦେଖି ଆଖି ମିଟିକା**
**ନ ଦେବ ଯେବେ ଗାଳି।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟୋକା ଟୋକିର ଘର**
**ଖପରା ବି' ଖଣ୍ଡ ଧରା।**

ଘରକୁ ଶୃଙ୍ଖଳିତ ଭାବେ ଚଳେଇବାରେ ଘରର ମୁରବି ଓ ଗୁରୁଜନମାନେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ମୁରବି ବା ବୟସ୍କ ବ୍ୟକ୍ତିଙ୍କ ବିନା କଞ୍ଚାବୁଦ୍ଧିଆ ଅଳ୍ପ ବୟସ୍କ ଯୁବତୀଯୁବକ ଘର ଚଳାଇଲେ ଅନଭିଜ୍ଞ ହିସାବରେ ହନ୍ତସନ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# 'ଜନଗଣଙ୍କୁ ଏକାଠି କରାଇବାରେ ଉତ୍କଳମଣିଙ୍କ ଭୂମିକା ଥିଲା ଅନନ୍ୟ'



## 'ସମାଜ'ର ସ୍ୱନକ୍ଷତ୍ର ଉତ୍ସବ

କଟକ,୪।୧୦ (କାର୍ତ୍ତିକ ସାହୁ)

ସ୍ୱାଧୀନତା ଆନ୍ଦୋଳନ ସମୟରେ ଓଡ଼ିଶାବାସୀଙ୍କୁ ଏକତ୍ର କରିବାରେ 'ସମାଜ' ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିଥିଲା। ବ୍ରିଟିଶ ଶାସକଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ଓଡ଼ିଶାରେ ନେତୃତ୍ୱ ନେବା ସହ ଜନଗଣଙ୍କୁ ଏକାଠି କରାଇବାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭୂମିକା ଅନନ୍ୟ ଥିଲା ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। କଟକ ସାରଳା ଭବନରେ ବୁଧବାର 'ସମାଜ'ର ୧୦୪ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟବକ୍ତା ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗର ପରାମର୍ଶଦାତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ 'ସମାଜ' ଆଜି ଏକ ବହୁମୁଖୀ ମହାଦ୍ରୁମରେ ପରିଣତ ହୋଇଛି। ୧୦୪ ବର୍ଷ ଏହି ଅନୁଷ୍ଠାନର ଆନୁଷ୍ଠାନିକ ଇତିହାସର ଅବଲୋକନ କରାଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। 'ସମାଜ' ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ପରିଚାଳକ ଶିବରାମ ମିଶ୍ର ବିବରଣୀ ପାଠ କରିଥିଲେ। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ କୃତଜ୍ଞତା ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କଦ୍ୱାରା 'ସମାଜ'ର ବାର୍ଷିକ ବିଶେଷାଙ୍କ, ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ପୂଜା ସଂଖ୍ୟା ଓ ସୁସ୍ଥ ସାମ୍ବାଦିକତା ଆହ୍ୱାନ ଶୀର୍ଷକ ଲୋଗୋ ଉନ୍ମୋଚିତ ହୋଇଥିଲା। ସ୍ୱନକ୍ଷତ୍ର ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଆକାଂକ୍ଷା ପାତ୍ର, ସ୍ୱର୍ଣ୍ଣଦୀପା ସାହୁ, ପ୍ରତୀକ୍ଷା ଦାସ ଓ ବଂଶିକା ପ୍ରିୟଦର୍ଶିନୀ ହୋତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଉପ ସଭାପତି ଦୀପକ ମାଲବ୍ୟ ଓ ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନଭେମ୍ବର ୨୮ରୁ ଡେରାଡୁନ୍‌ରେ ହେବ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ସମ୍ମିଳନୀ

**ଅମିତାଭ ବଚ୍ଚନ ହେବେ ସମ୍ମିଳନୀର ବ୍ରାଣ୍ଡ୍ ଆମ୍ବାସାଡର: ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି**

ଡେରାଡୁନ,୪।୧୦




ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ୍‌ରେ ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧ ଯାଏ ଅନୁଷ୍ଠିତ ହେବ ୬ଷ୍ଠ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ସମ୍ମିଳନୀ। ଏନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଡେରାଡୁନ ସଚିବାଳୟସ୍ଥିତ ମିଡିଆ ସେଣ୍ଟରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଏହି ସମ୍ମିଳନୀର ବ୍ରାଣ୍ଡ ଆମ୍ବାସାଡର ହେବେ। ସମ୍ମିଳନୀ ପାଇଁ ଅମିତାଭ ବଚ୍ଚନଙ୍କ ଭିଡିଓ ବାର୍ତ୍ତା ଖବରଦାତା ସମ୍ମିଳନୀରେ ପ୍ରସାରିତ ହୋଇଥିଲା। ଉତ୍ତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଡି.ଏମ୍.ଆଇ.ସି. ହାଇଦ୍ରାବାଦ ଏବଂ ଉତ୍ତରାଖଣ୍ଡ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ମିଳିତ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ, ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ, ପରମାଣୁ ଶକ୍ତି ଆୟୋଗ ଆଦି ସଂସ୍ଥାର ମୁଖ୍ୟ, ଭାରତ ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତାଙ୍କ ସମେତ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନର ପ୍ରତିନିଧି, ମିଳିତ ଜାତିସଂଘ, ଭାରତ ତଥା ବିଦେଶର ଜଳବାୟୁ ବିଶେଷଜ୍ଞମାନେ ସମ୍ମିଳନୀରେ ଯୋଗଦେବେ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦେଶବିଦେଶର ବିଶେଷଜ୍ଞଙ୍କ ମଧ୍ୟରେ ବିଚାରବିମର୍ଶ ହେବ। ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି, ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଉଛି ହିମାଳୟ ଇକୋସିଷ୍ଟମକୁ ଦୃଷ୍ଟିରେ ରଖି ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ଆଲୋଚନା ଏବଂ ସମାଧାନ କରିବା। ଏହାବ୍ୟତୀତ ବିପର୍ଯ୍ୟୟ ମୁକାବିଲା ଏବଂ ପ୍ରସ୍ତୁତି ପାଇଁ ଉତ୍ତରାଖଣ୍ଡକୁ ଜଳବାୟୁ ଅନୁକୂଳ ସମାଧାନର କେନ୍ଦ୍ର ଭାବେ ବିକାଶ କରିବା ହେଉଛି ସମ୍ମିଳନୀର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ଧାମି ଆହୁରି କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ମୁକାବିଲା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଭାରତରେ ଏବଂ ବିଶେଷକରି ହିମାଳୟ ନିକଟ ରାଜ୍ୟଗୁଡ଼ିକରେ ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ଉପରେ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ୮ ଓ ୯ ଡିସେମ୍ବରରେ ଉତ୍ତରାଖଣ୍ଡରେ ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଳନୀ-୨୦୨୩ ଆୟୋଜନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ପୂର୍ବରୁ ଆୟୋଜିତ ବିପର୍ଯ୍ୟୟ ପରିଚାଳନା ସମ୍ମିଳନୀ 'ନିରାପଦ ନିବେଶ-ସୁଦୃଢ଼ ଉତ୍ତରାଖଣ୍ଡ'ର ବାର୍ତ୍ତା ଦେଶବିଦେଶରେ ବିସ୍ତାର କରିବ। ସେ କହିଛନ୍ତି, ପରିବେଶ ଏବଂ ଅର୍ଥନୀତିକୁ ସନ୍ତୁଳିତ କରି ସରକାର ରାଜ୍ୟର ବିକାଶ କରିବେ। ଏହି ସମ୍ମିଳନୀରେ ୪ଟି ମୁଖ୍ୟ ଅଧିବେଶନ, ୫୦ଟି ବୈଷୟିକ ଅଧିବେଶନ ଏବଂ ଅନେକ ସ୍ୱତନ୍ତ୍ର ବୈଷୟିକ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବିଷୟରେ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି।

# ୬ରୁ ଦ୍ୱିତୀୟ ପର୍ଯ୍ୟାୟ ବିଏଡ୍, ଏମ୍‌ଏଡ୍ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨ବର୍ଷିଆ ବିଏଡ୍, ଏମ୍‌ଏଡ୍ ଏବଂ ବିଏଡ୍‌ଏଡ୍ ପାଠ୍ୟକ୍ରମ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଆସନ୍ତା ୬ ତାରିଖ ଅପରାହ୍ନ ୫ଟାରେ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ୭ରୁ ୯ ତାରିଖ ମଧ୍ୟରେ ଆବେଦନକାରୀ କମନ୍ ଆପ୍ଲିକେଶନ ଫର୍ମ ସହ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଦାଖଲ କରିବେ। ୧୨ ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ସହ ମନୋନୀତ ଛାତ୍ରୀଛାତ୍ରଙ୍କୁ ଏସ୍‌ଏମ୍‌ଏସ୍ ବା ହ୍ୱାଟସଆପ୍ ମାଧ୍ୟମରେ ସୂଚିତ କରାଯିବ। ୧୩ରୁ ୧୬ ତାରିଖ ମଧ୍ୟରେ ନାମଲେଖା ଦେୟ ଦେଇ ମନୋନୀତ ଆବେଦନକାରୀ ନାମ ଲେଖାଇପାରିବେ। ୧୭ ତାରିଖରେ ଶିକ୍ଷାନୁଷ୍ଠାନଗୁଡ଼ିକ ଇ- ସ୍ପେସ୍‌ରେ ନାମଲେଖା ସମ୍ପର୍କିତ ତଥ୍ୟ ଦାଖଲ କରିବେ। ସୂଚନାଥାଉକି, ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ କେତେକ ଶିକ୍ଷାନୁଷ୍ଠାନରେ ସିଟ୍ ଖାଲି ପଡ଼ିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ନିଷ୍ପତ୍ତି ନିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଏସିଆଡ୍‌ରେ ...

କରି ସେ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଗକୁ ବଢ଼ିଛନ୍ତି। ଏସିଆନ ଗେମ୍ସରେ ରୌପ୍ୟ ଓ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ କିଶୋରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଦେଢ଼ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

ଏସିଆନ ଗେମ୍ସରେ ଓଡ଼ିଶା ପାଇଁ ଏହା ହେଉଛି ୩୦ତମ ପଦକ। ଏଥିରୁ କେବଳ ହକି ଇଭେଣ୍ଟରୁ ୨୧ଟି ପଦକ ଆସିଛି। ୧୯୫୧ରେ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ସେକ୍ ଅବଦୁଲ ମଜିଦ ବଚନ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ସଦସ୍ୟଭାବେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ରାଜ୍ୟ ପାଇଁ ପୁରୁଷ ବ୍ୟାଡ୍‌ମିଣ୍ଟନରୁ ସନତ ମିଶ୍ର ଜିତିଥିଲେ ଦ୍ୱିତୀୟ ପଦକ। ସେ ଭାରତୀୟ ମିକ୍ସଡ ଟିମ୍‌ର ସଦସ୍ୟଭାବେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ହକି ବ୍ୟତୀତ ଓଡ଼ିଶାର ପଦକ ପ୍ରସଙ୍ଗ ଆଲୋଚନା କଲେ ୧୯୯୦ରେ ପ୍ରଣତି ମିଶ୍ର ରାଜ୍ୟର ପ୍ରଥମ ମହିଳା ଆଥ୍‌ଲେଟ ଭାବେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୧୯୯୮ରେ ମହିଳା ୧୦୦ ମିଟରରେ ରଚିତା ପଣ୍ଡା ମିସ୍ତ୍ରି ବ୍ରୋଞ୍ଜ, ୨୦୧୦ରେ ରୋଇଂରେ ପ୍ରତିମା ପୁହାଣ ଓ ପ୍ରମିଳା ପ୍ରଭା ମିଞ୍ଜ ଏବଂ ୨୦୧୮ରେ ଦୂତୀ ଚାନ୍ଦ ଉଭୟ ମହିଳା ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। କିଶୋର ଜେନା ୨୦୨୩ ଏସିଆନ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋରୁ ଓଡ଼ିଶାର ପ୍ରଥମ ଆଥ୍‌ଲେଟ ଭାବେ ରୌପ୍ୟ ପଦକ ହାସଲ କରି ଏହି ଧାରାକୁ ଆଗେଇ ନେଇଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ ଜନ୍ମିତ କିଶୋରଙ୍କ ମା' ହେଉଛନ୍ତି ହରପ୍ରିୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଏହି ଆଥ୍‌ଲେଟ ପ୍ରତିଭା ୨୦୨୩ ଜୁଲାଇ ୨୯ରେ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮୪.୩୮ ମିଟର ଥ୍ରୋ ସହିତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ। ୨୦୧୭ରୁ ରାଜ୍ୟ ସ୍ତରରେ ଜାଭେଲିନ୍ ଥ୍ରୋରେ ଚମକ ଦେଖାଇବା ପରେ କିଶୋର ୨୦୨୧ରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଶୀର୍ଷରେ ରହିଛି। ୨୦୨୩ ମାର୍ଚ୍ଚ ୧ରେ କର୍ନାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଶ୍ରୀଲଙ୍କା ପ୍ରତିଯୋଗିତା ବ୍ୟତୀତ ସେ ବିରୁଟ୍‌ରେ ଆୟୋଜିତ ଲେବାନନ ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୭୮.୯୬ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶାର ପ୍ରଥମ ଆଥ୍‌ଲେଟଭାବେ ସେ ଥ୍ରୋ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

### ଏଏପି ନେତା ...

ଦଳ ଏବଂ ଭାଜପା ମଧ୍ୟରେ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଯାଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ପରାଜିତ ହେବାକୁ ଯାଉଥିବା ଜାଣିବା ପରେ ନିରାଶ ହୋଇ ଏଭଳି ପଦକ୍ଷେପ ନେଉଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାର ଜବାବ ଦେବାକୁ ଯାଇ କେଜ୍‌ରିୱାଲ ମଦ ଦୁର୍ନୀତି ମାମଲାର କିଙ୍ଗ୍‌ପିନ୍ ବୋଲି କହିବା ସହ ସେ ଗିରଫ ହେବା ବେଶୀ ଦୂର ନୁହେଁ ବୋଲି କହିଛି। ଦିଲ୍ଲୀ ମଦ ନୀତି ସ୍କାମ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏମ୍‌ପି ମାଗୁନ୍ତା ଶ୍ରୀନିବାସୁଲୁ ରେଡ୍ଡୀଙ୍କ ପୁଅ ରାଘବ ମାଗୁନ୍ତା ଏବଂ ଦିଲ୍ଲୀ ବ୍ୟବସାୟୀ ଦିନେଶ ଆରୋରାଙ୍କୁ ରାଜସାକ୍ଷୀ ପାଇଁ ଅନୁମତି ଦେବାର ଦିନକ ପରେ ସଞ୍ଜୟଙ୍କ ଘରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଇଡି ଗତ ଜୁଲାଇରେ ଆରୋରାଙ୍କୁ ଗିରଫ କରିଥିଲା। ସିବିଆଇ ତଦନ୍ତ କରୁଥିବା ଏକ ଦୁର୍ନୀତି ମାମଲାରେ ତାଙ୍କୁ ପୂର୍ବରୁ ରାଜସାକ୍ଷୀ ଘୋଷଣା କରାଯାଇଥିଲା। ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଜେରା ବେଳେ ତାଙ୍କ ଉତ୍ତରରେ ତାଳମେଳ ରହୁ ନ ଥିବାରୁ ଇଡି ତାଙ୍କୁ ଗିରଫ କରିଥିଲା। ଆରୋରା ସିସୋଡିଆଙ୍କର ଜଣେ ଘନିଷ୍ଠ ସହଯୋଗୀ। ସିସୋଡିଆ ଦିନେଶ ଆରୋରାଙ୍କ ମାଧ୍ୟମରେ ଅନ୍ୟତମ ବ୍ୟବସାୟୀ ଅମିତ୍ ଆରୋରାଙ୍କଠାରୁ ଉତ୍କୋଚ ଗ୍ରହଣ କରିଥିବା ଇଡି ଏହାର ଅତିରିକ୍ତ ଚାର୍ଜଶିଟ୍‌ରେ ଅଭିଯୋଗ କରିଥିଲା।

### ଆକ୍ରୋଶ ମନୋଭାବ ...

ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ୩୨ ପୃଷ୍ଠାର ରାୟରେ ଉଲ୍ଲେଖ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଆହୁରି କହିଛନ୍ତି ଯେ, ସାଧାରଣଭାବେ ସମନ୍ ଜାରି ହୋଇଥିବା ସାକ୍ଷୀ ଯଦି ତଦନ୍ତରେ ସହଯୋଗ ନ କରନ୍ତି, ତେବେ ତାଙ୍କୁ ଗିରଫ କରାଯିବା ପର୍ଯ୍ୟାପ୍ତ କାରଣ ନୁହେଁ। ପିଏମ୍‌ଏଲ୍‌ଏରେ ଇଡିକୁ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି। ତେଣୁ ଏହା ସର୍ବାଧିକ ସମ୍ଭାବ୍ୟତା, ବିଚକ୍ଷଣତା ଏବଂ ନ୍ୟାୟ ସହିତ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

### ଆଜିଠୁ ଦିନିକିଆ ...

ଜନିତ କାରଣ ଯୋଗୁ ଅଧିନାୟକ କେନ୍ ୱିଲିୟମସନ ଓ ଦ୍ରୁତ ବୋଲର ଟିମ୍ ସୌଦୀ ପ୍ରଥମ ମ୍ୟାଚ ଖେଳି ପାରିବେ ନାହିଁ। ଅହମଦାବାଦ ପିଚ୍ ସାଧାରଣତଃ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥାଏ। ଇଂଲଣ୍ଡର ବ୍ୟାଟିଂ ଲାଇନ୍‌ଅପ୍ ଦୃଢ଼ ଥିବାରୁ ଆଗାମୀ ମ୍ୟାଚ ପାଇଁ ଫେଭରାଇଟ ରହିଛି। ବିଶେଷ କରି ବେନ୍ ଷ୍ଟୋକ୍ସ ଅବସରରୁ ଫେରିବା, ଲିଆମ ଲିଭିଂଷ୍ଟୋନ, ଜନି ବେୟାରଷ୍ଟୋ, ହାରି ବ୍ରୁକ୍ସଙ୍କ ପରି ବିସ୍ଫୋରକ ବ୍ୟାଟର ଓ ମୋଇନ ଅଲୀ ଓ କ୍ରିସ୍ ୱୋକ୍ସଙ୍କ ପରି ଅଲ୍‌ରାଉଣ୍ଡରଙ୍କ ଉପସ୍ଥିତି ଦଳକୁ ମଜଭୁତ କରିଛି। ଆଇପିଏଲ୍‌ରେ ଖେଳିବା ଅଭିଜ୍ଞତା ମଧ୍ୟ ବେଶ୍ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଆଇସିସି ଟୁର୍ନାମେଣ୍ଟ ଗୁଡ଼ିକରେ ସବୁବେଳେ ନିଜର ଉପସ୍ଥିତି ଜାହିର କରିଛି। ୨୦୧୫ ଓ ୨୦୧୯ ଦିନିକିଆ ବିଶ୍ୱକପ ଏବଂ ୨୦୨୧ ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଏହି ଦଳ ନିଜ ଦକ୍ଷତା ପ୍ରମାଣିତ କରିଛି।

### ସିକିମ୍‌ରେ ...

ବାଲୁଅତାର ବ୍ରିଜ୍ ଏବଂ ଲାନ୍‌କୋ ହାଇଡେଲ୍ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଥିବା ଅନ୍ୟ ଏକ ବ୍ରିଜ୍ ବନ୍ୟାରେ ଭୁଶୁଡ଼ି ପଡ଼ିଛି। ହଜାର ହଜାର ଲୋକ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଙ୍ଗାନ୍, ଗାଙ୍ଗ୍‌ଟକ, ପାକ୍ୟୋଙ୍ଗ ଏବଂ ନାମଚିର ବହୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସିଙ୍ଗ୍‌ଟାମ୍ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ବୁଧବାର କଥା ହୋଇ ବନ୍ୟା ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ୩ଟି ଟିମ୍ ନିୟୋଜିତ କରିଛି। ଉକ୍ତ ଟିମ୍ ୭ ଜଣଙ୍କୁ ଉଦ୍ଧାର କରିଛି। ନିଖୋଜ ଯବାନ ଓ ସାଧାରଣ ଲୋକଙ୍କୁ ଖୋଜି ବାହାର କରିବା ଲାଗି ଜୋର୍‌ଦାର ଉଦ୍ୟମ ଜାରି ରହିଛି।

### ମାନସ ମଙ୍ଗରାଜ ...

ନିର୍ବାଚିତ ହୋଇଥିଲେ। ଇତିମଧ୍ୟରେ ସେ ରାଜ୍ୟ ସଭାରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଅନେକ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି।

### ରସାୟନ ବିଜ୍ଞାନରେ ...

ଉକ୍ତ କଣିକା ରାସାୟନିକ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରାଇବା ସହ ଏହାର ସ୍ୱଷ୍ଟ ଆଲୋକ ଟ୍ୟୁମର ଟିସ୍ୟୁଗୁଡ଼ିକୁ ଆଲୋକିତ କରିଥାଏ, ଯାହା ସର୍ଜନଙ୍କ ପାଇଁ ଆବଶ୍ୟକ ହୋଇଥାଏ। କ୍ୱାଣ୍ଟମ୍ ଡଟ୍‌ସ ଇଲେକ୍ଟ୍ରୋନ୍‌ଗୁଡ଼ିକ ଗତିଶୀଳତାରେ ବାଧକ ହୋଇଥିବାରୁ ସେମାନେ ଦୃଶ୍ୟମାନ ଆଲୋକ ଗ୍ରହଣ କରିବା ସହ ଛାଡ଼ିଥାଆନ୍ତି ଓ ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗୀନ ଆଲୋକ ଦେଇଥାନ୍ତି। ଏହି ପୁରସ୍କାର ଘୋଷଣା ହେବା ପୂର୍ବରୁ ବିଜେତା ବୈଜ୍ଞାନିକମାନଙ୍କ ନାଁ ସୁଇଡେନ୍‌ର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିପରି ପ୍ରେସ୍ ବିଜ୍ଞପ୍ତି ବାହାରକୁ ଗଲା ତାହାର ଅନୁଧ୍ୟାନ କରାଯାଉଥିବା ଏକାଡେମୀର ମହାସଚିବ ହାନ୍ସ ଏଲେଗ୍ରେନ୍ କହିଛନ୍ତି।

### ତ୍ରୁଟି ସଂଶୋଧନ

୪ ଅକ୍ଟୋବରରେ ପ୍ରକାଶିତ 'ପଦାର୍ଥ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ' ଖବରରେ ବିଜେତାମାନଙ୍କୁ ୧୦ ଅକ୍ଟୋବରରେ ପୁରସ୍କାର ଦିଆଯିବ ବୋଲି ଭୁଲ୍‌ବଶତଃ ଲେଖାଯାଇଥିଲା। ପ୍ରକୃତରେ ଆସନ୍ତା ୧୦ ଡିସେମ୍ବରରେ ସେମାନଙ୍କୁ ପୁରସ୍କୃତ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ସମସ୍ୟା ସୃଷ୍ଟିକରି ନିରୁତ୍ସାହିତ କରିପାରେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ କ୍ଷତିରେ ପଡ଼ିବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂର ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଘରକୁ ବହୁତ ଦିନରୁ ଇଚ୍ଛାକରି ମଧ୍ୟ ଆଣି ପାରି ନ ଥିବା ଜିନିଷଟି ଆଜି ଆଣିପାରନ୍ତି। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସହକର୍ମୀଟିର ମନୋଭାବ ବଦଳି ଯାଇପାରେ।

**ମିଥୁନ** ଆଜି ନିଜ ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବାକୁ ପଡ଼ିବ। ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଯେତେପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** ନୂତନ ସ୍ଥାନ, କାମ ଏବଂ ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧିପାଇବ। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ।

**ସିଂହ** ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନକଥା ଅପ୍ରକାଶ୍ୟ ରହିଯିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**କନ୍ୟା** ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ଭାବୁଥିବା କାମଟିକୁ ଶେଷ କରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଯାହା ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ଆପଣଙ୍କ ସକାଶେ ଘରଲୋକଙ୍କ ବ୍ୟସ୍ତ ଓ ବିବ୍ରତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜଆଡ଼କୁ ଅଙ୍ଗୁଳି ଦେଖାଇପାରନ୍ତି। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା** ନିଜ ପରିସରର ଲୋକମାନେ ଅପଯଶ ଗାଇ ବୁଲିବେ, ଯଦ୍ୱାରା କି ଆପଣଙ୍କ ମନୋବଳ ହ୍ରାସ ପାଇବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧହୋଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକପ୍ରକାର ଖୁସି ରହିବ। ଭଲମନ୍ଦର ବିଚାର ଅଭାବରୁ ସଙ୍ଗଦୋଷଜନିତ ସମାଲୋଚିତ ହୋଇପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ଅର୍ଥହାନି ସାଙ୍ଗକୁ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣସୂତ୍ରରେ ଅର୍ଥଲାଭ କରିବେ। ମାଲି ମକଦ୍ଦମାରେ ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି।

**ମକର** କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ଯାହା କରିବା କଥା ଧାରକରି କରିବାକୁ ବାଧ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ।

**କୁମ୍ଭ** ବ୍ୟସ୍ତ ନ ହୋଇ ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାରୁ ସମ୍ଭାବ୍ୟ ସହଯୋଗର ଆଶା କରାଯାଇପାରେ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ। ଅତୀତରେ ଯିଏ ଶତ୍ରୁତା କରୁଥିଲା ସେ ମଧ୍ୟ ଆପଣାଆଡ଼ୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବ। ସମସ୍ୟା ଆପଣାଛାଏଁ ସୁଧୁରିଯିବ, କିନ୍ତୁ ଶାରୀରିକ ସୁସ୍ଥତା ନ ଥିବାରୁ ଉପଭୋଗ୍ୟ ହେବନାହିଁ। ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ଗୁରୁବାର, ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫।୪୧ମି. ଗତେ ଘ.୦୭।୦୬ମି. ମଧ୍ୟେ, ଘ.୦୬।୧୭ମି. ଗତେ ଘ.୦୯।୩୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୦୧।୦୩ମି. ଗତେ ଘ.୦୨।୩୧ମି. ମଧ୍ୟେ ରାହୁକାଳ ॥

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା

# ପୁରାଣରେ ଧାନଦେବୀ



ଦେବଦତ୍ତ ପଟ୍ଟନାୟକ

ଧାନ ସହ ମଣିଷର ସମ୍ପର୍କ କାହିଁ କେଉଁ ଅନାଦି କାଳର। ଧାନଚାଷ କରି ସେଥିରୁ ଚାଉଳ ପ୍ରସ୍ତୁତ କରିବା ଧାରା ମଧ୍ୟ ବହୁ ପୁରାତନ। ଧାନକୁ ନେଇ ଅତି ପ୍ରାଚୀନ ଲୋକକଥା ବା ଏ ସମ୍ପର୍କିତ ପୌରାଣିକ କାହାଣୀମାନ ରହିଛି। ଓଡ଼ିଶାରେ ଏଭଳି କାହାଣୀ ବିଶେଷକରି ବଣ୍ଡା ଜନଜାତିଙ୍କ ମଧ୍ୟରେ ପ୍ରଚଳିତ। ଓଡ଼ିଶାର ବଣ୍ଡା ଜନଜାତିଙ୍କର ମୁଣ୍ଡା ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ସ୍ଥାନରୁ ଭାରତକୁ ପ୍ରବେଶ କରି ରହିଥିବା ଅନ୍ୟ ଜନଜାତିଙ୍କ ସହ ସମ୍ପର୍କ ରହିଛି। ବଣ୍ଡାମାନେ ଆଜକୁ ୪,୦୦୦ରୁ ଅଧିକ ବର୍ଷ ପୂର୍ବେ ଭାରତକୁ ଆସିଥିଲେ। ସେହି ସମୟରେ ସେମାନେ ଧାନଚାଷ ସମ୍ପର୍କିତ ଜ୍ଞାନକୌଶଳ ସାଥିରେ ନେଇ ଭାରତକୁ ଆସିଥିଲେ। ବଣ୍ଡାଙ୍କ ମତରେ, ପ୍ରାଚୀନ କାଳରେ ଧାନ ଉଡ଼ିପାରୁଥିଲା ଏବଂ ମଣିଷ ଖାଇପାରୁଥିଲା। ସମୟକ୍ରମେ କିନ୍ତୁ ସେମାନେ ସ୍ମରଣ ଶକ୍ତି ହରାଇବସିଲେ। ମଣିଷ ଧାନର ସବୁ ନାମ ମନେରଖିପାରିଲା, କିନ୍ତୁ ଧାନ ସବୁ ଲୋକଙ୍କ ନାମ ମନେପକାଇ ପାରିଲା ନାହିଁ। ଏଭଳି ଘଟିବା ପରେ ଧାନ ବା ଚାଉଳ ମଣିଷର ଖାଦ୍ୟ ପାଲଟିଗଲା। ବଣ୍ଡା ଲୋକମାନଙ୍କର ମହାନ୍ ବୀର ଭୀମ ଧାନର ଡେଣା କାଟିଦେଇ ତାହାକୁ ପୃଥିବୀକୁ ଆଣିଲେ ଏବଂ ସେସବୁକୁ ଚାଷ କରି ସେଥିରୁ ଚାଉଳ ପ୍ରସ୍ତୁତ କରି ଖାଇଲେ। ଧାନଚାଷକୁ ନେଇ ଏହା ସମ୍ଭବତଃ ସବପୁରାତନ ପୁରାଣ ମଧ୍ୟରୁ ଗୋଟିଏ। ଅନ୍ୟ ଏକ କାହାଣୀ ମଧ୍ୟ ବଣ୍ଡା ଜନଜାତିଙ୍କ ମଧ୍ୟରେ ରହିଆସିଛି। ପୃଥିବୀରେ ଖାଦ୍ୟଶସ୍ୟଗୁଡ଼ିକ ପଚିଯାଉଥିଲା। ଏହା ଦେଖି ମହାପ୍ରଭୁ କିମ୍ବା ବଣ୍ଡା ଜନଜାତିର ବଡ଼ ଦେବତା ତାଙ୍କ କୌପିନକୁ ଚିରି ସେଥିରେ ଧାନକୁ ବାନ୍ଧିଲେ। ତା'ପରେ ସେ ଏହାକୁ ମୟୂର ମୁଣ୍ଡରେ ରଖିଲେ, ଯାହା ମୟୂରର ମୁଣ୍ଡରେ ଚୂଳ ଭାବେ ଶୋଭାପାଇଆସୁଛି।

ବୈଦିକ ସାହିତ୍ୟରେ ଧାନକୁ ନେଇ ପୌରାଣିକ କଥା ଦେଖିବାକୁ ମିଳେନାହିଁ। କିନ୍ତୁ ବୌଦ୍ଧ ପୁରାଣରେ ଏ ସମ୍ପର୍କରେ ଉଲ୍ଲେଖ ଅଛି। ସେଥିରେ କୁହାଯାଇଛି ଯେ, ଚାଉଳ ସବୁଠୁ ପବିତ୍ର ସ୍ଥାନରେ ଥିଲା। କିନ୍ତୁ ମୋହ ବା କାମନା କାରଣରୁ ଏହା ଭୂମି ସହିତ ନିଜକୁ ସଂଲଗ୍ନ କଲା।



ଫଳରେ ତା' ଉପରେ ଚୋପା ସୃଷ୍ଟି ହୋଇଥିଲା ଏବଂ ତାହା ହଜମ କରିବା କଷ୍ଟକର ହୋଇଗଲା। ଏହି କାରଣରୁ ଆମକୁ ଧାନରୁ ଚାଉଳ ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଲା। ବୁଦ୍ଧ ଧାନ ବା ଚାଉଳକୁ ଏତେ ଭଲ ପାଉଥିଲେ ଯେ ସେ ସମନ୍ୱିତ ଜଳସେଚିତ ଧାନକ୍ଷେତର ମୂଲ୍ୟକୁ ମନେ ପକାଇବା ପାଇଁ ବର୍ଗାକାର ଢାଞ୍ଚାରେ ସିଲେଇ ହୋଇଥିବା ପୋଷାକ ପିନ୍ଧିବାକୁ ତାଙ୍କ ଭିକ୍ଷୁକମାନଙ୍କୁ କହିଥିଲେ।

ଦକ୍ଷିଣ-ପୂର୍ବ ଏସିଆରେ ଧାନ ସମ୍ପର୍କିତ ପୌରାଣିକ କଥା ଅଧିକ ଦେଖିବାକୁ ମିଳେ। ଇଣ୍ଡୋନେସିଆରେ ଦେବତାମାନଙ୍କର ରାଜା ବଟାରା ଗୁରୁ ସମସ୍ତ ଦେବତାଙ୍କୁ ତାଙ୍କ ପାଇଁ ଏକ ପ୍ରାସାଦ ନିର୍ମାଣ କରିବାକୁ କହିଥିଲେ। ପୃଥିବୀ ଧରିଥିବା ସର୍ପ ଅନନ୍ତ ଶେଶାଙ୍କର ରାଜପ୍ରାସାଦ ନିର୍ମାଣରେ ସାହାଯ୍ୟ କରିବାକୁ ହାତ ଓ ପାଦ ନ ଥିଲା। ତେଣୁ ଏହା ବଦଳରେ ସେ ବଟରା ଗୁରୁଙ୍କୁ ତାଙ୍କ ନିକଟରେ ଥିବା ଅନେକ ମଣି ଅଣ୍ଡାରୁ ଗୋଟିଏ ପ୍ରଦାନ କଲେ। ଏହି ମଣି ଅଣ୍ଡାରୁ ଏକ ସୁନ୍ଦରୀ ମହିଳା ଆବିର୍ଭାବ ହୋଇଥିଲେ। ତାଙ୍କ ନାମ ଥିଲା ଦେବୀ ଶ୍ରୀ। ସମସ୍ତ ଦେବତା ତାଙ୍କ ପ୍ରେମରେ ପଡ଼ିଗଲେ। ଏଣୁ ତାଙ୍କୁ ପାଇବା ଲାଗି ଦେବତାଙ୍କ ମଧ୍ୟରେ ଝଗଡ଼ା ଲାଗିରହିଲା ଓ ଏହାକୁ ରୋକିବା ଲାଗି ସେହି ଦେବୀଙ୍କୁ ହତ୍ୟା କରାଯାଇଥିଲା। ପରେ ଦେବୀଙ୍କୁ ପୃଥିବୀରେ ପୋତି ଦିଆଗଲା। ତା'ପରେ ତାଙ୍କ ଶରୀରର ବିଭିନ୍ନ ଅଂଶରୁ ବିଭିନ୍ନ ଉଦ୍ଭିଦ ଜାତ ହେଲା ଯାହା ଧାନ, ପାନ ଏବଂ ବାଉଁଶ ଭଳି ଅର୍ଥକରୀ ଫସଲ ଭାବରେ ଗଣାହେଲା।

ଥାଇଲାଣ୍ଡରେ ଧାନଦେବୀଙ୍କୁ ଚାଷୀଙ୍କ ପତ୍ନୀମାନେ ଅଭିଶାପ ଦେଇଥିଲେ। ସେମାନଙ୍କ ସ୍ୱାମୀମାନେ ଧାନଦେବୀ ପ୍ରତି ଅଧିକ ଧ୍ୟାନ ଦେଉଥିବାରୁ ସେମାନେ ଏଭଳି ଅଭିଶାପ ଦେଇଥିଲେ। ଧାନଦେବୀଙ୍କୁ ଏହା ବହୁତ ଖରାପ ଲାଗିଲା ଏବଂ ତାଙ୍କର ସବୁଠୁ ଭଲ ବନ୍ଧୁ ମଧୁର ଜଳ ମାଛ ସହିତ ଅନ୍ଧକାରକୁ ପଳାଇଥିଲେ। ଲୋକମାନେ କ୍ଷମା ମାଗି ତାଙ୍କୁ ସମ୍ମାନ ଜଣାଇବାକୁ ରାଜି ନ ହେବା ଯାଏ ସେହିଭଳି ରହିଥିଲେ। ଧାନର ବନ୍ଧୁ ମଧୁର ଜଳ ମାଛ ବୋଲି ଯେଉଁ ବିଚାରଧାରା ରହିଛି, ତାହା ଭାରତୀୟ ଧାନ ସମ୍ପର୍କିତ ପୌରାଣିକ କାହାଣୀରେ ମଧ୍ୟ ପୁନରାବୃତ୍ତି ହୋଇଥିବା ଲକ୍ଷ୍ୟ କରାଯାଏ। ମଣିପୁରର ବିଭିନ୍ନ ଅଞ୍ଚଳରେ ଥିବା ମେଇତି ସମ୍ପ୍ରଦାୟର ଲୋକମାନେ ମଧ୍ୟ ଧାନଦେବୀଙ୍କ କଥା କହନ୍ତି। ସେମାନଙ୍କ ମତରେ ଧାନଦେବୀଙ୍କର ଅନେକ ପ୍ରେମିକ ଅଛନ୍ତି। କିନ୍ତୁ ଶେଷରେ ସେ ଦୂରେଇ ଯାଇ ସେମାନଙ୍କ ହୃଦୟ ଭାଙ୍ଗି ଦେଇଛନ୍ତି। ତାଙ୍କର ସବୁଠାରୁ ବଡ଼ ଶତ୍ରୁ ହେଉଛି ହରିଣ । ହରିଣ ଅଭିଶାପ ପାଇଛି ଯେ, ଯଦି ସେ ଧାନ ଖାଇବ; ତେବେ ସେ ତାହାର ଦାନ୍ତ ହରାଇବ। ତାଙ୍କର ସବୁଠୁ ଭଲ ବନ୍ଧୁ ହେଉଛି ଏକ ମାଛ। ସେହି ମାଛ ତାଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିବା ଲୋକମାନଙ୍କଠାରୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା।

ଲାଓସ୍‌ରେ ମଧ୍ୟ ଧାନକୁ ନେଇ ଜଣେ କୃଷକର କାହାଣୀ ଦେଖିବାକୁ ପାଇଥାଉ। ସେ ଖାଦ୍ୟ ପାଇବାକୁ ଚେଷ୍ଟାକରି ନିରାଶ ହେବା ପରେ ଶେଷରେ ଗୋଟିଏ ସୁନା ମାଛକୁ ଧରି ନେଲେ। ସୁବର୍ଣ୍ଣ ମାଛକୁ ବଞ୍ଚାଇବା ପାଇଁ ମାଛ ରାଜା ମଣିଷକୁ ଚାଉଳ ଦେଇଥିଲେ। ପରେ ଯେତେବେଳେ ଜଣେ ରାଜା ଚାଉଳକୁ ଏକ କୋଠରିରେ ବନ୍ଦ କରିଦେଲେ, ସେତେବେଳେ ଲୋକମାନେ ପୁନର୍ବାର ଭୋକରେ ରହିବାକୁ ଲାଗିଲେ। ଗୋଟିଏ ଉଇ ଧାନଦେବୀଙ୍କୁ ପାଇଲେ ତାଙ୍କୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ। ସେଥିରୁ ବିଭିନ୍ନ ପ୍ରକାର ଧାନ କଳା ଧାନ, ଧଳା ଧାନ, କଠିନ ଧାନ ଆଦି ସୃଷ୍ଟି ହେଲା। ଉଇ ଏତେ ପ୍ରକାର ଧାନ ସୃଷ୍ଟି କଲା ଯେ, ରାଜା ସେସବୁକୁ ନିୟନ୍ତ୍ରଣ କରିପାରିଲେ ନାହିଁ।

-devduttofficial@gmail.com

# ଏମାନେ ମହାନ୍



ତପସ୍ୱିନୀ ପଟ୍ଟନାୟକ

ପ୍ରଛାତ୍ର ମଧ୍ୟରେ ଥିବା ପ୍ରତିଭା ଆଉ ସାମର୍ଥ୍ୟ ଚିହ୍ନଟ କରିବାରେ ମଧ୍ୟ ଶିକ୍ଷକଙ୍କ ଭୂମିକା ଖୁବ୍ ଅଧିକ। ଶିକ୍ଷାର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ କ୍ୟାରିଅର ଗଢ଼େ ସେତେବେଳେ ଶିକ୍ଷକ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି। ଉପଯୁକ୍ତ ପ୍ରୋତ୍ସାହନ, ସାହସ ଓ ରାସ୍ତା ଦେଖାଇ ଜଣେ ଶିକ୍ଷକ ପରବର୍ତ୍ତୀ ପିଢ଼ି ପାଖରେ ସବୁ ସୁଗୁଣ ଭରି ଦେଇ ସୁନାଗରିକ ଭାବରେ ଗଢ଼ିଦେଇପାରନ୍ତି ତାକୁ। ଯେତେବେଳେ ଶିଶୁଟିଏ ପ୍ରଥମକରି ମାଆବାପାଙ୍କ ହାତଧରି ସ୍କୁଲରେ ପହଞ୍ଚେ ସେହିଠାରେ ଶିକ୍ଷକ ଛାତ୍ର ସମ୍ପର୍କର ମୂଳଦୁଆ ପଡ଼େ। ଏହି ମୂଳଦୁଆ ଉପରେ ଠିଆହୁଏ ଭବିଷ୍ୟତର ସମ୍ପର୍କ। ପ୍ରତିଟି ସୋପାନରେ ସମ୍ପର୍କ ବଦଳେ କିନ୍ତୁ ମୂଳଦୁଆ ସମାନ ଥାଏ। ଧୀରେ ଧୀରେ ଶିକ୍ଷକ ସାଥୀ, ସମୀକ୍ଷକ, ପଥପ୍ରଦର୍ଶକ, ସହଯୋଗୀ ପାଲଟିଯାଆନ୍ତି। ସେଥିପାଇଁ ଖ୍ୟାତନାମା ଆମେରିକୀୟ ଇତିହାସକାର ହେନ୍‌ରୀ ଆଡାମ୍ସ କହିଥିଲେ - ଶିକ୍ଷକର ପ୍ରଭାବ ଅସୀମ, ସେ କେବେ କହିପାରିବ ନାହିଁ କେତେବେଳେ ଛାତ୍ର ଜୀବନ ଉପରେ ତା' ବ୍ୟକ୍ତିତ୍ୱର ପ୍ରଭାବ ପଡ଼ିବା ଶେଷ ହୋଇଯିବ। ସେଥିପାଇଁ ମହାନ୍ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଛନ୍ତି- ପିତା ମାତାଙ୍କଠାରୁ ଶିକ୍ଷକ(ଗୁରୁ) ଆହୁରି ସମ୍ମାନ୍‌ନୀୟ। ପିତାମାତା ଜନ୍ମଦିଅନ୍ତି କିନ୍ତୁ ଗୁରୁ ପ୍ରକୃତ ଅର୍ଥରେ ଜୀବନ ଦିଅନ୍ତି, ବଞ୍ଚିବାର କଳା ଶିଖାନ୍ତି।

ପୁରାକାଳରେ ଯେଉଁମାନେ ଜୀବନର ଅନେକ ବର୍ଷ ଅଧ୍ୟୟନ ଓ ଗବେଷଣାରେ ବ୍ୟୟ କରୁଥିଲେ ସେମାନେ ପରବର୍ତ୍ତୀ ପିଢ଼ିକୁ ଶିକ୍ଷିତ କରିବାର ଦାୟିତ୍ୱ ନେଉଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା କିଛି ମହାନ୍ ଭାରତୀୟ ଶିକ୍ଷକଙ୍କୁ। ଚାଣକ୍ୟ(ଖ୍ରୀ:ପୂ.୩୭୦-୨୮୩): କୌଟିଲ୍ୟ ବା ବିଷ୍ଣୁଗୁପ୍ତ ଭାବରେ ସେ ଇତିହାସରେ ଖ୍ୟାତ। ଭାରତରେ ମୌର୍ଯ୍ୟବଂଶ ସ୍ଥାପନରେ ତାଙ୍କର ଭୂମିକା ସବୁଠାରୁ ଅଧିକ। ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଶିକ୍ଷାଗ୍ରହଣ ପରେ ସେ ସେହିଠାରେ ଆଚାର୍ଯ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏବଂ ନୀତିଶାସ୍ତ୍ର ଆଜି ମଧ୍ୟ ପ୍ରଯୁଜ୍ୟ। ଅତ୍ୟାଚାରୀ ରାଜା ଧନ ନନ୍ଦଙ୍କୁ ବିତାଡ଼ିତ କରି ନିଜର ଛାତ୍ର ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସେ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ। ଆର୍ଯ୍ୟଭଟ୍ଟ (୪୭୬-୫୫୦ ଖ୍ରୀ.ପୂ): ପାଟଳିପୁତ୍ର ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଏହି ମହାନ୍ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଦ୍। ବିଶ୍ୱାସ କରାଯାଏ, ପରବର୍ତ୍ତୀ ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ହେଲେ। ସେ ସମୟରୁ ଉଭୟ ସ୍ଥାନରେ ମହାଜାଗତିକ ନିରୀକ୍ଷଣାଗାର ସ୍ଥାପନ କରିଥିଲେ। ତ୍ରିକୋଣମିତି ଓ ଆଲ୍‌ଜେବ୍ରା ବିଶ୍ୱ ଗଣିତ ଜଗତକୁ ଆର୍ଯ୍ୟଭଟ୍ଟଙ୍କର ଅବଦାନ। ସାବିତ୍ରୀ ବାଈ ଫୁଲେ(୧୮୩୧-୯୭): ସାବିତ୍ରୀ ବାଈ ଜ୍ୟୋତିରାଓ ଫୁଲେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଥମ ମହିଳା ଶିକ୍ଷୟିତ୍ରୀ। ୧୮୪୮ରେ ସେ ତାଙ୍କ ସ୍ୱାମୀଙ୍କ ସହ ମିଶି ଝିଅମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ। ଝିଅମାନଙ୍କୁ ଶିକ୍ଷାଦେବା ଲାଗି ସଚେତନତା ସୃଷ୍ଟି କରୁଥିବାରୁ ସେ ସମୟର ସମାଜରେ ତାଙ୍କୁ ଖୁବ୍ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ୧୮୪୮ ମସିହା ଶେଷବେଳକୁ ସେ ପୁନେରେ ୫ଟି ବାଳିକା ବିଦ୍ୟାଳୟ ସ୍ଥାପନ କରିପାରିଥିଲେ। ରବୀନ୍ଦ୍ରନାଥ ଟାଗୋର (୧୮୬୧-୧୯୪୧): କବିଗୁରୁ ଭାବେ ଖ୍ୟାତ ଟାଗୋର ପୁରାତନ ଭାରତର ଗୁରୁକୁଳ ସଂସ୍କୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଛତଳେ ବସି ପାଠ ପଢ଼ୁଥିଲେ। ସେ ନୋବେଲ ପୁରସ୍କାରରୁ ଲବ୍ଧ ସମସ୍ତ ଅର୍ଥ ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଓ ପରିଚାଳନାରେ ବ୍ୟୟ କରିଥିଲେ। ପ୍ରେମ୍‌ଚାନ୍ଦ(୧୮୮୦-୧୯୩୬):ଆଧୁନିକ ଭାରତୀୟ ସାହିତ୍ୟକୁ ନୂତନ ରୂପ ଦେଇଥିବା ପ୍ରେମ୍‌ଚାନ୍ଦ ପେସାରେ ଜଣେ ଶିକ୍ଷକ ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ଥିଲେ ପ୍ରେମ୍‌ଚାନ୍ଦ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍(୧୮୮୮-୧୯୭୫): ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡ. ରାଧାକ୍ରିଷ୍ଣନ୍ ଜଣେ ଶିକ୍ଷକ ଭାବେ ପରିଚିତ ହେବାରେ ନିଜକୁ ଗୌରବାନ୍ୱିତ ମନେକରୁଥିଲେ। ମାଡ୍ରାସ ରେସିଡେନ୍ସି କଲେଜରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ।

**ଅଧ୍ୟକ୍ଷା, ଡ୍ରିମ୍ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡିଏ, କଟକ**

## ଏଇ ଭାରତରେ

ଜୀବନରେ ବହୁ ଝଡ଼ଝଞ୍ଜା ସହି ଅସହାୟଙ୍କ ସାହାରା ପାଲଟିଛନ୍ତି ରାଜସ୍ଥାନର ସୁମନ ମାଡଲ ମେହରା। ସେ ଏବେ ସୁଦ୍ଧା ୧୦୦୦ରୁ ଅଧିକ ଅସହାୟ ଲୋକଙ୍କୁ ମାଗଣାରେ ଚିକିତ୍ସା କରି ସୁସ୍ଥ କରିବା ସହ ସେମାନଙ୍କ ଆତ୍ମୀୟଙ୍କ ନିକଟରେ ପହଞ୍ଚାଇସାରିଲେଣି। କେବଳ ଏତିକି ନୁହେଁ ସେ ମାନବ ସେବା ଆଶ୍ରମ ନାମକ ଏକ ଆଶ୍ରୟ ସ୍ଥଳ ନିର୍ମାଣ କରି ସେଠାରେ ୫୦ ଜଣ ଅସହାୟ ଲୋକଙ୍କୁ ରଖିଛନ୍ତି। ସେମାନଙ୍କ ଖାଇବା ଓ ଚିକିତ୍ସା ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ସୁମନ ଜଣେ ଗରିବ ଘରର ଝିଅ ଥିଲେ। ମାତ୍ର ୧୪ ବର୍ଷ ବୟସରେ ତାଙ୍କର ବାହାଘର ହୋଇଥିଲା। ପରେ ସେ ଆତ୍ମନିର୍ଭର ହେବା ପାଇଁ ନର୍ସିଂ ପଢ଼ିବାକୁ ସ୍ଥିର କରିଥିଲେ। ଅର୍ଥାଭାବ ଏଥିରେ ବାଧକ ସାଜିଥିଲେ ମଧ୍ୟ ତାଙ୍କ ସ୍ୱାମୀ ଦିନମଜୁରିଆ ଭାବେ କାମ କରି ସେହି ରୋଜଗାରରେ ପରିବାର ଚଳାଇ ସୁମନଙ୍କୁ ପଢା ଖର୍ଚ୍ଚ ଯୋଗାଇଦେଇଥିଲେ। ସୁମନ ନର୍ସିଂରେ ଡିଗ୍ରୀ ହାସଲ କରି ଏକ ହସ୍ପିଟାଲରେ ଚାକିରି କଲେ। ଥରେ ସଡ଼କରେ ଜଣେ ଅପରିଚିତ ଅସହାୟ ଲୋକ ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଚିକିତ୍ସା କରି ସୁସ୍ଥ କରିଥିଲେ। ସେହି ଘଟଣା ତାଙ୍କୁ ରାସ୍ତାକଡ଼ରେ ରହୁଥିବା ଅନ୍ୟ ଅସହାୟମାନଙ୍କ ସେବା ଲାଗି ପ୍ରେରିତ କରିଥିଲା। ଏବେ ଏହି କାର୍ଯ୍ୟ ପାଇଁ ସାମାଜିକ ସ୍ତରରୁ ବହୁ ସହଯୋଗ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୮

- ଅନ୍ତର୍ଘାତୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଇରାନର ଜାହେଦାନଠାରେ ୪ କଠୋରପନ୍ଥ ଇସ୍‌ଲାମୀୟ ତାଲିବାନ ଉଗ୍ରବାଦୀ ଗିରଫ।
- ଥାଣେର ଉପକଣ୍ଠସ୍ଥିତ ଏକ ହୋଟେଲରେ କିରାସିନି ସିଲିଣ୍ଡର ଫାଟି ବିସ୍ଫୋରଣ ଘଟିବା ଫଳରେ ୧୧ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | 5 |
| | | 4 | 2 | | | | | |
| 1 | 6 | | | | | | 9 | |
| | | 2 | | | | | | 8 |
| | | 3 | 9 | | 4 | 6 | 1 | |
| 5 | | | | | 1 | 3 | | |
| | | | 7 | 1 | | 5 | 8 | |
| | | | | | | | | 6 |
| | | | | | | 1 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 9 | 1 | 7 | 4 | 5 | 2 |
| 5 | 9 | 2 | 3 | 4 | 8 | 6 | 7 | 1 |
| 1 | 4 | 7 | 2 | 5 | 6 | 8 | 3 | 9 |
| 6 | 5 | 1 | 4 | 8 | 3 | 9 | 2 | 7 |
| 7 | 8 | 3 | 1 | 9 | 2 | 5 | 6 | 4 |
| 4 | 2 | 9 | 6 | 7 | 5 | 3 | 1 | 8 |
| 3 | 6 | 4 | 8 | 2 | 1 | 7 | 9 | 5 |
| 9 | 1 | 5 | 7 | 6 | 4 | 2 | 8 | 3 |
| 2 | 7 | 8 | 5 | 3 | 9 | 1 | 4 | 6 |

ଗତକାଲିର ଉତ୍ତର

# ବିକାଶ ନିମ୍ନମୁଖୀ



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ଶାସକ ଦଳ ସର୍ବଦା ନୂଆ ନୂଆ ସ୍ଲୋଗାନ୍ ଦେଉଛନ୍ତି। ପ୍ରଗତି, ବିକାଶ ହୋଇଛି ବୋଲି ବାରମ୍ବାର କହୁଛନ୍ତି। ଯିଏ କ୍ଷମତାରେ ଥା'ନ୍ତି, ସେମାନେ ନିଜ ସପକ୍ଷରେ କହିବା କିଛି ନୂଆକଥା ନୁହେଁ। କିନ୍ତୁ ବୁଦ୍ଧିଜୀବୀମାନେ ଠିକ୍ ତଥ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଚିତ, ଯାହା ସେମାନେ କରୁନାହାନ୍ତି। ତଥ୍ୟ କହୁଛି ବିକାଶ ନିମ୍ନମୁଖୀ। କେବଳ ଲୋକଙ୍କ ଅର୍ଥରେ ତାଙ୍କ ପାଇଁ ଯୋଜନା କରିଦେଲେ ଲୋକ ଭଲରେ ଅଛନ୍ତି ବୋଲି ଭାବିବା ଭୁଲ୍। ଲୋକ ଭଲରେ ନାହାନ୍ତି ବୋଲି ତ ୮୦ କୋଟି ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବାକୁ ପଡୁଛି। ବର୍ତ୍ତମାନ ଲୋକଙ୍କ ଜୀବନର ମାନଦଣ୍ଡ ଓ କ୍ରୟଶକ୍ତି ହ୍ରାସ ପାଇଲାବେଳେ ସରକାର ମିଛ ସ୍ୱପ୍ନ ଦେଖାଇ ଚାଲିଛନ୍ତି। ଆଜି ଦେଶର ଅବସ୍ଥା, ଅର୍ଥନୀତିର ଅବସ୍ଥା ଭୟଙ୍କର L ଦାରିଦ୍ର୍ୟ, କ୍ଷୁଧା, ବେକାରି, ବୈଷମ୍ୟ ଭୟଙ୍କର। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି। ମିଳିତ ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ବିଶ୍ୱ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ-୨୦୨୧ ଅନୁସାରେ ଭାରତରେ ବହୁମୁଖୀ ଦାରିଦ୍ର୍ୟ ହାର ଜନସଂଖ୍ୟାର ୧୪.୪%। ନୀତି ଆୟୋଗ ଅନୁସାରେ, ଭାରତରେ ୨୦୧୯-୨୧ରେ ବହୁମୁଖୀ ଦାରିଦ୍ର୍ୟହାର ୧୪.୯୬% ବା ୨୦.୭୯ କୋଟିରୁ ଅଧିକ। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି। ସେଥିମଧ୍ୟରୁ ପ୍ରାୟ ୫୨% ଦେଶର ସହରାଞ୍ଚଳରେ ବାସକରନ୍ତି। ଭାରତରେ ବିଶ୍ୱର ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି ହେବ। ନେଦରଲାଣ୍ଡର ଜନସଂଖ୍ୟା ଅପେକ୍ଷା ଭାରତରେ ଆଧୁନିକ କ୍ରୀତଦାସ ଅଧିକ।

ବିକଶିତ ରାଷ୍ଟ୍ର ହେବା ବହୁ ଦୂରର କଥା, ସବୁ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି। ମୁଣ୍ଡପିଛା ଆୟଦୃଷ୍ଟିରୁ ଭାରତ ବିଶ୍ୱରେ ୧୪୨ତମ ସ୍ଥାନରେ ରହିଛି, ଅର୍ଥାତ୍ ଏହା ୧୪୧ ଦେଶ ତଳେ ଅଛି। ଏପରିକି ବାଂଲାଦେଶ ପଛରେ। ସେହିପରି ମୁଣ୍ଡପିଛା ଆୟ (କ୍ରୟଶକ୍ତି ସମତା)ଦୃଷ୍ଟିରୁ ଭାରତ ବିଶ୍ୱରେ ୧୨୭ତମ ସ୍ଥାନରେ ଅଛି ଅର୍ଥାତ୍ ଏହା ୧୨୬ଟି ଦେଶ ତଳେ। ବିଶ୍ୱର କ୍ଷୁଧା ସୂଚକାଙ୍କରେ ୨୦୨୨ ଅନୁସାରେ ୧୨୧ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୭। ଅର୍ଥାତ୍ ୧୦୬ଟି ଦେଶ ତଳେ କ୍ଷୁଧା ସ୍ତର ସାଙ୍ଘାତିକ। ପୁନଶ୍ଚ ସୁସ୍ଥ ଖାଦ୍ୟ ପାଇବାକୁ ଅସମର୍ଥ ଭାରତୀୟଙ୍କ ସଂଖ୍ୟା ବୃଦ୍ଧିପାଉଛି। ଭାରତ ମାନବ ବିକାଶ ସୂଚକାଙ୍କ ୨୦୨୧-୨୨ରେ ୧୯୧ଟି ଦେଶ ମଧ୍ୟରୁ ୧୩୨ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୩୧ ଦେଶ ତଳେ। ବିଶ୍ୱ ଖୁସି ସୂଚକାଙ୍କରେ ୨୦୨୩ରେ ଭାରତ ୧୪୯ଟି ଦେଶ ମଧ୍ୟରୁ ୧୨୬ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୨୫ ଦେଶ ତଳେ। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ୍ ପିସ୍‌ର ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୩ରେ ୧୬୩ଟି ଦେଶ ମଧ୍ୟରୁ ୧୨୬ତମ ସ୍ଥାନରେ ରହିଛି ଅର୍ଥାତ୍ ୧୨୫ଟି ଦେଶ ତଳେ। ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି।

ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ (ଏସ୍‌ଡିଏସ୍‌ଏନ୍)ର ସ୍ଥାୟୀ ବିକାଶ ସୂଚକାଙ୍କରେ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଦେଶର ଅଗ୍ରଗତି ଜଣାପଡ଼ିଥାଏ। ସ୍ଥାୟୀ ବିକାଶ ସୂଚକାଙ୍କ ୨୦୨୨ରେ ୧୬୩ଟି ଦେଶ ମଧ୍ୟରୁ ୧୨୦ତମ ସ୍ଥାନରେ ରହିଛି ଅର୍ଥାତ୍ ୧୧୯ଟି ଦେଶ ତଳେ। ୟେଲ୍ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପରିବେଶ ପ୍ରଦର୍ଶନ ସୂଚକାଙ୍କରେ ୨୦୨୨ରେ ଭାରତ ୧୮୦ଟି ଦେଶ ମଧ୍ୟରୁ ସର୍ବନିମ୍ନ ୧୮୦ ସ୍ଥାନରେ ରହିଛି। ଲେଗାଟମ ସମୃଦ୍ଧତା ସୂଚକାଙ୍କ ୨୦୨୩ରେ ଭାରତ ୧୬୭ ଦେଶ ମଧ୍ୟରୁ ୧୦୩ତମ ସ୍ଥାନ ହାସଲ କରିଛି। ଅର୍ଥାତ୍ ୧୦୨ଟି ଦେଶ ତଳେ ରହିଛି।



ହ୍ୟୁମାନ୍ କ୍ୟାପିଟାଲ ଇଣ୍ଡେକ୍ସ (ଏଚ୍‌ସିଏଲ୍) ୨୦୨୦ରେ ୧୭୪ଟି ଦେଶ ମଧ୍ୟରେ ଭାରତ ୧୧୬ତମ ସ୍ଥାନରେ ରହିଛି। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍‌ର ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଭାରତ ୧୩ତମ ସ୍ଥାନରେ ରହିଛି। ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ଅସମାନତା ଦୂର କରିବାର ସୂଚକାଙ୍କ (ସିଆର୍‌ଆଇଆଇ) ୨୦୨୦ରେ ୧୨୩ତମ ସ୍ଥାନରେ ଅର୍ଥାତ୍ ୧୨୨ ଦେଶ ତଳେ ରହିଛି। ସାମାଜିକ ପ୍ରଗତି ସୂଚକାଙ୍କ ୨୦୨୨ରେ ୧୧୦ତମ ସ୍ଥାନ ବା ୧୦୯ ଦେଶ ତଳେ ରହିଛି। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଡେଭେଲପମେଣ୍ଟ(ଆଇଏମ୍‌ଡି)ର ବିଶ୍ୱ ପ୍ରତିଯୋଗିତା ସୂଚକାଙ୍କ ୨୦୨୨ରେ ୩୭ତମ ସ୍ଥାନରେ (୩୬ ଦେଶ ତଳେ) ରହିଛି।

ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧିପାଇଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୧ ଅନୁଯାୟୀ, ଆତ୍ମହତ୍ୟା ଦେଶରେ କ୍ରମଶଃ ବୃଦ୍ଧିପାଉଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୨୯,୮୮୭ ଥିଲାବେଳେ ୨୦୨୧ରେ ଏହା ୧,୬୫,୦୩୩କୁ ବୃଦ୍ଧିପାଇଛି। ସେହିପରି ଛାତ୍ର ଆତ୍ମହତ୍ୟା ମଧ୍ୟ ଗତ ପାଞ୍ଚବର୍ଷ ହେଲା କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୦ରେ ଏହା ୧୨,୫୨୬ ଥିଲାବେଳେ ୨୦୨୧ରେ ୧୩,୦୮୯କୁ ବୃଦ୍ଧିପାଇଛି। ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତର ଯୁବକମାନଙ୍କ ମଧ୍ୟରେ ଉଦାସୀନତା ବା ଡିପ୍ରେସନ ହାର ୩୧%ରୁ ୫୭% ମଧ୍ୟରେ ରହିଛି । ୟୁନିସେଫ୍ ଆହୁରି ମଧ୍ୟ ରିପୋର୍ଟ କରିଛି ଯେ ଭାରତରେ ୧୫ରୁ ୨୪ ବର୍ଷ ବୟସର ସାତଜଣ ଯୁବକ/ଯୁବତୀଙ୍କ ମଧ୍ୟରୁ ଜଣେ ସର୍ବଦା ଉଦାସୀନ ଅନୁଭବ କରନ୍ତି କିମ୍ବା କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନାହିଁ। ଅପରପକ୍ଷରେ ଭାରତରେ ଧନୀ ଅଧିକ ଧନୀ ହେଉଛନ୍ତି।

କ୍ରେଡିଟ୍ ସୁଇସ୍ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ସ୍ୱିଜରଲାଣ୍ଡ (ୟୁବିଏସ୍) ମିଳିତ ଭାବରେ ଏକ ବିସ୍ତୃତ ତଥ୍ୟଭିତ୍ତିକ ବିଶ୍ୱ ସମ୍ପଦ ରିପୋର୍ଟ-୨୦୨୨ ଉନ୍ମୋଚନ କରିଛି। ବିଶେଷତଃ ଯେତେବେଳେ ସମଗ୍ର ବିଶ୍ୱରେ ହାରାହାରି ସମ୍ପଦ ହ୍ରାସ ପାଇଛି, ଭାରତରେ ତାହା ବୃଦ୍ଧି ପାଇଛି। ୨୦୨୨ ମସିହାରେ ଭାରତୀୟଙ୍କ ହାରାହାରି ସମ୍ପଦ ୪.୬% ବା ୬୭୫୫ ବିଲିୟନ ଡଲାର ବୃଦ୍ଧିପାଇ ୧୫.୪ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। କିନ୍ତୁ ପ୍ରଶ୍ନ ହେଉଛି ଏହି ଯେଉଁ ସମ୍ପଦ ବୃଦ୍ଧି ପାଇଛି ତାହା କାହା ପାଖକୁ ଯାଇଛି। ଆର୍ଥିକ ବୈଷମ୍ୟ ଗିନି କୋଏଫିସିଏଣ୍ଟ ଦ୍ୱାରା ଜଣାପଡ଼ିଥାଏ। ଗିନି କୋଏଫିସିଏଣ୍ଟ ଶୂନ ହେଲେ ଆଦୌ ବୈଷମ୍ୟ ନାହିଁ ଏବଂ ୧୦୦ ହେଲେ ସମ୍ପୂର୍ଣ୍ଣ ବୈଷମ୍ୟ। ୨୦୦୦ ମସିହାରେ ଗିନି କୋଏଫିସିଏଣ୍ଟ ୭୪.୬ ଥିଲା ଏବଂ ୨୦୨୨ରେ ୮୨.୫କୁ ବୃଦ୍ଧିପାଇଛି, ଯାହା ବୈଷମ୍ୟ ବୃଦ୍ଧି ସୂଚାଉଛି। ୨୦୨୨ ମସିହାରେ ଭାରତର ଧନୀ ୧%ଙ୍କ ହାତରେ ୪୦.୪% ସମ୍ପଦ ରହିଛି। ବିଶ୍ୱ ବୈଷମ୍ୟ ରିପୋର୍ଟ ୨୦୨୨ ଅନୁସାରେ, ବୈଷମ୍ୟ ସର୍ବାଧିକସ୍ତରରେ ପହଞ୍ଚିଛି ଏବଂ ଧନୀ ୧୦%ଙ୍କ ହାତରେ ୫୭% ସମ୍ପଦ ରହିଛି । ବ୍ରିଟିଶ ଉପନିବେଶ ଶାସନ ବେଳେ (୧୮୫୮-୧୯୪୭) ହାରାହାରି ୫୦% ଥିଲା। ଏଣୁ ବିକାଶ ଧନୀଙ୍କର ହୋଇଛି।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ବୈଷମ୍ୟ ଏକ ବିଷମ ସମସ୍ୟା

ମହାଶୟ,

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ହୋଇଥିବାରୁ ୨୦୩୦ ସୁଦ୍ଧା ଏହାର ଅର୍ଥନୀତି ବର୍ତ୍ତମାନ ୩.୭ ଟ୍ରିଲିୟନ୍‌ରୁ ବଢ଼ି ୬ ଟ୍ରିଲିୟନ ଡଲାର ହେବ ଓ ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହେବ ବୋଲି କେନ୍ଦ୍ର ସରକାର ଓ ବିଭିନ୍ନ ରେଟିଂ ସଂସ୍ଥା ପୂର୍ବାନୁମାନ କରୁଛନ୍ତି। ମାତ୍ର ଭାରତୀୟ ଅର୍ଥନୀତି ପାଇଁ ମୁଖ୍ୟ ବାଧକରୂପେ ଠିଆ ହୋଇଥିବା କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବୈଷମ୍ୟ ଉପରେ କେହି ପାଟି ଖୋଲୁ ନାହାନ୍ତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରେ। ମାତ୍ର ଦେଶବାସୀ ବିକଶିତ ହୋଇପାରିବେ ନାହିଁ। ସମାବେଶୀ ବିକାଶ ସମ୍ଭବ ହେବ ନାହିଁ। ଅର୍ଥାତ ଧନୀମାନେ ଅଧିକ ଧନୀ ହେବେ ଓ ସେମାନଙ୍କ ସଂଖ୍ୟା ବଢ଼ିବ। ମାତ୍ର ଗରିବ ଓ ମଧ୍ୟବିତ୍ତଙ୍କ ସଂଖ୍ୟା ବଢ଼ିଲେ ମଧ୍ୟ ସେମାନଙ୍କର ଆଖିଦୃଶିଆ ଉନ୍ନତି ହୋଇପାରିବ ନାହିଁ। କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବୈଷମ୍ୟରେ ହ୍ରାସ ଘଟିଲେ ଏହା ସମ୍ଭବ ହେବ। ଏହାର ଉପାୟ ଅର୍ଥନୀତି ବିଶେଷଜ୍ଞମାନେ ସରକାରଙ୍କୁ ଜଣାଇ ଦେଇଛନ୍ତି। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଧନୀଙ୍କ ଉପରେ ଟିକସ ହାର ବୃଦ୍ଧି କରିବା ସହ ଗରିବ ଓ ମଧ୍ୟବିତ୍ତଙ୍କ ଉପରୁ ଟିକସ ହାର ହ୍ରାସ କରିବାକୁ ହେବ। ଏହା ଯେତେଶୀଘ୍ର କରାଯିବ ଦେଶବାସୀଙ୍କର ସେତେ ମଙ୍ଗଳ ହେବ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

"ଆସ ବୀର ! ଧର ତୋଳି
ଆଶାର ଉଜ୍ଜ୍ୱଳ ମହାଦୀପ
"ଜୀବନ ପାବଚ୍ଛେ ତବ
ସାଜି ଦିଅ ସ୍ୱପନ-ସ୍ଫଟିକ।
-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ଆଜିଠୁ ମହାସମର









## ଭାରତ ଫେଭରାଇଟ୍

ଭାରତରେ ଖେଳାଯିବ ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩। ଭାରତର ୧୦ଟି ଭେନ୍ୟୁରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ଏସିଆ କପ୍‌ରେ ଭାରତୀୟ ଦଳ ଚାମ୍ପିୟନ ହେବା ସହିତ ବିଶ୍ୱକପ ପାଇଁ ଦୃଢ ଦାବିଦାରୀ ସ୍ଥାପନ କରିଛି ରୋହିତ ଶର୍ମାଙ୍କ ଦଳ। ଭାରତୀୟ ଦଳକୁ ଯଶପ୍ରୀତ୍ ବୁମ୍‌ରା, ଲୋକେଶ ରାହୁଲ ଓ ଶ୍ରେୟସ ଆୟର ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ମଧ୍ୟକ୍ରମ ବ୍ୟାଟିଂକୁ ନେଇ ଚିନ୍ତାରେ ରହିଛି ଭାରତୀୟ ମ୍ୟାନେଜମେଣ୍ଟ। ରୋହିତ ଶର୍ମାଙ୍କ ଦଳର ଶକ୍ତି, ସାମର୍ଥ୍ୟ ଓ ଦୁର୍ବଳତାକୁ ନେଇ ଉପସ୍ଥାପନା...

**ଶକ୍ତି:** ଭାରତୀୟ ଦଳର ବ୍ୟାଟିଂ ଲାଇନ୍ ଅପ୍ ବେଶ ଶକ୍ତିଶାଳୀ ରହିଛି। ରୋହିତ ଶର୍ମା, ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ୍ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜଙ୍କୁ ନେଇ ଭାରତର ବ୍ୟାଟିଂ ବିଶ୍ୱର ଯେ କୌଣସି ବୋଲିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରିବା ପାଇଁ ଯଥେଷ୍ଟ। ଏପରିକି ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନଙ୍କ ପରି ଖେଳାଳିଙ୍କୁ ଦଳରୁ ବାହାରେ ବସିବାକୁ ପଡିବ। ଉଭୟ ଖେଳାଳି ମଧ୍ୟକ୍ରମରେ କୌଣସି ବି ଖେଳାଳିଙ୍କୁ ରିପ୍ଲେସ୍ କରି ପାରିବେ। ଭାରତୀୟ ପିଚ୍ ଗୁଡିକ ବ୍ୟାଟିଂ ସହାୟକ ହୋଇଥିବା ବେଳେ ଲମ୍ବା ବ୍ୟାଟିଂ ଲାଇନ୍‌ଅପ୍ ବଡ ସ୍କୋର କରିବାରେ ସହାୟତା କରିବ। ଓପନର ଶୁବମନ ଗିଲ୍ ବିଗତ ଏକ ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ରନ୍ ସ୍କୋର କରିଛନ୍ତି। ଏହା ସହିତ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଶତକ ହାସଲ କରିବା ସହିତ ଫର୍ମ ଓ ଫିଟନେସକୁ ଫେରିଛନ୍ତି ଲୋକେଶ ରାହୁଲ।

**ଦୁର୍ବଳତା :** ଭାରତୀୟ ସ୍ପିନ୍ ବୋଲିଂ ଡିପାର୍ଟମେଣ୍ଟ ସାମାନ୍ୟ ଦୁର୍ବଳ ମନେ ହେଉଛି। କାଗଜ କଲମରେ ଭାରତୀୟ ବୋଲିଂ ଆକ୍ରମଣ ଶକ୍ତିଶାଳୀ ମନେ ହେଉଥିଲେ ହେଁ ବ୍ୟାଟିଂ ଅନୁକୂଳ ପିଚ୍‌ରେ ଜାଡେଜା-ଅଶ୍ୱିନ କିଭଳି ପ୍ରଦର୍ଶନ କରିବେ ତାହାକୁ ନେଇ ଆଶଙ୍କା ରହିଛି। କୁଲଦୀପ ଯାଦବ ସମସ୍ତ ମ୍ୟାଚ୍‌ରେ ଖେଳିବାର ସମ୍ଭାବନା ରହିଛି। ତେବେ ଲମ୍ବା ଟୁର୍ନାମେଣ୍ଟ ରହିଥିବାରୁ ସେ ଆହତ ହେଲେ ଅଥବା ଫର୍ମ ହରାଇଲେ ଏହା ଭାରତ ପାଇଁ ବୁମେରାଙ୍ଗ ସାବ୍ୟସ୍ତ ହେବ। ଉଭୟ ଅଶ୍ୱିନ୍ ଓ ଜାଡେଜା ବୋଲିଂ ସହାୟକ ପିଚ୍‌ରେ ଚମତ୍କାର ପ୍ରଦର୍ଶନ କରିବେ ମାତ୍ର ବ୍ୟାଟିଂ ସହାୟକ ପିଚ୍‌ରେ ଉଭୟଙ୍କ ପ୍ରଦର୍ଶନ ଆଭରେଜ ରହିଥାଏ। ଉଭୟ ଟେଷ୍ଟରେ ଭଲ ବ୍ୟାଟିଂ କରୁଥିବା ବେଳେ ଦିନିକିଆରେ କିନ୍ତୁ ଏହା ସମ୍ପୂର୍ଣ୍ଣ ବିପରୀତ ରହିଛି।

**ସୁଯୋଗ :** ଘରୋଇ ମାଟିରେ ଖେଳୁଥିବାରୁ ବିଶ୍ୱକପ ଜିତିବା ପାଇଁ ଭାରତୀୟ ଦଳ ନିକଟରେ ଏହା ସବୁଠାରୁ ଭଲ ସୁଯୋଗ ରହିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଖେଳାଳିଙ୍କ ନିକଟରେ ରନ୍ ସ୍କୋର କରିବାର ସୁଯୋଗ ରହିଛି। ବିରାଟ କୋହଲି ଦିନିକିଆରେ ୪୭ ଶତକ ହାସଲ କରିଥିବା ବେଳେ ସଚିନ୍ ତେନ୍ଦୁଲକରଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

**ବିପଦ:** ଭାରତୀୟ ଦଳରେ ଏକାଧିକ ବିକଳ୍ପ ହିଁ ବିପଦର ମୁଖ୍ୟ କାରଣ ଅଟେ। ବୋଲିଂ ଆକ୍ରମଣକୁ ନେଇ କିଛି ଦ୍ୱନ୍ଦ୍ୱ ନ ଥିବା ବେଳେ ଏହା ପିଚ୍ ଅନୁସାରେ ପରିବର୍ତ୍ତିତ ହେବ। ଇଶାନ କିଶନଙ୍କ ଅପେକ୍ଷା ଶ୍ରେୟସ ଆୟରଙ୍କୁ ପ୍ରାଥମିକତା ମିଳିବ। ଅନ୍ୟ ପକ୍ଷରେ ଉଇକେଟ କିପର ଭାବରେ ଲୋକେଶ ରାହୁଲଙ୍କୁ ଖେଳାଇବ ମ୍ୟାନେଜମେଣ୍ଟ। ଏହା ମଧ୍ୟରୁ ଗୋଟିଏ ବି କମ୍ବିନେଶନ ବିଫଳ ହେଲେ ଏହା ମ୍ୟାନେଜମେଣ୍ଟ ପାଇଁ ମୁଣ୍ଡବିନ୍ଧାର କାରଣ ହେବ। କିଶନଙ୍କୁ ବାଦ ଦେବା ଦ୍ୱାରା ଯେଉଁ ବାମ ଡାହାଣ ସନ୍ତୁଳନ ରହିବା କଥା ତାହାର ମଧ୍ୟ ଅଭାବ ଅନୁଭୂତ ହେବ। ରାହୁଲ ଓ ଆୟରଙ୍କ ମଧ୍ୟରୁ ଜଣେ ବିଫଳ ହେଲେ ପୁନର୍ବାର ଭାରତୀୟ ବ୍ୟାଟିଂ ଲାଇନଅପ୍ ମାଟି କାମୁଡିବାର ସମ୍ଭାବନା ରହିଛି।

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ କ୍ଷେତ୍ର ପ୍ରସ୍ତୁତ। ଗୁରୁବାରଠାରୁ ଆରମ୍ଭ ହେବ କ୍ରିକେଟ ମହାସମର। ୧୦ ଦଳ ମଧ୍ୟରେ ହେବ ଟକ୍କର। ଭାରତର ୧୦ ଗ୍ରାଉଣ୍ଡରେ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବ ୪୮ ମ୍ୟାଚ। ଅହମଦାବାଦସ୍ଥିତ ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଆୟୋଜନ ହେବ। ପ୍ରଥମ ମ୍ୟାଚରେ ପରସ୍ପରର ସମ୍ମୁଖୀନ ହେବେ ଗତଥରର ଚାମ୍ପିୟନ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ। ୮ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରୁ ଭାରତ ଏହାର ଅଭିଯାନ ଆରମ୍ଭ କରିବ। ରୋହିତ ଶର୍ମା, ଟେମ୍ବା ବଭୁମା, ପ୍ୟାଟ୍ କୁମିନ୍ସ, ସ୍କଟ ଏଡୱାର୍ଡ୍ସ, କେନ୍ ୱିଲିୟମସନ, ହଶମତୁଲ୍ଲା ଶାହିଦି, ଜୋଶ ବଟଲର, ବାବର ଆଜମ, ଦସୁନ ଶନକା ଓ ଶକିବ ଅଲ୍ ହାସନ ୧୦ ଦଳର ନେତୃତ୍ୱ ନେବେ। ୧୯୮୩ରେ କପିଳ ଦେବ ଓ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ ଜିତିଥିଲା। ଏଥର ଘରୋଇ ପରିବେଶରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ସେହି ସଫଳତା ପାଇବା ନେଇ କ୍ରିକେଟପ୍ରେମୀ ଆଶା ରଖିଛନ୍ତି।

## ମାସ୍କଟ ବ୍ଲେଜ୍, ଟଙ୍ଗ

 କ୍ରିକେଟ ବିଶ୍ୱକପ ପାଇଁ ମାସ୍କଟଙ୍କ ନାମାଙ୍କନ କରାଯାଇଛି। ଲିଙ୍ଗଗତ ସମାନତା ଓ ବିବିଧତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଦୁଇଟି ମାସ୍କଟ ରଖାଯାଇଛି। ପୁରୁଷ ମାସ୍କଟଟି ଟର୍ବୋ ପାୱାର ବ୍ୟାଟ ସହ ବ୍ୟାଟିଂ କରୁଥିବା ବେଳେ ମହିଳା ମାସ୍କଟକୁ ବୋଲିଂର ପ୍ରତୀକ ଭାବରେ ରଖାଯାଇଛି। ପୁରୁଷ ମାସ୍କଟର ନାମ ଟଙ୍ଗ ରହିଥିବା ବେଳେ ମହିଳା ମାସ୍କଟର ନାମ ବ୍ଲେଜ୍ ରହିଛି। ପ୍ରଥମ ଥର ପାଇଁ ଆଇସିସି ପକ୍ଷରୁ ଫ୍ୟାନ୍ ମାନଙ୍କ ଭୋଟିଂ ଜରିଆରେ ମାସ୍କଟର ଡିଜାଇନ୍ ପ୍ରସ୍ତୁତ କରାଯାଇଥିଲା। ମ୍ୟାଚ୍ ଦିନ ମାନଙ୍କରେ ଷ୍ଟାଡିୟମରେ ଉପସ୍ଥିତ ରହି ଏହି ମାସ୍କଟ ମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ।



## ଚାମ୍ପିୟନ ଦଳକୁ ୪ ଲକ୍ଷ ଡଲାର

କ୍ରିକେଟ ବିଶ୍ୱକପ ୨୦୨୩ର ବିଜେତା ଦଳକୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ ପକ୍ଷରୁ ୪ ଲକ୍ଷ ଡଲାର ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ରନର ଅପ୍ ଦଳକୁ ୨ ଲକ୍ଷ ଡଲାର ଅର୍ଥରାଶି ଦିଆଯିବାକୁ ଥିବା ବେଳେ ସେମିଫାଇନାଲର ଦୁଇ ପରାଜିତ ଦଳଙ୍କୁ ୮୦ ହଜାର ଡଲାର ଲେଖାଏ ପ୍ରଦାନ କରାଯିବ। ଲିଗ୍ ଷ୍ଟେଜ୍‌ରୁ ବିଦାୟ ନେଇଥିବା ୬ ଦଳକୁ ୧ ଲକ୍ଷ ଡଲାର ଲେଖାଏ ପ୍ରଦାନ କରାଯିବ। ସେହିପରି ଲିଗ୍ ପର୍ଯ୍ୟାୟରେ ପ୍ରତି ମ୍ୟାଚର ବିଜେତାକୁ ୪୦ ହଜାର ଡଲାର ପ୍ରଦାନ କରାଯିବ। ସମୁଦାୟ ବିଶ୍ୱକପ ପାଇଁ ୧୦ ଲକ୍ଷ ଡଲାରର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ରେକର୍ଡ୍ସ

- ■ ସର୍ବାଧିକ ରନ୍: ସଚିନ ତେନ୍ଦୁଲକର-୨୨୭୮ (୧୯୯୨-୨୦୧୧)
- ■ ସର୍ବାଧିକ ଆଭରେଜ (ଅତିକମ୍‌ରେ ୧୦ ଇନିଂସ): ଲାନ୍ସ କ୍ଲୁଜନର -୧୨୪.୦୦ (୧୯୯୯-୨୦୦୩)
- ■ ସର୍ବାଧିକ ସ୍କୋର: ମାର୍ଟିନ ଗୁପଟିଲ ବନାମ ୱେଷ୍ଟଇଣ୍ଡିଜ-୨୩୭ (୨୦୧୫)
- ■ ସର୍ବାଧିକ ପାର୍ଟନରଶିପ୍: କ୍ରିସ୍ ଗେଲ୍ ଓ ମାର୍ଲୋନ ସାମୁଏଲ୍ସ (ଦ୍ୱିତୀୟ ଉଇକେଟ) ବନାମ ଜିମ୍ବାୱେ-୩୭୨ (୨୦୧୫
- ■ ଗୋଟିଏ ବିଶ୍ୱକପରେ ସର୍ବାଧିକ ରନ: ସଚିନ ତେନ୍ଦୁଲକର-୬୭୩ (୨୦୦୩)
- ■ ସର୍ବାଧିକ ଶତକ: ରୋହିତ ଶର୍ମା-୬ (୨୦୧୫-୨୦୧୯), ସଚିନ ତେନ୍ଦୁଲକର-୬ (୧୯୯୨-୨୦୧୧)
- ■ ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ: ରୋହିତ ଶର୍ମା-୫ (୨୦୧୯)
- ■ ସର୍ବାଧିକ ଉଇକେଟ: ଗ୍ଲେନ ମ୍ୟାକଗ୍ରା-୭୧ (୧୯୯୬-୨୦୦୭)
- ■ କମ୍ ଆଭରେଜ (ସର୍ବନିମ୍ନ ୪୦୦ ବଲ୍ ବୋଲିଂ): ମିଚେଲ ଷ୍ଟାର୍କ ୧୪.୮୧ (୨୦୧୫-୨୦୧୯)
- ■ ଶ୍ରେଷ୍ଠ ଷ୍ଟ୍ରାଇକ୍‌ହାର (ଅତିକମ୍‌ରେ ୨୦ ଉଇକେଟ): ମହମ୍ମଦ ଶାମି-୧୮.୬ (୨୦୧୫-୨୦୧୯)
- ■ ଶ୍ରେଷ୍ଠ ଇକୋନୋମି (ଅତିକମ୍‌ରେ ୧୦୦୦ ବଲ୍ ବୋଲିଂ): ଆଣ୍ଡି ରବର୍ଟ୍ସ-୩.୨୪ (୧୯୭୫-୧୯୮୩)
- ■ ଶ୍ରେଷ୍ଠ ବୋଲିଂ ଫିଗର: ଗ୍ଲେନ ମ୍ୟାକଗ୍ରା ବନାମ ନାମ୍ବିଆ-୭/୧୫ (୨୦୦୩)
- ■ ଗୋଟିଏ ଟୁର୍ନାମେଣ୍ଟରେ ସର୍ବାଧିକ ଉଇକେଟ: ମିଚେଲ ଷ୍ଟାର୍କ-୨୭ (୨୦୧୯)
- ■ ସର୍ବାଧିକ ଡିସ୍‌ମିଶାଲ (ଉଇକେଟ କିପର): କୁମାର ସଙ୍ଗକାରା-୫୪ (୨୦୦୩-୨୦୧୫)
- ■ ସର୍ବାଧିକ କ୍ୟାଚ (ଫିଲ୍ଡର): ରିକି ପଣ୍ଟିଂ -୨୮ (୧୯୯୬-୨୦୧୧)
- ■ ସର୍ବାଧିକ ଦଳଗତ ସ୍କୋର: ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ-୪୧୭/୬ (୨୦୧୫)
- ■ ସର୍ବନିମ୍ନ ଦଳଗତ ସ୍କୋର: କାନାଡ଼ା ବନାମ ଶ୍ରୀଲଙ୍କା-୩୬ (୨୦୦୩)
- ■ ସର୍ବାଧିକ ବିଜୟ%: ଅଷ୍ଟ୍ରେଲିଆ-୭୪.୭୩%
- ■ ସର୍ବାଧିକ କ୍ରମାଗତ ବିଜୟ: ଅଷ୍ଟ୍ରେଲିଆ -୨୭ (୨୦ ଜୁନ ୧୯୯୯-୧୯ ମାର୍ଚ୍ଚ ୨୦୧୧, ଗୋଟିଏ ବିନା ଫଳାଫଳକୁ ବାଦ୍ ଦିଆଯାଇଛି)
- ■ ସର୍ବାଧିକ କ୍ରମାଗତ ଟୁର୍ନାମେଣ୍ଟ ବିଜୟ: ଅଷ୍ଟ୍ରେଲିଆ-୩ (୧୯୯୯-୨୦୦୭)

## ଏମାନଙ୍କ ପାଇଁ ହୋଇପାରେ ଶେଷ ବିଶ୍ୱକପ୍

ବାର ବର୍ଷ ପରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଭାରତ ଗତଥର ନିଜ ମାଟିରେ ୨୦୧୧ରେ ଏମ୍.ଏସ୍. ଧୋନୀଙ୍କ ଅଧିନାୟକତ୍ୱରେ ବିଶ୍ୱକପ୍ ଜିତିଥିଲା। ବିଶ୍ୱକପ୍ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। ସେଦିନ ଅହମଦାବାଦସ୍ଥିତ ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ୨୦୧୯ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ଚେନ୍ନାଇସ୍ଥିତ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଦଳ ଅକ୍ଟୋବର ୧୪ରେ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଅହମଦାବାଦରେ ଖେଳିବ। ଯେଉଁ ଖେଳାଳିମାନଙ୍କର ଏହା ଶେଷ ବିଶ୍ୱକପ୍ ହେବ ବୋଲି ଅନୁମାନ କରାଯାଉଛି ତା' ଉପରେ ଏକ ନଜର...

### ରୋହିତ ଶର୍ମା

ଭାରତୀୟ ଅଧିନାୟକ ରୋହିତ ଶର୍ମା ଦଶନ୍ଧି ଧରି ଭାରତୀୟ ଟପ୍ ଅର୍ଡରର ମେରୁଦଣ୍ଡ ରହି ଆସିଛନ୍ତି। ଖରାପ ଫର୍ମ ଯୋଗୁ ସେ ୨୦୧୧ ବିଶ୍ୱକପ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ସେ କିନ୍ତୁ ୨୦୧୫ ବିଶ୍ୱକପ୍ ପାଇଁ ମନୋନୀତ ହୋଇଥିଲେ। ୨୦୧୯ରେ ସେ ଉପ ଅଧିନାୟକ ରହିଥିଲେ। ବିଶ୍ୱକପ୍‌ର ଏହି ସଂସ୍କରଣରେ ସେ ଥିଲେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର। ୨୦୨୭ ପରବର୍ତ୍ତୀ ବିଶ୍ୱକପ୍ ପୂର୍ବରୁ ସେ ହୁଏତ ଅବସର ନେଇଯାଇ ପାରନ୍ତି।

### ଡେଭିଡ୍ ୱାର୍ନର



ଅଷ୍ଟ୍ରେଲିଆର ଅନ୍ୟତମ ଶ୍ରେଷ୍ଠ ରନ ସ୍କୋରର ବ୍ୟାଟର ହେଉଛନ୍ତି ଡେଭିଡ ୱାର୍ନର। ଏହି ବାମହାତୀ ବ୍ୟାଟର ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ ବିଶ୍ୱକପ୍‌ରେ ସେ ଅଷ୍ଟ୍ରେଲିଆର ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ। ମୋଟ ଉପରେ ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ମଧ୍ୟ ଚଳିତବର୍ଷ ପ୍ରାରମ୍ଭରେ ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି।

### ରବିଚନ୍ଦ୍ରନ ଅଶ୍ୱିନ



୩ ମାସ ପୂର୍ବେ ଯଦି ଜଣେ କେହି କହିଥାନ୍ତା ଅଶ୍ୱିନ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ, ଅଧିକାଂଶ ହୁଏତ ତାହାକୁ ବିଶ୍ୱାସ କରି ନ ଥାନ୍ତେ। ଆଘାତପ୍ରାପ୍ତ ଅକ୍ଷର ପଟେଲଙ୍କ ସ୍ଥାନରେ ତାଙ୍କୁ ଦଳରେ ସୁଯୋଗ ମିଳିଛି। ସେ ୨୦୧୧ ଓ ୨୦୧୫ ବିଶ୍ୱକପ୍ ଖେଳି ସାରିଛନ୍ତି। କିନ୍ତୁ ୨୦୧୯ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଇଂଲଣ୍ଡ ବିପକ୍ଷ ୱାର୍ମଅପ୍‌ରେ ସେ ସୂଚନା ଦେଇଥିଲେ ଯେ, ସେ ତାଙ୍କ ଶେଷ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି।

### ଶକିବ ଅଲ୍ ହସନ

ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହସନ ଚଳିତବର୍ଷ ତାଙ୍କ ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୨୦୦୭, ୨୦୧୧, ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ସେ ଅଂଶଗ୍ରହଣ କରିସାରିଛନ୍ତି। ୨୦୧୧ରେ ଦଳର ନେତୃତ୍ୱ ନେବା ପରେ ପୁଣି ୨୦୨୩ରେ ଅଧିନାୟକ ପଦକୁ ଫେରିବାରେ ସେ ପ୍ରଥମ ଖେଳାଳି। ନିକଟରେ ସେ ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି।

### ବେନ୍ ଷ୍ଟୋକ୍ସ

ବିଶ୍ୱକପ୍ ୨୦୧୯ ଫାଇନାଲର ଷ୍ଟାର ଖେଳାଳି ହେଉଛନ୍ତି ବେନ୍ ଷ୍ଟୋକ୍ସ। ଇଂଲଣ୍ଡକୁ ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫାଇନାଲରେ ତାଙ୍କର ଖେଳ ଏତେ ପ୍ରଭାବଶାଳୀ ଥିଲା ଯେ ଇଂଲଣ୍ଡ କ୍ରିକେଟ ଦଳର ଅନୁରୋଧକ୍ରମେ ସେ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଅବସରରୁ ସେ ପୁଣି ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ପରେ ସେ ଅନ୍ତର୍ଜାତୀୟ ଦିନିକିଆରୁ ପୁନର୍ବାର ଅବସର ନେଇପାରନ୍ତି।

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୦ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୩ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୪ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୫ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୧ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| **୧୨ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| **୧୯ ନଭେମ୍ବର** | **ଫାଇନାଲ** | **ଅହମଦାବାଦ** |





## ୧୦ ଷ୍ଟାଡିୟମ

**୧** ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ, ଅହମଦାବାଦ।
ସ୍ଥାପନା: ୧୯୮୨
ଦର୍ଶକ କ୍ଷମତା: ୧,୩୨,୦୦୦
ମ୍ୟାଚ୍ ସଂଖ୍ୟା: ୫(ଫାଇନାଲ ସମେତ)

**୨** ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ, ହାଇଦ୍ରାବାଦ।
ସ୍ଥାପନା: ୨୦୦୪
ଦର୍ଶକ କ୍ଷମତା: ୩୮,୦୦୦
ମ୍ୟାଚ୍ ସଂଖ୍ୟା: ୪(୩ ବିଶ୍ୱକପ ଓ ୧ ୱାର୍ମ ଅପ୍)

**୩** ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ, ଧର୍ମଶାଳା।
ସ୍ଥାପନା: ୨୦୦୩
ଦର୍ଶକ କ୍ଷମତା: ୨୩,୦୦୦
ମ୍ୟାଚ୍ ସଂଖ୍ୟା: ୫

**୪** ଅରୁଣ ଜେଟ୍‌ଲୀ ଷ୍ଟାଡିୟମ,ଦିଲ୍ଲୀ।
ସ୍ଥାପନା: ୧୮୮୩
ଦର୍ଶକ କ୍ଷମତା: ୪୮,୦୦୦
ମ୍ୟାଚ୍ ସଂଖ୍ୟା: ୫

**୫** ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମ, ଚେନ୍ନାଇ।
ଦର୍ଶକ କ୍ଷମତା: ୫୫,୦୦୦
ମ୍ୟାଚ୍ ସଂଖ୍ୟା: ୫

**୬** ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପାୟୀ ଏକାନା କ୍ରିକେଟ ଷ୍ଟାଡିୟମ, ଲକ୍ଷ୍ନୌ।
ସ୍ଥାପନା: ୨୦୧୭
ଦର୍ଶକ କ୍ଷମତା: ୫୦,୦୦୦
ମ୍ୟାଚ୍ ସଂଖ୍ୟା: ୫

**୭** ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମ, ପୁଣେ।
ସ୍ଥାପନା: ୨୦୧୧
ଦର୍ଶକ କ୍ଷମତା: ୩୭,୦୦୦
ମ୍ୟାଚ୍ ସଂଖ୍ୟା: ୫

**୮** ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ବେଙ୍ଗାଲୁରୁ।
ସ୍ଥାପନା: ୧୯୬୯
ଦର୍ଶକ କ୍ଷମତା: ୪୦,୦୦୦
ମ୍ୟାଚ୍ ସଂଖ୍ୟା: ୫

**୯** ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ।
ସ୍ଥାପନା: ୧୯୭୪
ଦର୍ଶକ କ୍ଷମତା: ୩୩,୦୦୦
ମ୍ୟାଚ୍ ସଂଖ୍ୟା: ୫(ପ୍ରଥମ ସେମି ଫାଇନାଲ)।

**୧୦** ଇଡେନ୍ ଗାର୍ଡେନ୍ସ, କୋଲକାତା
ସ୍ଥାପନା: ୧୮୬୪
ଦର୍ଶକ କ୍ଷମତା: ୬୩,୦୦୦
ମ୍ୟାଚ୍ ସଂଖ୍ୟା: ୫(ଦ୍ୱିତୀୟ ସେମି ଫାଇନାଲ)।





ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ଅକ୍ଟୋବର, ୨୦୨୩

**ପୋଲିସ ପକ୍ଷରୁ ସାଇବର ସଚେତନତା ଶିବିର**

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲାର ବିଭିନ୍ନ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡିଏସପି ପ୍ରଦୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଏମ୍. ରାମପୁରଠାରୁ ଆସିଥିବା ରଥକୁ ସ୍ୱାଗତ କରାଯାଇଥିଲା। ନର୍ଲା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସାଇବର୍ ଠକେଇ ଉପରେ ଥାନାଧିକାରୀ ଗଙ୍ଗାଧର ମେହେର ବୁଝାଇଥିଲେ। ଡିଗ୍ରୀ କଲେଜ ସମସ୍ତ ଅଧ୍ୟାପକଆଧ୍ୟାପିକା ଉପସ୍ଥିତ ଥିଲେ। ସାଇବର ଥାନା ଅଧିକାରିଣୀ ସ୍ୱିସ୍ମିରାଣୀ ସୁନା ସାଇବର ଠକେଇ ଉପରେ ଆଲୋଚନା କରିଥିଲେ।



## ସଂକ୍ଷେପରେ

### ଶିକାରୀଙ୍କ ଗୁଳିରେ ଯୁବକ ଗୁରୁତର

ଭବାନୀପାଟଣା,୪।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗୋଟୋମୁଣ୍ଡା–ବାଞ୍ଜିକୋଟ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ନିକଟରେ ବୁଧବାର ପୂର୍ବାହ୍ନରେ ଶିକାରୀ ଗୁଳିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଞ୍ଜିକୋଟ ଗ୍ରାମର ଦୁଲେଶ୍ୱର ମାଝି । ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଞ୍ଜିକୋଟ ଗ୍ରାମର ଦୁଲେଶ୍ୱର ନିଜ କ୍ଷେତକୁ ଯାଉଥିବାବେଳେ ହଠାତ୍ ତାଙ୍କ ପଛପଟୁ ଗୁଳି ମାଡ ହୋଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଶୀକାରୀମାନେ ବାର୍ହା ଶିକାର ପାଇଁ ଏହି ଗୁଳି ଚଳାଇଥିବାବେଳେ ଦୁଲେଶ୍ୱରଙ୍କୁ ଏହା ବାଜିଥିବା ଜଣାପଡ଼ିଛି। ଗତ କିଛି ଦିନ ତଳେ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଖଲିଗଡରେ ଅନେକ ଜୀବଜନ୍ତୁଙ୍କ ଶରୀର, ଦେଶୀ ବନ୍ଧୁକ, ଧନୁଶର ଆଦି ବନ ବିଭାଗ ଓ ଏସ୍‌ଟିଏଫ୍ ଜବତ କରିବା ପରେ ବି ଏବେ ବି ଅଞ୍ଚଳରେ ଶିକାରୀଙ୍କ ଆତଙ୍କ ଦେଖିବାକୁ ମିଳିଛି। ଫଳରେ ଅନେକ ଲୋକ ସେମାନଙ୍କ ଶିକାର ହେଉଥିବା ନଜିର ରହିଛି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ନୂଆପଡ଼ା,୪।୧୦(ମକାରୁ ବେମାଲ)

ନୂଆପଡା ସହରର ବରିଷ୍ଠ ଓକିଲ ପରିମଳକାନ୍ତି ବୋଷ (୭୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ବାଦଲ ବୋଷ ଭାବେ ସହର ଓ ଜିଲାରେ ପରିଚିତ ଥିଲେ। ସେ ୧୯୭୧ରେ ଓକିଲାତି ପାସ କରିଥିଲେ। ୧୯୭୨ରେ ନୂଆପଡା ବାରରେ ଯୋଗଦେଇ ଜିଲାର ଜଣେ ଦକ୍ଷ ଓକିଲ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବୋଷଙ୍କ ବିୟୋଗରେ ଓକିଲ ସଂଘ ସଭାଗୃହରେ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ମୁରଲିଧର ପଣ୍ଡା, ସେତରାମ ଦେବାଙ୍ଗନ, ରମେଶ ଭୋଇ, ତ୍ରିଲୋଚନ ସୋନି, ଅଶ୍ୱନୀ ବାଗ, ସିଡୁ ବୋଧନକର, ଅଶୋକ ଦେବାଙ୍ଗନ, ଘାସିରାମ ବାଗ ପ୍ରମୁଖ ସହ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ। ସମ୍ପାଦକ ପୁରୁଷୋତମ ସୋନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋଟିଏ ଦିନ ପାଇଁ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଥିଲା।

### ୨୭ ଦିନରେ ଲୋୟର ଇନ୍ଦ୍ର ଜନ ସଚେତନ ମଞ୍ଚ ଧାରଣା

ଖଡ଼ିଆଳ,୪।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତମାନେ ବିସ୍ଥାପିତ ଜନସଚେତନ ମଞ୍ଚ କୋନାବିରାଙ୍କ ନେତୃତ୍ୱରେ କଟ ଅଫ ତାରିଖ ବୃଦ୍ଧି ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ୨୭ ଦିନରେ ପହଞ୍ଚିଛି। ଇନ୍ଦ୍ରଜଳ ସେଚନ ପ୍ରକଳ୍ପରେ ୧୦ଟି ସମ୍ପୂର୍ଣ୍ଣ ବୁଡି ଗ୍ରାମ ଓ ୨୦ଟି ଆଂଶିକ ବୁଡିଗ୍ରାମ ମୋଟ ୩୦ଟି ବିସ୍ଥାପିତମାନେ ବକେୟା ଥଇଥାନ ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ସେହିପରି କଟଅପ ଡେଟକୁ ଘୁଞ୍ଚାଇବା ଦାବିରେ ଅଗଷ୍ଟ ୮ ତାରିଖରୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜନସଚେତନ ମଞ୍ଚ କୋନାବିରାଙ୍କ ନେତୃତ୍ୱରେ ୩୦ଖଣ୍ଡ ଗାଁର ବିସ୍ଥାପିତ ଆନ୍ଦୋଳନକାରୀମାନେ ରାଜ୍ୟ ସରକାରଙ୍କୁ ଯେଉଁ ନିର୍ଦ୍ଧାରଣ କରିଥିବା ୧।୧।୨୦୧୪ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଉଦଘାଟନ ଦିନକୁ ୨୧।୧।୨୦୨୧କୁ କଟଅଫ ତାରିଖ ନିର୍ଦ୍ଧାରଣ କରିବା ପାଇଁ ଦାବି କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କଟଅପ ତାରିଖରେ ଅନେକ ଯୁବକଯୁବତୀ ଥଇଥାନ ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ବକେୟା ଥଇଥାନ ରାଶି ପାଇବାରୁ ଅନେକ ବୁଡି ଅଞ୍ଚଳର ଲୋକେ ବଞ୍ଚିତ ହୋଇଥିବା ନେଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି। ଜନ ସଚେତନ ମଞ୍ଚ ସଭାପତି ନୀଳକଣ୍ଠ ପ୍ରଧାନ, ସମ୍ପାଦକ କିଶୋର ଚନ୍ଦ୍ର କଠାର, ସହସମ୍ପାଦକ ତୁକାରାମ ସଗରିଆ, ସାଲେକ ରାମ ହୋତା, ବିକ୍ରମ ଆଡ଼ବଙ୍ଗ, କିଶୋର ମାଝି, ନବୀନ ପ୍ରଧାନ, ହରିହର ବେହେରା, କଲ୍ୟାଣ ସଗରିଆ, ମନ୍ତୁ ଗୁଆଲ, ବିଦ୍ୟା କାଣ୍ଡ, ଦେବ ନିଆଲ, ପ୍ରେମ ଲାଲ ନିଆଲ, ଅନ୍ତରାମ ପଟେଲ, ରାଜେଶ କର, ଦେବଚନ ବେମାଲ, ମନ କୁମାର ବେହେରା, ଗୁନୁ ଜୁଣ୍ଡି, ଧର୍ମୁ ରାଉତ, ଗୌର ଚରଣ ରାଉତ, ପିଣ୍ଟୁ ସାହୁ ପ୍ରମୁଖ ଧାରଣାରେ ବସିଛନ୍ତି।

# ଜିଲା ମାନ୍ୟତା ଦାବିରେ ୧୨ଘଣ୍ଟା ଧର୍ମଗଡ଼ ବନ୍ଦ



ଧର୍ମଗଡ଼ଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପିକେଟିଂ କରାଯାଉଛି।



କୋକସରାଠାରେ ରାସ୍ତା ଉପରେ ଧାରଣା ଦିଆଯାଇଛି।

ବେହେରା/କୋକସରା,୪।୧୦ (ଭୂପେଶ ତିୱାରୀ/ ଦୁଷ୍ମନ୍ତ କୁମାର ପାଇଯୋଶୀ)

**କୋକସରା, କଲମପୁର, ଗୋଲାମୁଣ୍ଡା, ଜୟପାଟଣା ବ୍ଲକର ସମର୍ଥନ**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଉପଖଣ୍ଡର ସହରଠାରୁ ଛୋଟ ଗ୍ରାମଗୁଡିକ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ବନ୍ଦ ପାଳନ କରିଛି। ଦୀର୍ଘ ୩୬ଦିନ ଧରି ଧର୍ମଗଡ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ସହ ବିଭିନ୍ନ ରାଜନୈତିକ, ବାଣିଜ୍ୟିକ, ସାମାଜିକ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଧାରଣାରେ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ନୂତନ ଜିଲା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବନ୍ଦ ପ୍ରଭାବରେ ଦଣ୍ଡପାଟ ଅଞ୍ଚଳ ଓ ଧର୍ମଗଡ ବ୍ଲକ ସମେତ କୋକସରା, କଲମପୁର, ଗୋଲାମୁଣ୍ଡା ବ୍ଲକର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଓ ଅର୍ଥନୈତିକ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ରହିଥିବା ବେଳେ ଜୟପାଟଣାରେ ଆଂଶିକ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀମାନେ ସହର ଓ ଗ୍ରାମ ମୁଖ୍ୟରାସ୍ତା ଅବରୋଧ କରି ଟାୟାର ପକାଇ ପ୍ଲାକାର୍ଡ ଓ ବ୍ୟାନର ଧରି ବିରୋଧ ପ୍ରଦର୍ଶନ କରିଥିଲେ। ଏନ୍‌ଏଚ୍ ୩୬ର ଉଭୟ ପାର୍ଶ୍ୱରେ ଶହଶହ ଗାଡି ମୋଟର ଅଟକି ରହିଥିଲା। ଦୋକାନ ବଜାର, ଯାନବାହନ ସମ୍ପୂର୍ଣ୍ଣ ବନ୍ଦ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଜିଲା ଦାବିକୁ ସରକାର ଗ୍ରହଣ ନ କଲେ ଆଗାମି ଦିନରେ ଆନ୍ଦୋଳନ ଆହୁରି ଜୋରଦାର କରାଯିବ ବୋଲି ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ପ୍ରକାଶ କରିଥିଲେ। ସେହିପରି କୋକସରା ବ୍ଲକ ମୋଟେର ଛକଠାରେ ଏବଂ କୋକସରା ପୋଲିସ ଥାନା ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ବନ୍ଦ ପାଳନ କରିଥିଲେ। ଆମପାଣି ବସଷ୍ଟାଣ୍ଡ ନିକଟରେ ବନ୍ଦ ପାଳନ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଧର୍ମଗଡ଼ ଉପଖଣ୍ଡ ସମେତ ଭବାନୀପାଟଣା ଜୟପୁର ରାସ୍ତାରେ ଗାଡି ଚଳାଚଳ ଠପ ହୋଇଥିଲା। ଅପରାହ୍ନ ୧ଟାରେ ରାସ୍ତା ଅବରୋଧ ହଟିବା ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବନ୍ଦ ପାଳନ ଦୃଷ୍ଟିକୁ ରଖି କୋକସରା ଓ ଆମପାଣି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କୋକସରାଠାରେ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡରେଶନ କର୍ମକର୍ତ୍ତାମାନେ ମଧ୍ୟ ସମର୍ଥନ ଜଣାଇଥିଲେ।

### ଦଣ୍ଡପାଟ ଅଞ୍ଚଳରେ ବନ୍ଦର ପ୍ରଭାବ

ବେହେରା,୪।୧୦(ଭୂପେଶ ତିୱାରୀ)

ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ଦଣ୍ଡପାଟ ଅଞ୍ଚଳରେ ଦେଖିବାକୁ ମିଳିଛି। ଜରୁରୀ କାଳୀନ ସେବା ବ୍ୟତୀତ ଯାନବାହନ ଚଳାଚଳ ଠପ ହୋଇ ପଡ଼ିଥିବା ବେଳେ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ସହରଠୁ ଗ୍ରାମାଞ୍ଚଳର ଜନସାଧାରଣ ସମ୍ପୂର୍ଣ୍ଣ ସମର୍ଥନ ଦେଇଥିବା ଦେଖିବାକୁ ମିଳିଛି। ବନ୍ଦରେ ଦଣ୍ଡପାଟ ଅଞ୍ଚଳର ସମସ୍ତ ରାଜନୈତିକ ଦଳ କର୍ମକର୍ତ୍ତା, ବଣିକ ସଂଘ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବେହେରା ଗୋରୁବଜାର ଛକ ବିଜୁଏକ୍ସପ୍ରେସ ୱେରେ ଏକତ୍ରିତ ହୋଇ ପ୍ରଦର୍ଶନ କରିଥିଲେ। ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଶିକ୍ଷାବିତ ତୁଳସୀରାମ ବାରିକ, ବିଜେଡି ଜିଲା ସମ୍ପାଦକ ପ୍ରଶାନ୍ତ ତିୱାରୀ, ଗୌରବାଗ, ଖଗପତି ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ଲଳିତ ଅଗ୍ରୱାଲ, କ୍ଷିତିରାମ ସାହୁ, ତ୍ରିଲୋକ ନାଥ ସିଂହ, ବିନ୍ଦୁସାର ବିଶି, ହୁକିମ ବିଶି ପ୍ରମୁଖ ସମର୍ଥନ କରିଥିଲେ।

### ସାଇବର ଠକେଇର ଶିକାର କଲେଜ ଛାତ୍ରୀ, ପରିବାର

କେସିଙ୍ଗା,୪।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ହାତୀଖୋଜ ଗାଁର ଜଣେ କଲେଜ ଛାତ୍ରୀ ଓ ତାଙ୍କ ପରିବାର ସାଇବର ଠକେଇର ଶିକାର ହୋଇଛନ୍ତି। ଗାଁର ସୁଶାନ୍ତ ନନ୍ଦଙ୍କ ଝିଅ ସୀମା ନନ୍ଦଙ୍କଠାରୁ ସାଇବର ଠକ ୫୬ ହଜାର ଟଙ୍କା ଠକି ନେଇଛନ୍ତି। ସୀମାଙ୍କ କହିବା ଅନୁସାରେ ତାଙ୍କ ହ୍ୱାଟ୍ସଅପକୁ ଏକ ମେସେଜ ଆସିଥିଲା ଯେ, ତୁମେ ଆମ ଭିଡିଓ ଦେଖି ଲାଇକ କରୁଥିବାରୁ ସୁନାଗହଣା, ଏପଲ ଆଇ ଫୋନ ସହ ୧୫ ଲକ୍ଷର ଉପହାର ଜିତି ପାରିଛି। ତୁମ ଠିକଣା ଦିଅ ଆମେ କୋରିଅରରେ ପଠାଇବୁ ଏବଂ ୯୨୩୧୬୬୭୦୦୨୨୮ ନମ୍ବରରୁ ଏକ ଫୋନ କଲ ଆସିଥିଲା । କୋରିଅର ଟାକ୍ସ ବାବଦକୁ ୪ ହଜାର ପଠାଇବାକୁ କହିଥିଲେ। ସୀମା ଏବଂ ତାଙ୍କ ବାପା ସେମାନଙ୍କ କଥା ବିଶ୍ୱାସ କରି ୪ ହଜାର ଟଙ୍କା ସେମାନେ ଦେଇଥିବା ଫୋନ ପେ’ ନମ୍ବର ୭୮୦୭୪୯୭୪୪୮ ରଞ୍ଜିତ ସିଂ ନାମରେ ପଠାଇ ଦେଇଥିଲେ। ପରେ ପୁଣି ଏପଲ ଆଇ ଫୋନ ରେଜିଷ୍ଟ୍ରେଶନ ବାବଦରେ ୧୫ ହଜାର ଏବଂ ଏଆର ପୋର୍ଟରେ ଅନୁମତି ପାଇଁ ୩୭ ହଜାର ପଠାଇବା ପାଇଁ କହିଥିଲେ। ସୀମା ଏବଂ ତାଙ୍କ ବାପା ଟଙ୍କା ପଠାଇଥିଲେ। ସମୁଦାୟ ୫୬ ହଜାର ନେଇସାରିଲା ପରେ ପୁଣି ୫୧ ହଜାର ଟଙ୍କା ମାଗିଥିଲେ। କିନ୍ତୁ ଆଉ ଟଙ୍କା ନ ଥିବାରୁ ସୀମା ନିରାଶ ହୋଇ ସବୁ ଟଙ୍କା ଫେରାଇ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ ଫୋନ ଅଫ କରିଦେଇଥିଲେ। ବର୍ତ୍ତମାନ ସୁଦ୍ଧା କେସିଙ୍ଗା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ସମ୍ପନ୍ନ



ଅଗ୍ନି ଭୈରବଙ୍କ କାଳଶି ତତଲା ନିଆଁ ଉପରେ ଚାଲିବା ପାଇଁ ପ୍ରସ୍ତୁତ କରାଯାଇଛି।

ଲାଞ୍ଜିଗଡ଼,୪।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରର ଆରାଧ୍ୟ ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ବୁଧବାର ପାଳିତ ହୋଇଯାଇଛି। ଏହି ସମୟରେ ୪ଟି କଟା କଦଳୀ ଗଛକୁ ଧଳା କପଡା ଘୋଡାଇ ପ୍ରସ୍ତୁତ କରାଯାଇଥିଲା ଗଉରୀଘର। ଯେଉଁଠି ବଡଭୋଗ (ପାରା ବଳି)ଦେବା ପରେ ଝାମୁଯାତ୍ରାର ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ଏହା ପରେ ଅଗ୍ନି ଭୈରବଙ୍କ କାଳସୀ ଡହଡହ ତତଲା ରଡ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହର୍ଷଧ୍ୱନୀ ସହିତ ଡମବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦ ଗୁଞ୍ଜରି ଉଠୁଥିଲା। ଯାତ୍ରା ସରିଲା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା ଶହଶହ କୁକୁଡା, ପାରା, ବତକ, ଛେଳି ବଳି ଦିଆଯାଇଥିଲା। ଅଗ୍ନି ଭୈରବ ରାଜେନ୍ଦ୍ର ପ୍ରଧାନୀ, ବାଲି ଭୈରବ ଅଭିମନ୍ୟୁ ପାତ୍ର, ଠାକୁରାଣୀଙ୍କ ପୂଜାରୀ ଜଦ୍ମେଶ୍ୱର ପୂଜାରୀ, ଗୁରମାଇଁ ଡମ୍ବରୁଧର ବନ୍ଧପାରିଆ, ପାଟ ଘୁମରିଆ ପରମାନନ୍ଦ ପାତ୍ର, ଚଲାନ ଚନ୍ଦ୍ର ଶେଖର ଦଳପତି ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ର ହରିହର ସାଂସ୍କୃତିକ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା, ଲାଞ୍ଜିଗଡ଼ ଯୁବକ ସଂଘ ସମସ୍ତ କର୍ମକର୍ତ୍ତାଙ୍କ ସମେତ ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଭୈରବ ଦେବଙ୍କ ଝାମୁଯାତ୍ରା ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲାଞ୍ଜିଗଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ମଙ୍ଗଳବାର ବିଶ୍ୱନାଥପୁର, ବନ୍ଧପାରି ଓ ବଳଭଦ୍ରପୁରଠାରେ ମଧ୍ୟ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ସ୍କ୍ରବ୍ ଟାଇଫସ୍‌ରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଖଡ଼ିଆଳ,୪।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳରେ ସ୍କ୍ରବ୍ ଟାଇଫସ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହା ଜିଲାର ଦ୍ୱିତୀୟ ଘଟଣା। ପୂର୍ବରୁ କୋମନା ବ୍ଲକର ଜଣେ ମହିଳାଙ୍କ ସ୍କ୍ରବ୍ ଟାଇଫସ୍‌ରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖଡିଆଳ ସାହୁପଡ଼ା ୱାର୍ଡ ନମ୍ବର ୫ ନିବାସୀ ରାମରତନ ସାହୁଙ୍କ ସ୍ତ୍ରୀ ରଜନୀ ସାହୁଙ୍କୁ (୫୯) ୧୫ ଦିନ ପୂର୍ବେ ମୋଟରସାଇକଲରେ ଯାଉଥିବା ବେଳେ ଖଡ଼ିଆଳ ଗୋଶାଳାଠାରେ କୌଣସି କିଟ କାମୁଡ଼ି ଥିବା ସ୍ୱାମୀଙ୍କୁ କହିଥିଲେ। ବାଇକ୍‌ରୁ ଓହ୍ଲାଇ ଦେଖିଲେ ମଧ୍ୟ ତାହା ଦେଖି ପାରି ନ ଥିଲେ। ଏହାର ୫ ଦିନ ପରେ ଜ୍ୱର ହେବାରୁ ପ୍ରଥମେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ବୁର୍ଲାର ଏକ ଚିକିତ୍ସାଳୟରେ ୧୫ ଦିନର ଚିକିତ୍ସା ପରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ରଜନୀଙ୍କ ମୃତ୍ୟୁ କିଟ କାମୁଡାରୁ ହୋଇଥିବା ତାଙ୍କ ସ୍ୱାମୀ ରାମ ରତନ ପ୍ରକାଶ କରିଛନ୍ତି। ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ.ରଞ୍ଜିତ ରାଉତ ଏହି ଅଞ୍ଚଳରେ ପ୍ରଥମ ମୃତ୍ୟୁ ବୋଲି ପ୍ରକାଶ କରିଥିଲେ।

## ଭିଜିଲାନ୍ସ ଜାଲରେ ବ୍ଲକ ଯୋଗାଣ ନିରୀକ୍ଷକ

ଭବାନୀପାଟଣା,୪।୧୦
(ଉତ୍ତମ କୁମାର ଦାଶ)

**ରାଶନ କାର୍ଡ କରାଇଦେବା ପାଇଁ ଲାଞ୍ଚ**



ଗିରଫ ବ୍ଲକ ଯୋଗାଣ ନିରୀକ୍ଷକ ସୁମନ୍ତ ମଲ୍ଲିକ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଯୋଗାଣ ନିରୀକ୍ଷକ (ଏମ୍‌ଆଇ) ସୁମନ୍ତ ମଲ୍ଲିକ ବୁଧବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ବ୍ଲକର ଲୁହୁରାଜୋର୍ ଗାଁର ଜୟ ନାଏକଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ରାଶନ କାର୍ଡ କରାଇ ଦେବା ପାଇଁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ଲକ ଯୋଗାଣ ନିରୀକ୍ଷକ ମଲ୍ଲିକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ପରେ ଯୋଗାଣ ନିରୀକ୍ଷକ ମଲ୍ଲିକଙ୍କୁ ଭିଜିଲାନ୍ସ ବିଭାଗ ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟକୁ ଆଣି ପଚାରାଉଚୁରା କରିବା ପରେ ଗିରଫ କରିଥିଲା। ତାଙ୍କ ସରକାରୀ ବାସଭବନ ଓ ପୈତୃକ ଘର କନ୍ଧମାଳ ଜିଲା ବୁଢ଼ାପଦର ଗ୍ରାମରେ ଚଢାଉ କରିଥିଲା ଭିଜିଲାନ୍ସ ବିଭାଗ। ମିଳିଥିବା ସୂଚନା ଅନୁଯାୟୀ, ଲୁହୁରାଜୋର୍ ଗାଁର ଜୟ ନାଏକଙ୍କୁ ରାଶନ କାର୍ଡ କରାଇ ଦେବା ପାଇଁ ଯୋଗାଣ ନିରୀକ୍ଷକ ମଲ୍ଲିକ ଲାଞ୍ଚ ମାଗିଥିଲେ। ଏପରିକି ଉପରୋକ୍ତ ଗାଁର ୭ଜଣଙ୍କ ରାଶନ କାର୍ଡ ପାଇଁ କାର୍ଡ ପିଛା ୨ ହଜାର ଟଙ୍କା ଲେଖାଏଁ ସମୁଦାୟ ୧୪ ହଜାର ଟଙ୍କା ଦେବା ପାଇଁ ଲାଞ୍ଚ ମାଗିଥିଲେ। ଏ ନେଇ ଜୟ ମାଝି ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗ ତାଙ୍କ ଅଭିଯୋଗକୁ ଭିତ୍ତିକରି ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଯୋଜନା ମୁତାବକ ବୁଧବାର ଜୟ ନାଏକଙ୍କଠାରୁ ଯୋଗାଣ ନିରୀକ୍ଷକ ମଲ୍ଲିକ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା। ଏହି ସମୟରେ ଯୋଗାଣ ନିରୀକ୍ଷକ ମଲ୍ଲିକଠାରୁ ରାସାୟନିକ ପ୍ରଲେପ ଟଙ୍କା ଜବତ କରିଥିଲା ବିଭାଗ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୩୨/୨୩) ରୁଜୁ ହୋଇଛି।

## ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ଧର୍ମଘଟ



ଧାରଣାରେ ଗ୍ରାମୀଣ ଡାକ ସେବକ।

ନୂଆପଡ଼ା,୪।୧୦(ମକାରୁ ବେମାଲ)

ସର୍ବ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ଓ ଜାତୀୟ ଗ୍ରାମିଣ ଡାକ ସେବକ ସଂଘଙ୍କ ଆହ୍ୱାନକ୍ରମେ ବୁଧବାର ନୂଆପଡା ଜିଲା ଗ୍ରାମୀଣ ଡାକ ସେବକମାନେ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ୧୦ଦଫା ଦାବି ନେଇ ଏକ ଦିବସ ଧର୍ମଘଟ କରିଛନ୍ତି। ଦାବିଗୁଡିକ ଶୀଘ୍ର ପୂରଣ ନ ହେଲେ ଡିସେମ୍ବର ୬ରୁ ଅନିର୍ଦ୍ଦିଷ୍ଟକାଳ ଧାରଣା ପାଇଁ ଚେତାବନୀ ଦେଇଛନ୍ତି। ଗ୍ରାମିଣ ଡାକ ସେବକମାନଙ୍କୁ ୫ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା କରାଯାଉ, କମଲେଶ ଚନ୍ଦ୍ରା କମିଟି ସମସ୍ତ ସୁପାରିଶ କାର୍ଯ୍ୟକାରୀ କରାଯାଉ, ବରିଷ୍ଠତା ଭିତିରେ ୧୨/୨୪ ଓ ୩୬ ବର୍ଷରେ ଇନକ୍ରିମେଣ୍ଟ ପ୍ରଦାନ, ଗ୍ରାଚ୍ୟୁଇଟି ୧.୫ ଲକ୍ଷ ପରିବର୍ତ୍ତେ ୫ ଲକ୍ଷ ପ୍ରଦାନ, ବର୍ଷକୁ ବର୍ଷ ବଳକା ଛୁଟି ସଂରକ୍ଷଣ କରି ଅବସର ସମୟରେ ୧୮୦ ଦିନ ଛୁଟି ପ୍ରଦାନ, ଗ୍ରାମୀଣ ଡାକ ସେବକମାନଙ୍କୁ ଚିକିତ୍ସା ସୁବିଧା ଦେବା ସହ ପରିବାରକୁ ସଂଯୁକ୍ତ କରିବା, ଏସଡିବିଏସ ଦେୟ ୧୦ ପ୍ରତିଶତ କରିବା, ପାର୍ଟ ଟାଇମ କର୍ମଚାରୀ ହିସାବରେ ଟାର୍ଗେଟ ବାଧ୍ୟକତାରୁ ମୁକ୍ତ ଆଦି ଦାବି ରହିଛି। ଏହିସବୁ ଦାବି ଶୀଘ୍ର ପୂରଣ ନ ହେଲେ ଆସନ୍ତା ଡିସେମ୍ବର ୬ରୁ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବୁ ବୋଲି ପବିତ୍ର ମୋହନ ପ୍ରଧାନ, ସନ୍ତୋଷ କୁମାର ନାଏକ, ବ୍ରଜବନ୍ଧୁ ରଣା, ବିଶ୍ରାମ ଅହିର, ପିହୁରାମ ବାଗ, ହିମାଂଶୁ ପଲେଇ, ସତ୍ୟ ନାରାୟଣ ସେଠୀ, କିଶୋର କୁମାର ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିରୁଏଲ କୁମ୍ଭାର ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ୨ଗିରଫ

ବଲାଙ୍ଗୀର,୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

- ଚେତାଶୂନ୍ୟଅବସ୍ଥାରେ କୂଅକୁ ଫିଙ୍ଗିଦେଇଥିଲେ
- ହତ୍ୟାକାଣ୍ଡରେ ସାମିଲ ବଡବାପା ପୁଅ ଭାଇ ଗିରଫ
- ମୃତକଙ୍କ ସହ ପୂର୍ବରୁ ଅଭିଯୁକ୍ତଙ୍କ ହୋଇଥିଲା ବିବାଦ
- ହତ୍ୟାକାଣ୍ଡରେ ବ୍ୟବହୃତ ଗୁପ୍ତି ଜବତ



ଗିରଫ ଅଭିଯୁକ୍ତ ସୁକାନ୍ତ ନାଗ।



ଗିରଫ ଅଭିଯୁକ୍ତ ଛବିଳ ନାଗ।

ବଲାଙ୍ଗୀର ଜିଲା ପୁଇଁତଳା ଥାନା ଖଲିଆପାଲି ଗ୍ରାମର ନିରୁଏଲ କୁମ୍ଭାର ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ଅଭିଯୁକ୍ତ ଖଲିଆପାଲିର ସୁକାନ୍ତ ନାଗ ଓ ଛବିଳ ଓରଫ୍ ଛବିନ୍ଦ୍ର ନାଗଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁଇ ଅଭିଯୁକ୍ତ ନିରୁଏଲଙ୍କୁ ମାଡ ମାରିବା ପରେ ଚେତାଶୂନ୍ୟ ଅବସ୍ଥାରେ କୂଅକୁ ଫିଙ୍ଗି ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ମୁତାବକ ଗତ ୨୬ତାରିଖରେ ଖଲିଆପାଲି ଗାଁମୁଣ୍ଡ ଏକ କୂଅରୁ ନିଖୋଜ ନିରୁଏଲ କୁମ୍ଭାରଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହ କୂଅରୁ ମିଳିବା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୨୦୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ପରିବାର ଲୋକେ ସେହି ଗାଁର ସୁକାନ୍ତ ନାଗ ହତ୍ୟା କରିଥିବା ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ଏଭଳି ସୂଚନା ମିଳିବା ପରେ ପୁଇଁତଳା ଥାନା ଆଇଆଇସି ଅନିତା ପ୍ରଧାନଙ୍କ ନେତୃତ୍ୱରେ ତଦନ୍ତ ତ୍ୱରାନ୍ୱିତ ହୋଇଥିଲା। ଅଭିଯୁକ୍ତ ସୁକାନ୍ତ ନାଗ ଏବଂ ଛବିନ୍ଦ୍ର ନାଗ ଗାଁରେ ନଥିବା ଜଣାପଡିଥିଲା। ବହୁ ଖୋଜାଖୋଜି ପରେ ପୋଲିସ ଉଭୟଙ୍କୁ ଗିରଫ କରିଛି। ଗିରଫ ସୁକାନ୍ତ ଓ ନିରୁଏଲଙ୍କ ମଧ୍ୟରେ ଗତ ମାସ ୨୪ ତାରିଖରେ ତରଭା ମାର୍କେଟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ସୁକାନ୍ତ ଅନ୍ୟ ଜଣଙ୍କ ସହ ମିଶି କପଡା ବ୍ୟବସାୟ କରୁଥିଲେ। ତେବେ ଟଙ୍କାପଇସା ନେଣଦେଣକୁ ନେଇ ସୁକାନ୍ତ ଏବଂ ତାଙ୍କ ବ୍ୟବସାୟ ସହଯୋଗୀଙ୍କ ମଧ୍ୟରେ ତରଭାରେ ମାରପିଟ ହୋଇଥିଲା। ନିରୁଏଲ ସେଦିନ ସୁକାନ୍ତଙ୍କ ବ୍ୟବସାୟୀ ସହଯୋଗୀ ଯୁବକଙ୍କ ସହ ଥିଲେ। ଏହାକୁ କେନ୍ଦ୍ର କରି ସୁକାନ୍ତ ନିରୁଏଲଙ୍କ ସହ ମଧ୍ୟ ଝଗଡା ଲାଗିଥିଲେ। ଏକ ଗୁପ୍ତି ଧରି ସେଦିନ ନିରୁଏଲକୁ ମାରିଦେବ ବୋଲି ଗାଁରେ କହି ବୁଲିବା ସହ ଖୋଜାଖୋଜି କରୁଥିଲା। ରାତିରେ ନିରୁଏଲ କୁଆଡେ ମାତଲା ହୋଇ ତାଙ୍କ ସମ୍ପର୍କୀୟ ବଡବାପା ପୁଅ ଭାଇ ଛବିନ୍ଦ୍ରଙ୍କ ଘରକୁ ଚାଲିଯାଇଥିଲେ। ଛବିନ୍ଦ୍ର ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ସେ ଗାଁରେ ନଥିବା ସମୟରେ ନିରୁଏଲ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ମନ୍ଦ ଉଦ୍ଦେଶ୍ୟରେ ନିରୁଏଲ ତାଙ୍କ ଘରକୁ ଯାଉଥିବା ସନ୍ଦେହ କରି ତାଙ୍କ ପ୍ରତି ଛବିନ୍ଦ୍ରଙ୍କ କ୍ରୋଧ ରହିଥିଲା। ଗତ ୨୪ ତାରିଖ ରାତିରେ ନିରୁଏଲ ତାଙ୍କ ଘରେ ପହଞ୍ଚିବା ପରେ ସେଠାକୁ କାହିଁକି ଆସୁଛୁ ବୋଲି ଛବିନ୍ଦ୍ର ପ୍ରଶ୍ନ କରିଥିଲେ। ଏହାର କିଛି ସମୟ ପରେ ସୁକାନ୍ତ ଏକ ଗୁପ୍ତି ଧରି ସେଠାରେ ପହଞ୍ଚିଥିଲେ। ଏହା ଦେଖି ନିରୁଏଲ ଦୌଡି ପଳାଇବାରେ ସୁକାନ୍ତ ଏବଂ ଛବିନ୍ଦ୍ର ତାଙ୍କୁ ପିଛା କରି ବାଟରେ ମାଡ ମାରିଥିଲେ। ନିରୁଏଲ ଚେତାଶୂନ୍ୟ ହେବା ପରେ ମରିଗଲା ଭାବି ସୁକାନ୍ତ ଏବଂ ଛବିନ୍ଦ୍ର ତାଙ୍କୁ ଉଠାଇ ଗାଁର ଏକ କୂଅରେ ଫିଙ୍ଗ ଫେରାର ହୋଇଯାଇଥିଲେ। ଦୁଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଏ। ଜାମିନ୍ ନାମଞ୍ଜୁର ହେବାରୁ ଜିଲା କାରାଗାରକୁ ପଠାଯାଇଛି।

**ମେରା ଦେଶ ମେରା ମାଟି କାର୍ଯ୍ୟକ୍ରମ**

ସୁବଳୟା,(ଜୟାନନ୍ଦ ରଥ): ବୀରମହାରାଜପୁର ବ୍ଲକ ସୁବଳୟାରେ ଭାଜପା ପକ୍ଷରୁ ମେରା ଦେଶ ମେରା ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବଳୟା ଭାଜପା ମଣ୍ଡଳ ସଭାପତି ଶରତ କୁମାର ମିଶ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏକ ଶୋଭାଯାତ୍ରାରେ ନେତୃବୃନ୍ଦ ଘରକୁ ଘର ବୁଲି ମାଟି ସଂଗ୍ରହ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ରଘୁନାଥ ଜଗଦଲାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାଜପାର ଅଶୋକ ସାହୁ, ସଦାନନ୍ଦ ମହାନନ୍ଦ, ଡମ୍ବୁରୁଧର ମେହେର, ହରିହର ପାତ୍ର, ରାଧାକାନ୍ତ ପଣ୍ଡା, ଭୀଷ୍ମ ଦନ୍ତା, ଆକାଶ ନାଏକ, ସୁଦାମ ମେହେର, ଉପେନ୍ଦ୍ର ଦାସ, ବାଳମୁକୁନ୍ଦ ଗେଜ ଓ ଶରତ ଦେଓ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବର୍ଷାରେ ଭୁଶୁଡିଲା କାନ୍ଥ: ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାର

ବଘିଆପଡ଼ା,୪।୧୦ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ନାରାୟଣନଗର ଗ୍ରାମରେ ମଙ୍ଗଳବାର ରାତି ୮ଟା ସମୟରେ ଲଘୁଚାପଜନିତ ବର୍ଷା ଯୋଗୁ ହରିହର ମେହେରଙ୍କ କଚ୍ଚା ଘର କାନ୍ଥ ଭୁଶୁଡି ପଡିଥିଲା। କାନ୍ଥଟି ପଡୋଶୀଙ୍କ ଘର ପଟେ ପଡ଼ିଛି। ଫଳରେ ହରିହର ଓ ପଡୋଶୀ ଘରର ୧୦ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହରିହର ଲୁଗାବୁଣି ପରିବାର ପ୍ରତିପୋଷଣ କରନ୍ତି। ବୁଣାକାର ହୋଇଥିବା ବେଳେ ମଗା ପାଇଁ ସରକାରଙ୍କ ତରଫରୁ ତନ୍ତ ଗୃହ ପାଇନାହାନ୍ତି। ସେ ଜଣେ ଗରିବ ବୁଣାକାର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ତୁରନ୍ତ ମଗା ଗୃହ ଯୋଗାଇ ଦେବାକୁ ନାରାୟଣନଗର ଗ୍ରାମବାସୀ ଦାବି କରିଛନ୍ତି।

### ରାଧାନଗର ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ତଳଗା,୪।୧୦( କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ରାଧାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ମଙ୍ଗଳବାର ରାତିରେ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ବିଦ୍ୟାଳୟର ପାଚେରି କଡରେ ଚାଉଳ ବସ୍ତା ଓ ଚାଉଳ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧା ଦାୟିତ୍ୱ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ନେଇଥିବାରୁ ସଦସ୍ୟାମାନେ ମଧ୍ୟ ବିଦ୍ୟାଳୟକରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଦେଖିବାକୁ ପାଇଥିଲେ ଯେ, ବିଦ୍ୟାଳୟର ମୁଖ୍ୟ ଗେଟ ଓ ଗୋଦାମ ଘର ତାଲା ଭାଙ୍ଗି ଚୋରମାନେ ଚାଉଳ ଚୋରି କରି ନେଇଛନ୍ତି। ବିଦ୍ୟାଳୟରୁ ବସ୍ତାରେ ଥିବା ପ୍ରାୟ ୯ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଜଣାଯାଇଛି। ଚାଉଳ ଚୋରି ହେବା ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶିକେଶନ ବେହେରା ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ ଆରମ୍ଭ କରିଛି।

### କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା ସଭା

ବିନିକା,୪।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାରେ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ବ୍ଲକ କଂଗ୍ରେସ ତରଫରୁ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶା କଂଗ୍ରେସ କମିଟି ତରଫରୁ ବିନିକା ବ୍ଲକର ୧୬ଗୋଟି ପଞ୍ଚାୟତ ପାଇଁ ନିଯୁକ୍ତି ହୋଇଥିବା ନୂତନ ସଭାପତି ଓ ବିଭିନ୍ନ ଛାମୁଆ ସଂଗଠନର ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ପଣ୍ଡା, ନରେନ୍ଦ୍ର ସାହୁ, ବୀରମହାରାଜପୁର ବ୍ଲକ ସଭାପତି ବସନ୍ତ ମହାକୁଡ, ପଛୁଆବର୍ଗ ଜିଲା ସଭାପତି ପ୍ରେମାନନ୍ଦ ଜଟି, ବ୍ଲକ କଂଗ୍ରେସ ସଭାନେତ୍ରୀ ପଦ୍ମିନୀ ଭୋଇ ପ୍ରମୁଖ ଯୋଗଦେଇ କଂଗ୍ରେସକୁ ଶକ୍ତିଶାଳୀ କରିବା ପାଇଁ ଘର ଘର ବୁଲି କଂଗ୍ରେସର ନୀତି ଆଦର୍ଶକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉପସ୍ଥିତ ନବନିଯୁକ୍ତ ସଭାପତି ଏବଂ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଚରଦା ପଞ୍ଚାୟତ ପାଇଁ ସଭାପତି ଭାବରେ ନିଯୁକ୍ତ ନରସିଂହ ମିଶ୍ର, ଶଙ୍କରାର ଦୁର୍ଯ୍ୟୋଧନ କ୍ଷେତି, ମହାଦେବପାଲିର ସୋମିତ୍ରୀ ତରିଆ, ସେଲେଡିର ସୀତାରାମ ବହିଦାର, କଇଁନ୍ତରାର ଆନନ୍ଦ ଦାଶ, ବାଉଁଶୁଣୀର ବିଲାଞ୍ଚଲ ଷଣ୍ଡ, ମେଘେଲାର ବାଲେଶର ସାହୁ, ସିଲାଟିର ରଶ୍ମିରଞ୍ଜନ ବିଶି, ଭଣ୍ଡାର ଟିକେଶ୍ୱର୍ ପ୍ରଧା, ସିଂଘିଯୁବା ଜୟ ନାରାୟଣ ନାୟକ, ବାବୁପାଲି ରଷୁଭ ଭୋଏ, ବାର୍ଙ୍ଗିଡି ସୀତା ପୁଟେଲ, ସିନ୍ଦୁରପୁର ବିଶାମିତ୍ର ପଣ୍ଡ, ମହଦା ସୁରଥ ଚନ୍ଦ୍ର ପ୍ରଧାନ, ଲୁଲୁଣ୍ଡା ନବଘନ ନାଗ, କୁହି ବାହାଲା ଜିନ୍ଦାର ମହାନନ୍ଦ, ସଂଗଠକ କୃଷ୍ଣଚନ୍ଦ୍ର ପ୍ରଧାନ, ମିତ୍ରଭାନୁ ଭୁଏ, ପଞ୍ଚାନନ ପାତ୍ର, ସୂର୍ଯ୍ୟ କୁମାର କ୍ଷେତ,ଏନଏସ ଯୁଆଇ ଜିଲା ସଭାପତି ଟିକୁ ହୋତା ପ୍ରମୁଖଙ୍କୁ ପୂର୍ବତନ ବିଧାୟକ ପାତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁବ କଂଗ୍ରେସ ବ୍ଲକ ସଭାପତି ବିଜୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ରହିଛି ଏକମାତ୍ର ସିନେମା ହଲ୍

**ସୁବର୍ଣ୍ଣପୁର ଜିଲା**

ସୋନପୁର,୪।୧୦(ମୃତ୍ୟୁଞ୍ଜୟ ଶତପଥୀ)



ସମଲେଇ ଟକିଜ୍‌ରେ ତାଲା ଝୁଲିଛି।

ସୁବର୍ଣ୍ଣପୁର ଜିଲାରେ ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିବା ସୋନପୁର ସହରସ୍ଥିତ ସମଲେଇ ଟକିଜ୍ ବନ୍ଦ ରହିଛି। ଏହା ଜିଲାର ଏକମାତ୍ର ସିନେମା ହଲ ହୋଇଥିବା ବେଳେ ଗତ କୋଭିଡ୍ ସମୟରୁ ଫାଟକରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ଜିଲାବାସୀ ସିନେମା ଦେଖିବାରୁ ବଞ୍ଚିତ ହୋଇଛନ୍ତି। ଏହି ସିନେମା ହଲ ପୂର୍ବରୁ ସୋନପୁର ମହାରାଜା ବୀରମିତ୍ର ସିଂହଦେଓଙ୍କ ଦରବାର ହଲ ଥିଲା। ପରେ ମହାରାଜା ସୁଧାଂଶୁ ଭୂଷଣ ସିଂହଦେଓ ୧୯୬୭–୧୯୬୯ରେ ଏଠାରେ ଏକ ସିନେମା ହଲ୍ ପ୍ରତିଷ୍ଠା କରିଥିଲେ। ନିଜ ଇଷ୍ଟଦେବୀଙ୍କ ନାମାନୁସାରେ ଏହାକୁ ସେ ସମଲେଇ ଟକିଜ୍ ବୋଲି ନାଁ ଦେଇଥିଲେ। ରାଜାଙ୍କ ଉଦ୍ୟମରେ ପୂର୍ବରୁ ବହୁ ଭଲ ସିନେମା ଏଠାରେ ଲୋକେ ଦେଖିବାକୁ ପାଉଥିଲେ। ପରେ ଜଣେ ସ୍ଥାନୀୟ ବ୍ୟବସାୟୀଙ୍କୁ ଏହି ସିନେମା ହଲ ବିକ୍ରି ହୋଇଯାଇଛି।

ମନ୍ଦିରମାଳିନୀ ସୋନପୁର ସହରର ନଦୀ ଘାଟ, ବାଟ, ମଠ, ପଥର ଓ ନାଳ ସବୁଠି ଦେବାଦେବୀ ପୂଜା ପାଆନ୍ତି। ସେହିଭଳି ଏଠାରେ ଥିବା ସିନେମା ହଲ ମଧ୍ୟ ମା' ସମଲେଇଙ୍କ ନାମରେ ନାମିତ। ତେବେ ଶତାଧିକ ବର୍ଷର ଏହି ପୁରୁଣା ସିନେମା ହଲରେ ତାଲା ଝୁଲିବା ସଂସ୍କୃତି ପ୍ରେମୀଙ୍କୁ ନିରାଶ କରିଛି। ଜିଲାର ଅଧିବାସୀ ଏବେ ସିନେମା ହଲରେ ବସି ସିନେମା ଦେଖିବାର ସୁଯୋଗ ପାଉନାହାନ୍ତି। ସିନେମା ଦେଖିବା ପାଇଁ ବଲାଙ୍ଗୀର ଅବା ସମ୍ବଲପୁର ଯିବାକୁ ପଡୁଛି। ସୋନପୁରର ସମସ୍ତ ଯାନିଯାତ୍ରା ସମୟରେ ମନୋରଞ୍ଜନର ମାଧ୍ୟମ ସାଜିଥାଏ ସମଲେଇ ଟକିଜ୍। ବିଭିନ୍ନ ଉତ୍ସବ ସମୟରେ ଓଡିଆ ସିନେମା ପଡୁଥିବାରୁ ଲୋକେ ସପରିବାର ଫିଲ୍ମ ଦେଖିବାକୁ ଯାଆନ୍ତି। ମଧ୍ୟାହ୍ନ ଶୋରୁ ଭିଡ ଜମିଯାଏ। ତେବେ ଏହିସବୁ ଏବେ ସ୍ମୃତି ହୋଇଗଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ବରୁ ଯେତେବେଳେ ଗାଡି ମୋଟରର ସୁବିଧା ନ ଥିଲା ପୂଜା ସମୟରେ ଶଗଡ ଗାଡିରେ ବସି ଲୋକେ ବିଭିନ୍ନ ଗାଁରୁ ସପରିବାର ସିନେମା ଦେଖିବାକୁ ଆସୁଥିଲେ। ଗହଳିକୁ ଦେଖି ପୋଲିସ ମୁତୟନ ହେଉଥିଲେ। ଏହି ସିନେମା ହଲର ବୈଶିଷ୍ଟ୍ୟ ହେଲା ମହିଳାଙ୍କ ବସିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିଲା। ସମଲେଇ ଟକିଜ୍ ସହ ସୋନପୁରିଆଙ୍କ ବହୁ ସ୍ମୃତି ଜଡିତ ହୋଇରହିଛି। ତେଣୁ ସୁବର୍ଣ୍ଣପୁର ଭଳି ଏକ ସଂସ୍କୃତି ସମ୍ପନ୍ନ ସହରର ଏକମାତ୍ର ଟକିଜ୍ ବନ୍ଦ ପଡିଥିବାରୁ ସ୍ଥାନୀୟ ଅଧିବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ସହ ବାଇକ ଜବତ, ୩ ଗିରଫ

ଘଣ୍ଟାପଡ଼ା, ୪।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ପକ୍ଷରୁ ଚଢାଉ କରାଯାଇ ୧୦ କେଜି ଗଞ୍ଜେଇ ସହ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ପୋଲିସ ଟିମ୍ ପୁରୁଣାପାଣି ଗ୍ରାମ ରାସ୍ତାରେ ଜଗି ରହିଥିଲେ। ଏହି ସମୟରେ ୩ ଜଣ ବ୍ୟକ୍ତି ଆସୁଥିବା ଏକ ଟିଭିଏସ ଆପାଚି (ନଂ ଓଡ଼ି ୩୧ ଏଫ ୯୫୨୭)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିଥିଲେ। ଏହି ଘଟଣାରେ ଗିରଫ ଚୋରା ବେପାରୀମାନେ ହେଲେ କନ୍ଧମାଳ ଜିଲା ଗୋଛାପଡ଼ା ଥାନା ବାଘଡୁଙ୍ଗୁରି ଗ୍ରାମର ସାଗର ଝାଙ୍କର(୨୫), ବାଉପଙ୍ଗାର ନଟୁ କହଁର(୫୨) ଓ ନାଗପୁରର ସଚିନ ଉମାଶଙ୍କର ସାହୁ(୨୭)। ଅଭିଯୁକ୍ତ ମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ନଂ୧୬୦/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା କଣ୍ଟାମାଳ ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ସର୍ପାଘାତରେ ମହିଳା ମୃତ

ଅମରପାଲି,୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରୀ (ମୁଣ୍ଡାପଡା) ଗ୍ରାମରେ ସର୍ପାଘାତରେ ଜଣେ ବିବାହିତା ମହିଳାଙ୍କ ବୁଧବାର ଦିନ ମୃତ୍ୟୁ ଘଟିଛି। ମୃତକ ହେଲେ ଦୁଃଶାସନ ମୁଣ୍ଡାଙ୍କ ସ୍ତ୍ରୀ ପାର୍ବତୀ (୩୫)। ପ୍ରକାଶ ଯେ, ପାର୍ବତୀ ସକାଳେ ନିଜ ଚାଷ ଜମିରେ କାମ କରୁଥିବା ବେଳେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଏନେଇ କହିବା ପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ମହିଳା ଓ ତାଙ୍କ ସ୍ୱାମୀ ମୂଲ ଲାଗି ପରିବାର ଚଳାଉ ଥିଲେ। ତାଙ୍କର ଦୁଇଟି ଝିଅ ଓ ଦୁଇଟି ପୁଅ। ବଡ଼ ଝିଅ ପପିନାର ବୟସ ୧୫। ମଧ୍ୟାହ୍ନରେ ଡାକ୍ତରଖାନାରେ ମହିଳାଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ପୋଲିସ ସନ୍ଧ୍ୟାରେ ପହଞ୍ଚି ଥିଲା। ଫଳରେ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ଜଣା ପଡ଼ିଛି। ମୃତା ମହିଳା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

# ୧୦ଦଫା ଦାବିରେ ଡାକ କର୍ମଚାରୀଙ୍କ ଧର୍ମଘଟ



ଧାରଣାରେ ସାମିଲ ଡାକ କର୍ମଚାରୀ।

ପାଇକମାଳ, ୪।୧୦(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ମୁଖ୍ୟ ଡାକଘର ନିକଟରେ କେନ୍ଦ୍ରୀୟ ମିଳିତ କ୍ରିୟାନୁଷ୍ଠାନ ସଂଘ ଡାକରାରେ ୧୦ଦଫା ଦାବି ନେଇ ଡାକସେବକ କର୍ମଚାରୀ ବୁଧବାର ଧାରଣାରେ ବସିଥିଲେ। ଗ୍ରାମୀଣ ଡାକ ସେବକଙ୍କୁ ୫ ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ, କମଳେଶ ଚନ୍ଦ୍ରା କମିଟିର ସମସ୍ତ ସୁପାରିଶକୁ କାର୍ଯ୍ୟକାରୀ କରିବା, ବରିଷ୍ଠତା ଭିତ୍ତିରେ ୧୨/୨୪/୩୬ ବର୍ଷରେ ଇନକ୍ରିମେଣ୍ଟ ପ୍ରଦାନ, ଗ୍ରାଚ୍ୟୁଇଟି ୧.୫ ଲକ୍ଷ ପରିବର୍ତ୍ତେ ୫ଲକ୍ଷ ପ୍ରଦାନ, ବର୍ଷକୁ ବର୍ଷ ବଳକା ଛୁଟି ସଂରକ୍ଷଣ କରି ଅବସର ସମୟରେ ୧୮୦ ଦିନ ଛୁଟି ପ୍ରଦାନ ଆଦି ଦାବି କରାଯାଇଛି। ଧାରଣାରେ ହୃଷୀକେଶ ପ୍ରଧାନ, ବେଦବ୍ୟାସ ପୁଟା, ଖେତୁ ପ୍ରଧାନ, ମନବୋଧ ଧରୁଆ, ସୁଦର୍ଶନ ରଣା, ଆନନ୍ଦ ବିଶ୍ୱାଳ, ସୁନୀଲ ବେହେରା, ଚତୁର୍ଭୁଜ ତାଣ୍ଡି ସାମିଲ ହୋଇଥିଲେ।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଅମରପାଲି,୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଜଟେସିଂହା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ଜ୍ଞାନ ମୁଖୀଙ୍କ ସ୍ତ୍ରୀ ପ୍ରଭାସିନୀ ମୁଖୀ (୨୪)। ମଙ୍ଗଳବାର ରାତିରେ ସେ ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସୁବଳୟା ଥାନାରେ ନଂ ୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏସଆଇ ଦିପ୍ତିରଞ୍ଜନ ଦିଗାଲ ଏହାର ତଦନ୍ତ ଭାର ନେଇଛନ୍ତି।

## ଗ୍ରାମୀଣ ଡାକସେବକଙ୍କ ଦିନିକିଆ ଧର୍ମଘଟ

ଅମରପାଲି,୪।୧୦(ପୀତାମ୍ବର ସାହୁ)

୧୨ ଦଫା ଦାବି ନେଇ ବୁଧବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଗ୍ରାମୀଣ ଡାକ ସେବକଙ୍କ ପକ୍ଷରୁ ଦିନିକିଆ ଧର୍ମଘଟ କରାଯାଇଛି। ଧର୍ମଘଟ ଫଳରେ ବୀରମହାରାଜପୁର ଅଞ୍ଚଳରେ ଡାକସେବା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ପ୍ରତ୍ୟେକ ଉପ ଡାକଘରେ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇ ଡାକ ସେବକଙ୍କ ବିଭିନ୍ନ ଦାବି ନେଇ ନାରାବାଜି କରିଥିଲେ। ନ୍ୟାଶନାଲ ୟୁନିୟନ ଅଫ ଗ୍ରାମୀଣ ଡାକସେବକ (ଏନୟୁଜିଡିଏସ) ବଲାଙ୍ଗୀର ଡାକ ମଣ୍ଡଳର ସମ୍ପାଦକ ଲଳିତ କରଙ୍କ ନେତୃତ୍ୱରେ ବୀରମହାରାଜପୁର, ଉଲୁଣ୍ଡା ଓ ସୋନପୁର ଆଦି ଡାକଘରେ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟ ପାଳନ କରାଯାଇଥିଲା। ଡାକ କର୍ମଚାରୀଙ୍କ ପକ୍ଷରୁ ୩–ଏ ନିୟମ ଉଚ୍ଛେଦ, ସିଭିଲ ସର୍ଭେଣ୍ଟ ଷ୍ଟାଟସ, ଦୈନିକ ଆଠ ଘଣ୍ଟା ଡ୍ୟୁଟି, ୫ ଲକ୍ଷ ଗ୍ରାଚୁଟି ପ୍ରଦାନ, ୫ ଲକ୍ଷ ଗ୍ରୁପ ବୀମା, ମେଡିକାଲ ଆଲାଏନ୍ସ, ସମାନ କାମ ପାଇଁ ସମ୍ମାନ ଦରମା ଆଦି ଦାବି ଉପସ୍ଥାପନ କରାଯାଇଛି। ବୀରମହାରାଜପୁରଠାରେ ଅନୁଷ୍ଠିତ ଧର୍ମଘଟରେ ବସନ୍ତ ଖୁରା, ମନୋଜ ଦେହୁରୀ, ପ୍ରେମାନନ୍ଦ ଖେତି,ଜୟ ପ୍ରକାଶ ସାହୁ,ଗୌର ନାଏକ, ମନୋଜ ଭୋଇଙ୍କ ସମେତ ୧୮ଟି ଶାଖା ଡାକଘର କର୍ମଚାରୀ ସାମିଲ ହୋଇଥିଲେ।

# ବୌଦ୍ଧରେ ନୂଆଁଖାଇ ଭେଟଘାଟ

ବୌଦ୍ଧ,୪।୧୦(ଅଜିତ କୁମାର ବାରିକ)



ନୂଆଁଖାଇ ଭେଟଘାଟର ଅତିଥି।

ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଦିନ ବୌଦ୍ଧ ଟାଉନହଲଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭେଟଘାଟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ରମେଶ ମେହେର, ଅଧ୍ୟାପକ ପ୍ରବୀର ଦାସ, ଶିକ୍ଷକ ବିଜୟ କୁମାର ସାହୁ, ସାମାଜିକ କର୍ମୀ କୃତ୍ତିବାସ ପଲିଆ, କଣ୍ଠଶିଳ୍ପୀ ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ। ଅତିଥିମାନେ ନୂଆଁଖାଇ ପର୍ବ ଦ୍ୱାରା ଭାଇଚାର ବଜାୟ ରହିବା ସହ ସ୍ନେହ ଓ ଆଦର ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୌରଭ ପଟନାୟକ, ରମାକାନ୍ତ ପ୍ରଧାନ,ସ୍ୱାଧୀନ ପରିଡା ଓ ଗୋପାଳକୃଷ୍ଣ ବେହେରାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଭେଟଘାଟ ପାଇଁ ସମ୍ବଲପୁରୀ ନାଚ ଗୀତରେ ପୁରା ମଞ୍ଚ ଦୁଲୁକି ଉଠିଥିଲା। ଏହି ଅବସରରେ ଜିଲାର ଲୋକଗୀତ ଓ ନାଚ ପରିବେଷିତ ହୋଇଥିଲା।

## ଲୋଭୋଲଟେଜ ସମସ୍ୟା

ସରଣ୍ଡା,୪।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ଏନଏସିର କେତେକ ଅଞ୍ଚଳରେ ଲୋଭୋଲଟେଜ ସମସ୍ୟା ଗ୍ରାହକଙ୍କୁ ଅସୁବିଧାରେ ପକାଇଛି। ଏନଏସିର ଛଅ ଓ ଚାରି ନମ୍ବର ୱାର୍ଡ ଅଧିନ ଖାଉଁଜୋରରେ ଏହି ସମସ୍ୟା ଉତ୍କଟ ହୋଇଛି। ଏ ନେଇ ଅଞ୍ଚଳବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲେ ସୁଦ୍ଧା ସମସ୍ୟାର ସୁଧାର ହେଉନାହିଁ। ଅନ୍ୟପଟେ ରକ୍ଷଣାବେକ୍ଷଣ ପାଇଁ ପ୍ରତିମାସ ମରାମତି ଆଳ ଦେଖାଇ ବିଦ୍ୟୁତ୍ କାଟ ହେଉଛି। ତଥାପି ସମସ୍ୟାରେ ସୁଧାର ଆସୁନାହିଁ। ଏ ନେଇ ଅତାବିରା ଏସଡ଼ିଓ ଏମ. ଦାଶଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୦୫୮୦୨୧ରେ ଯୋଗାଯୋଗ କରାଯାଇଥଇଲା। ରିଙ୍ଗ ହେଉଥିଲେ ବି ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଯୁବ ବିଜେଡିର ସମ୍ବର୍ଦ୍ଧନା ସଭା, ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବିନିକା ୪।୧୦ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ବିଜୁ ଯୁବ ଜନତା ଦଳର ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ସମ୍ମାନିତ ଅତିଥି ଭାବେ ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ଯୋଗଦେଇ ନୂତନ ଭାବେ ନିଯୁକ୍ତ ହୋଇଥିବା ପଞ୍ଚାୟତ ଯୁବ ସଭାପତି ଓ ଡିଜିଟାଲ ସେକ୍ରେଟାରୀମାନଙ୍କ ନାମ ଘୋଷଣା କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଡିଜିଟାଲ ସେକ୍ରେଟାରୀ ମନୋଜ ସାହୁ, ସିଂଘିଯୁବା ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ କୁମାର ତ୍ରିପାଠୀ, ବ୍ଲକ ଡିଜିଟାଲ ସେକ୍ରେଟାରୀ ଆଶିଷ ବାରିକ, ବିନିକା ଏନଏସି ସେକ୍ରେଟାରୀ ଅବିନାଶ ଗାଇଗରିଆ ଓ ଶଙ୍କରା ସମିତି ସଭ୍ୟ ବଶିଷ୍ଟ ପଣ୍ଡାଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତରୁ ଯୁବ ସଭାପତି ଓ ଡିଜିଟାଲ ସମ୍ପାଦକମାନେ ଉପସ୍ଥିତ ଥିଲେ। ସେହିପରି ବିନିକା ସ୍ପୋର୍ଟ୍ସ କ୍ଲବ କାର୍ଯ୍ୟାଳୟରେ ନଗର ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଯୁବ ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ଆସନ୍ତା ୮ ତାରିଖ ରେ ପଦଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ବୌଦ୍ଧ,୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅର୍ନ୍ତଗତ ତାଳସରଡା ଗ୍ରାମ ପଞ୍ଚାୟତ ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଦିନ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ, ତୁଳାରାମ ମହାନନ୍ଦିଆ, ହୃଷୀକେଶ ମେହେର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ମେହେର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ହେମନ୍ତ କର୍ମୀ, ଶିକ୍ଷକ ଅଜିତ ମେଣ୍ଡେଲି, ବିଦ୍ୟାଳୟ ଉପଦେଷ୍ଟା ଚେତାରାମ ପଟ୍ଟନାୟକ ଯୋଗଦେଇ ସାଇବର ଠକାମିରୁ କିପରି ସୁରକ୍ଷା ପାଇପାରିବ ସେନେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା।

# ମିଳିତ ଜନଶୁଣାଣିରେ ୧୬ ଅଭିଯୋଗ

ସୋନପୁର,୪।୧୦(ମୃତ୍ୟୁଞ୍ଜୟ ଶତପଥୀ)


ଜିଲାପାଳ ଓ ଏସପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୁବର୍ଣ୍ଣପୁର ଜିଲାପାଳ ଓ ଏସ୍‌ପିଙ୍କ ସୋନପୁର ବ୍ଲକସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ ପଣ୍ଡା ଏହି ଶିବିରରେ ଯୋଗଦେଇ ସମୁଦାୟ ୧୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ସମସ୍ୟା ଓ ୬ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ସମସ୍ତ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ମିଶ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ତହସିଲଦାର ନବୀନ କିଶୋର ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ବିନିକା ଏନଏସିରେ ବଡାଖାନା କାର୍ଯ୍ୟକ୍ରମ

ବିନିକା,୪।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରଠାରେ ବଡାଖାନା କାର୍ଯ୍ୟକ୍ରମ ବୁଧବାର ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ସୀତାରାମ ଭୁଏ, ସମ୍ମାନିତ ଅତିଥି ଭାବେ ଏବିଓ ହେମସାଗର କାଲସେ, ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଯୋଗଦେଇ ସ୍ୱଚ୍ଛ ଭାରତ ମିଶନ, ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ବିଷୟରେ ଆଲୋକପାତ କରି ବିନିକାକୁ ସ୍ୱଚ୍ଛ ବିନିକା ସୁସ୍ଥ ବିନିକାରେ ପରିଣତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀ ଓ ସ୍ୱଚ୍ଛ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସିଏମଏମ ଉମାକାନ୍ତ ସିଂ ମଞ୍ଚ ପରିଚାଳନା କରିଥିଲେ। ସୁପରଭାଇଜର ସନ୍ତୋଷ ବନଛୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଓ ସୁମିତା ବାରିକ, ସାନିଟାରୀ ଏକ୍ସପୋର୍ଟ ସାଗରିକା ପାତ୍ରୋ, ଜମାଦାର ଶରତ ଚନ୍ଦ୍ର ପରିଡା, ସନ୍ତୋଷୀ ସେଠୀଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ସହଯୋଗ କରିଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ହେମଗିର (ଚୈତନ୍ୟ ପଟେଲ): ହେମଗିର ବ୍ଲକ ଦାଘୋରା ରେଳଷ୍ଟେସନ ନିକଟରୁ ଜଣେ ଯୁବକଙ୍କ ମୃତଦେହ ରେଳବାଇ ପୋଲିସ ବୁଧବାର ଜବତ କରିଛି। ସେ ହେଲେ କନିକା ଗ୍ରାମର ଇଶାକ ଖାନ (୨୫)। ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମଙ୍ଗଳବାର ରାତିରେ ଇଶାକ ନିକଟସ୍ଥ ଛତିଶଗଡ଼ ରାଜ୍ୟର ରାଇଗଡ଼ରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଦାଘୋରା ରେଳଷ୍ଟେସନ ନିକଟରେ ତେଲ ସରିଯାଇଥିଲା। ରେଳ ଧାରଣାରେ ଚାଲି ଚାଲି ଘରକୁ ଫେରୁଥିବା ସମୟରେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ ଛକରୁ ଚୋରି: ଥାନାରେ ଏତଲା

ରାଉରକେଲା,୪।୧୦(ସଙ୍ଗୀତା ଜେନା): ସହର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଛକରେ ଲାଗିଥିବା ସାମଗ୍ରୀ କ୍ରମାଗତ ଭାବେ ଚୋରି ହେଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ଷ୍ଟାଚ୍ୟୁ ନିକଟରେ ସୌନ୍ଦର୍ଯ୍ୟବର୍ଦ୍ଧକ ଲାଇଟ୍ ଓ ଅନ୍ୟ ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରିଥିବା ନେଇ ସେକ୍ଟର--୩ ଥାନାରେ ଏତଲା ହୋଇଛି। ଏତଲାକୁ ଆଧାରକରି ପୋଲିସ ଏକ ମାମଲା (ନଂ.୧୧୨/୨୩) ରୁଜୁ କରି ତଦନ୍ତ କରୁଛି। ଆର୍‌ଏସ୍‌ପି ଅନ୍ତର୍ଗତ ଉକ୍ତ ଅଞ୍ଚଳରେ ଚୋରି କରାଯାଉଛି। ବୁଧବାର ସକାଳେ ଏହି ଚୋରି ସମ୍ପର୍କରେ ଟାଉନ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ରବନ୍ଧକ ଅନୁପ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ରକ୍ତଦାନ ଶିବିର: ୫୦ ୟୁନିଟ୍ ସଂଗ୍ରହ

ରାଉରକେଲା,୪।୧୦(ସଙ୍ଗୀତା ଜେନା): ଦି ହ୍ୟୁମାନିଟି ସେବା ଫାଉଣ୍ଡେସନ୍ ଓ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଦୀପ୍ତୀମୟୀ ସୁନ୍ଦରରାୟଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଶିବିରରେ ପ୍ରାୟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବିଶ୍ୱଜିତ ରାଉତ, ଏସ୍ ଗଣେଷ, ଦିଲ୍ଲୀପ ମହାରଣା, ସୁବାସ ଚକ୍ରବର୍ତ୍ତୀ, ନରେନ୍ଦ୍ର ସିଂ ସମେତ ୧୦ ଜଣ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଲସୁଧାର କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ଚନ୍ଦ୍ର ସେଠୀ, ସମାଜସେବୀ ଶଶିଲତା ହୋତା, ଗୁରବିନ୍ଦର ସିଂ, ସ୍କୁଲର ଅଧକ୍ଷା ଯଶବିନ୍ଦର କୌର, ସ୍ମିତା ମହାନ୍ତି, ଲଲାଟେନ୍ଦୁ ଆଚାର୍ଯ୍ୟ, ସୁରେଶ ଶର୍ମାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

### ମାନବ ଚାଲାଣ ସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର,୪।୧୦ (ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ସରବତୀ ଦେବି ମହିଳା କଲେଜରେ ବୁଧବାର ରେଳବିଭାଗ ତରଫରୁ ରେଳ ମାର୍ଗରେ ମାନବ ଚାଲାଣ ଓ ଅନ୍ୟାନ୍ୟ ସମସ୍ୟାରୁ ସୁରକ୍ଷା ନିମନ୍ତେ ଏକ କାର୍ଯ୍ୟକ୍ରମ ଅଧ୍ୟକ୍ଷ ବିପିନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରେଳବିଭାଗର ଅଧିକ୍ଷକ ନିରୀକ୍ଷଣ ଅଧିକାରୀ ରାମପ୍ରସାଦ ଯାଦବ ରେଳ ମାର୍ଗରେ ମାନବ ଚାଲାଣ ଓ ତସ୍କରଙ୍କ ସଂପର୍କରେ କହି ସଚେତନତା କରାଇଥିଲେ। ରେଳ ଯାତ୍ରାରେ କୌଣସିପ୍ରକାର ସନ୍ଦେହ ଯାତ ହେଲେ ୧୩୯ରେ ଫୋନ କରିବା ପାଇଁ କହିଥିଲେ। ଅଧ୍ୟାପକ ସପନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।



ରାଉରକେଲା କଲେଜର ଓଡ଼ିଆ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ସମାବର୍ତ୍ତନ ଉତ୍ସବ ଅବସରରେ ବିଦ୍ୟାର୍ଥୀଙ୍କ ସହିତ ଅତିଥି।

# ଓଡ଼ିଆ ଭାଷାର ବିକାଶ ନେଇ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ

ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜର ଓଡ଼ିଆ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ସମାବର୍ତ୍ତନ ଉତ୍ସବ ଅବସରରେ ବୁଧବାର ଜାତି ଗଠନରେ ମାତୃଭାଷାର ଭୂମିକା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ର ତିନୋଟି ପର୍ବ ସହ ସମ୍ପାଦିତ ହୋଇଥିଲା। ଏଥିରେ କଲେଜର ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାପିକା ତଥା ବିଶିଷ୍ଟ ସମାଜସେବୀ ଡ. କିଶୋରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ପ୍ରଥମ ପର୍ବ ସ୍ୱାଗତ ପର୍ବରେ ଛାତ୍ରୀ ଅନୀତା ଜଗଦେବ ମଞ୍ଚ ପରିଚାଳନା କରିଥିବାବେଳେ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ବନବିହାରୀ କିଷାନ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ପୂଜାରାଣୀ ମହାପାତ୍ର, ଗୁଡ୍ଡି ସୁନା ଓ ତପସ୍ୱିନୀ କୁମ୍ଭାର। ଏଥିରେ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ନବାଗତମାନଙ୍କୁ ସ୍ୱାଗତ କରାଯାଇଥିଲା। ଅର୍ଣ୍ଣପୂର୍ଣ୍ଣା ବରାଲ, ସଙ୍ଗତା ବେହେରା, ମାନସ ବେହେରା ପ୍ରମୁଖ ପ୍ରଥମ ଶ୍ରେଣୀର ଉତ୍ତୀର୍ଣ୍ଣ ହୋଇଥିବା ୨୨ଛାତ୍ରୀଛାତ୍ରଙ୍କୁ କଲେଜର ଅଧକ୍ଷା ତଥା ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ପର୍ବ ଆଲୋଚନାରେ ବିଭାଗ ମୁଖ୍ୟ ରଶ୍ମୀପ୍ରଭା ମଥାନଙ୍କ ତତ୍ତ୍ୱାବଧାନ କ୍ରମେ ଜାତି ଗଠନରେ ମାତୃଭାଷାର ଭୂମିକା ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଆଲୋଚିକା ଡ. କିଶୋରୀ ଦାଶ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଗୌରବମୟ ଇତିହାସ ଓ ସ୍ୱର୍ଦ୍ଧିତ ବର୍ତ୍ତମାନର ରୂପଚିତ୍ରକୁ ସାମ୍ନାରେ ରଖିବା ସହିତ ଓଡିଆ ଭାଷାର ବିକାଶ ଓ ସୁରକ୍ଷା ପାଇଁ ଛାତ୍ରୀଛାତ୍ର ପ୍ରତିଶ୍ରୁତିବଦ୍ଧ ହେବା ଉଚିତ ବୋଲି କହିଥିଲେ। ତୃତୀୟ ପର୍ବ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତୃଭାଷା ଗୀତ ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ଛାତ୍ରୀ ସୁଶ୍ରୀରେଖା ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଚାକିରି କରାଇବା ଆଳରେ ୯ ଯୁବକଙ୍କୁ ମହାରାଷ୍ଟ୍ରରେ ବନ୍ଧକ ଅଭିଯୋଗ

ରାଉରକେଲା,୪।୧୦(ସଙ୍ଗୀତା ଜେନା)

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ତିଲକାନଗର ଅଞ୍ଚଳର ୯ ଯୁବକଙ୍କୁ ମହାରାଷ୍ଟ୍ରରେ କାମ ଦେବା ଆଳରେ ବନ୍ଧକ ରଖାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଉକ୍ତ ୯ଯୁବକ ଘର ଲୋକଙ୍କ ନିକଟକୁ ଭିଡ଼ିଓବାର୍ତ୍ତା ପଠାଇଥିଲେ। ହେଲେ ଏ ନେଇ ସମ୍ପୃକ୍ତ ଥାନାରେ ବୁଧବାର ରାତି ୯ଟା ପର୍ଯ୍ୟନ୍ତ କୌଣସି ଏତଲା ହୋଇନାହିଁ। ସୂଚନାଯୋଗ୍ୟ, କେତେଜଣ ଯୁବକଙ୍କୁ ସ୍ଥାନୀୟ ଜଣେ ବ୍ୟକ୍ତି ମହାରାଷ୍ଟ୍ରର ଦେବଗଡ଼ ହାର୍ବରରେ ଚାକିରୀ କରାଇ ଦେବା ଆଳରେ ନେଇଥିଲେ। ମାଛ ଧରାଳୀମାନଙ୍କ ନିକଟରେ ଚାକିରୀ କରାଇବା ଓ ଭଲ ଦରମା ପ୍ରଲୋଭନ ଦେଖାଇ ନିଆଯାଇଥିଲା। ସେପ୍ଟେମ୍ବର ୨୯ରେ ଯୁବକମାନେ ଏଠାରୁ ମହାରାଷ୍ଟ୍ର ଯାଇଥିବାବେଳେ ଅକ୍ଟୋବର ୧ରେ କାମରେ ଯୋଗଦେଇଥିଲେ। ସେମାନଙ୍କୁ ମନମୁତାବକ କାମ ଦିଆଯାଇ ନ ଥିଲା। ସେମାନେ ଓଡ଼ିଶା ଫେରିବାକୁ ଚାହିଁଥିଲେ ମଧ୍ୟ କୌଣସି ସହଯୋଗ ମିଳି ନ ଥିଲା। କୌଣସି ଉପାୟ ନ ପାଇ ଶେଷରେ ଭିଡ଼ିଓ ପ୍ରସ୍ତୁତ କରି ଯୁବକମାନେ ପରିବାରବର୍ଗଙ୍କ ନିକଟକୁ ପଠାଇ ସାହାଯ୍ୟ ଲୋଡ଼ିଥିଲେ। ଏ ସମ୍ପର୍କରେ ବନ୍ଧମୁଣ୍ଡା ଥାନା ଅଧିକାରୀଙ୍କୁ ପଚରାଯିବାରୁ ସେ କହିଲେ, କୌଣସି ଏତଲା ଏ ପର୍ଯ୍ୟନ୍ତ ହୋଇନାହିଁ। ଅଭିଯୋଗ ଆସିଲେ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭାଜପା ପକ୍ଷରୁ ପିକେଟିଂ: ଜିଲାରେ ୧୨ ଘଣ୍ଟିଆ ବନ୍ଦ ଆଜି


ବିଭିନ୍ନ ମାର୍କେଟ ସ୍ଥାନରେ ପିକେଟିଂ କରୁଛନ୍ତି ଭାଜପା କର୍ମକର୍ତ୍ତା।

ରାଉରକେଲା,୪।୧୦(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାରେ ଆଦିବାସୀ ମହିଳା ସୁରକ୍ଷିତ ନାହାନ୍ତି। ଏପରିକି ପ୍ରଶାସନିକ ପଦପଦବୀରେ ଥିବା ମହିଳାମାନେ ମଧ୍ୟ ଅସୁରକ୍ଷିତ ହୋଇ ପଡୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଭାବେ ରାଉରକେଲା ସହାୟକ କଲେକ୍ଟର ସୁସ୍ମିତା ମିଞ୍ଜ ଓ ଉଦିତନଗର ଥାନା ଏଏସ୍‌ଆଇ ଆଲିସ ନାରମି ଲୁଗୁନ। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଏପରି ମହିଳା ଉତ୍ପୀଡ଼ନକୁ ବରଦାସ୍ତ କରାଯିବ ନାହିଁ ବୋଲି ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କହିଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ବିରୋଧ କରି ଅକ୍ଟୋବର ୫ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଜିଲା ବନ୍ଦ ଡାକରା ଦେଇଛି ଭାଜପା। ଭାଜପା ମହିଳା ମୋର୍ଚ୍ଚା ଓ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଏହା ସଙ୍ଗଠିତ କରାଯାଉଛି। ଏଥିରେ ସମସ୍ତେ ସହଯୋଗ କରିବାକୁ ଓ ବନ୍ଦକୁ ଶତପ୍ରତିଶତ ସଫଳ କରିବାକୁ ଏମପି ଜୁଏଲ ଓରାମ ଜିଲାବାସୀଙ୍କୁ ବୁଧବାର ସନ୍ଧ୍ୟାରେ ଆହ୍ୱାନ ଦେଇଛନ୍ତି। ଦୋଷୀ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏମ୍‌ପି ଓରାମ କହିଛନ୍ତି। ସେହିପରି ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ବଜାର ଅଞ୍ଚଳରେ ଭାଜପା ନେତୃମଣ୍ଡଳୀଙ୍କ ପକ୍ଷରୁ ପିକେଟିଂ କରାଯାଇଛି। ଏହି ବନ୍ଦକୁ ସଫଳ କରିବାକୁ ସୋସିଆଲ ମିଡ଼ିଆ ଓ ଡାକବାଜି ଯନ୍ତ୍ରରେ ସହରବାସୀଙ୍କୁ ଅବଗତ କରାଯାଉଛି।

# ଲତା ମଙ୍ଗେସ୍କରଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା


ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଓ ପ୍ରତିଭାବାନ କଣ୍ଠଶିଳ୍ପୀ।

ରାଉରକେଲା,୪।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସିଭିକ ସେଣ୍ଟରରେ ଭାରତର ସୁପ୍ରସିଦ୍ଧ କିମ୍ବଦନ୍ତୀ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ମେରୀ ଆବାଜ ହି ମେରୀ ପହେଚାନ ହୈ ରୁପକ ସଙ୍ଗୀତ ସନ୍ଧ୍ୟାରେ ଲତାଙ୍କୁ ଭାବାବେଗ ଶ୍ରଦ୍ଧାସୁମନ ଶ୍ରଦ୍ଧାଞ୍ଜଳି ଅର୍ପଣ ହୋଇଥିଲା। ଏହା ପରେ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଲତା ମଙ୍ଗେସକର ଫ୍ୟାନ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ ଅଞ୍ଚଳର ପ୍ରତିଭାବାନ କଣ୍ଠଶିଳ୍ପୀମାନେ ଯୋଗଦେଇ ଲତାଙ୍କର ଅଭୁଲା ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇସ୍ପାତ ଦୀପିକା ମହିଳା ସଂଘତି ଅଧକ୍ଷା ସୀମା ଦେବ ଭୌମିକ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଆର୍ଟ ଏବଂ ଲିଭିଙ୍ଗର ବରିଷ୍ଠ ପ୍ରଶିକ୍ଷକ ବି.ଡି ଶିଭାରେ,ଲାୟନ୍ସ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ବିନୋଦ ମହନ୍ତ, ଗୃହସ୍ଥି ଉଦ୍ୟୋଗର ନିର୍ଦ୍ଦେଶକ ମଞ୍ଜୁଦେବୀ ବାଗାଡିଆ, ଉଦ୍ୟୋଗପତି ଓ ସମାଜସେବୀ ଅନିତା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଏହା ବ୍ୟତୀତ ଦୀପିକା ମହିଳା ସଂଘତି ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ଡାକ୍ତର ସୁସ୍ମିତା ଦାସ, ପ୍ରଭାତୀ ମିଶ୍ର, ନମ୍ରତା ବର୍ମା ଓ ଆର୍‌ଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ତେବେ କ୍ରମାଗତ ଭାବରେ ଏଥର ଷଷ୍ଠତମ ଲତା ମଙ୍ଗେସକରଙ୍କ ସଙ୍ଗୀତଭିତ୍ତିକ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମକୁ ମହମ୍ମଦ ଫୋଇମ ଓ ଜ୍ୟୋତ୍ସ୍ନା ସଂଯୋଜନା କରିଥିଲେ। ପରେ ଉଦ୍‌ଘାଟନୀ ସମାରୋହରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଭାବାନ କଣ୍ଠଶିଳ୍ପୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସମାରୋହ ଜୟଦେବ ମଜୁମଦାରଙ୍କ ଦ୍ୱାରା ସଂଯୋଜିତ ହୋଇଥିବାବେଳେ ଲତା ମଙ୍ଗେସକର ଫ୍ୟାନ୍ସ କ୍ଲବର ସମ୍ପାଦକ ଶଶାଙ୍କ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୫୪ ସରକାରୀ ହାଇସ୍କୁଲରେ ୩୭୬୯ ଛାତ୍ରୀଛାତ୍ର ଦେଲେ ଷାଣ୍ମାସିକ ପରୀକ୍ଷା

ରାଉରକେଲା,୪।୧୦(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ଏବଂ ବିଶ୍ରା ଶିକ୍ଷା ବିଭାଗ ଅଞ୍ଚଳାଧୀନ ସର୍ବମୋଟ ୫୪ଟି ହାଇସ୍କୁଲରେ ବୁଧବାର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଯାଇଛି। ଚଳିତବର୍ଷ ୩୭୬୯ ପିଲା ପରୀକ୍ଷା ଦେଇଛନ୍ତି। ଆସନ୍ତା ଶନିବାର ଯାଏଁ ୬ଟି ପାଠ୍ୟ ବିଷୟରେ ଷାଣ୍ମାସିକ ପରୀକ୍ଷା ଚାଲିବ। ପ୍ରତ୍ୟେକ ଦିନ ୨ଟି ଲେଖାଏଁ ବିଷୟ ପରୀକ୍ଷା ଦେବେ। ବୁଧବାର ସକାଳ ୧୧ଟାରେ ଉଦିତ ନଗର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୧୪ଜଣ ୧୦ମ ଛାତ୍ରୀଛାତ୍ର ସାହିତ୍ୟ ଓ ଇଂରାଜୀ ପରୀକ୍ଷା ଦେଇଛନ୍ତି। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା କେନ୍ଦ୍ର ମୁଖ୍ୟ ଅମରନାଥ ମିଶ୍ରଙ୍କ ଦ୍ୱାରା ପରୀକ୍ଷା ସମ୍ପାଦିତ ହୋଇଯାଇଛି। ଏଥିସହ ଅନ୍ୟ ୫୩ଟି ହାଇସ୍କୁଲରେ ମଧ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ନିରଙ୍କୁଶ ଭାବେ ଉତ୍ସାହ ସହକାରେ ଷାଣ୍ମାଷିକ ପ୍ରଥମ ଦିବସର ପରୀକ୍ଷା ଦେଇଥିବା ବିଇଓ ବେଣୁଧର ସ୍ୱାଇଁ ପ୍ରକାଶ କରିଛନ୍ତି।

# ପୁରୁଷ ଫୁଟ୍‌ବଲ ଚାମ୍ପିୟନଶିପ

ଫାଇନାଲରେ ଅଙ୍କଲ କ୍ଲବ, ଷ୍ଟାର ଏକାଦଶ

ସୁନ୍ଦରଗଡ,୪।୧୦(ଜୟ ନାରାୟଣ ମେଣ୍ଟୁଲି)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଚାଲିଥିବା ପୁରୁଷ ଫୁଟ୍‌ବଲ ଚାମ୍ପିୟନସିପର ୪ର୍ଥ ଦିବସରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଅବଦୁଲ ସୟିଦ, ସରକାରୀ କଲେଜ ଅଧକ୍ଷ ଡା.ଲଳିତ ରଞ୍ଜନ ସାହୁ, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ ଯୋଗଦେଇ ଥିଲେ। ଅଙ୍କଲ କ୍ଲବ, ନଦୀସୁଗୁଡା ଏବଂ ସୁନ୍ଦରଗଡ ସରକାରୀ କଲେଜ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନଦୀସୁଗୁଡା ଦଳ ୫–୦ଗୋଲରେ ଫାଇନାଲକୁ ଉନ୍ନୀତ ହୋଇଛି। ୨ୟ ସେମି ଫାଇନାଲ ମ୍ୟାଚ ଷ୍ଟାର ଏକାଦଶ, ବାଲିଶଙ୍କରା ଏବଂ ଏସଏନଟି ଝୁମୁଲିଆ ମଧ୍ୟରେ ହୋଇଥିଲା। ଗୋଲ ଶୂନ୍ୟ ଡ୍ର ହେବାରୁ ପେନାଲଟି ସୁଟ ଆଉଟ ମାଧ୍ୟମରେ ରେଷ୍ଟାର ଏକାଦଶ ୩–୦ଗୋଲରେ ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ରେଫରୀ ନିତ୍ୟାନନ୍ଦ ମେହେର, ଅଶୋକ ପାଣ୍ଡବ, କୁମରମଣି ଛତ୍ରିଆ, ସନ୍ୟାସୀ ମୁଣ୍ଡା, ସୁମନ୍ତ କିଷାନ, ଲକ୍ଷ୍ମଣ ସେଠ, ସୁଶାନ୍ତ ଷଣ୍ଢ ଓ ଏମ୍‌ଡି ସରଫରାଜ ପରିଚାଳନା କରୁଥିଲେ। ଜାତୀୟ ରେଫରୀଦୁର୍ଗା ମାଧବ ନାଏକ ମ୍ୟାଚରେ କମିଶନର ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନସିପର ୩ୟ ସ୍ଥାନ ଅଧିକାର କରିଥିବା ଏସଏନଟି ଝୁମୁଲିଆ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା କଲେଜ ଦଳକୁ ଟ୍ରଫିସହ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଗୁରୁବାର ଅପରାହ୍ନ ୩ଟା ୩୦ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ବିଶିଷ୍ଟ ବ୍ୟବସାୟୀ ସଞ୍ଜୟଙ୍କ ମହାନତା


ଛାତ୍ରୀଛାତ୍ରଙ୍କ ଗ୍ରହଣରେ ସଞ୍ଜୟ।

ସୁନ୍ଦରଗଡ,୪।୧୦(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡସ୍ଥିତ ସୁନାରିପଡ଼ାଠାରେ ଚଳିତ ବର୍ଷ ଗଣେଶ ପୂଜାର ରୌପ୍ୟଜୟନ୍ତୀ ଆୟୋଜିତ ହୋଇଯାଇଛି। ଏହିଅବସରରେ ସୁନାରିପଡ଼ା ଗଣେଶ ପୂଜା କମିଟି ଆର୍ଥିକ ପ୍ରବନ୍ଧନ ପାଇଁ ସାହାଯ୍ୟ କୁପନ୍ ଜାରି କରିଥିଲା। କୁପନ୍ ଗୁଡ଼ିକୁ ହିତୈଷି, ଶୁଭେଚ୍ଛୁ ଓ ସମ୍ପର୍କୀୟଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ବିଶେଷ ସାହାଯ୍ୟ ପାଇଁ ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦ (ପିଲୁ)ଙ୍କୁ ୫୦୦୦ କୁପନ୍ ଦିଆଯାଇଥିଲା। ଯାହାର ଆର୍ଥିକ ମୂଲ୍ୟ ୫ଲକ୍ଷ ଟଙ୍କା ଥିଲା। ଏତେ ପରିମାଣର କୁପନ୍ ଗୁଡ଼ିକୁ କିପରି ଭାବେ ସମାଜରେ ଠିକ୍ ବର୍ଗରେ ପହଞ୍ଚାଯାଇ ପାରିବ ସେଥି ପାଇଁ ସେ ଏକ ଭିନ୍ନ ଚିନ୍ତା କରିଥିଲେ। ପୌରପାଳିକାରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟଗୁଡିକରେ ପଢୁଥିବା ଶିକ୍ଷାର୍ଥୀଙ୍କୁ ଏହି କୁପନ୍ ଗୁଡ଼ିକୁ ଦେବାକୁ ମନସ୍ଥ କରିଥିଲେ। ତାଙ୍କ ସହଯୋଗୀଙ୍କୁ ନେଇ ଆରମ୍ଭ ହୋଇଥିଲା କୁପନ୍ ବିତରଣ। ପୌରାଞ୍ଚଳର ୨୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକୁ ଯାଇ ସହଯୋଗୀମାନେ ବ୍ୟକ୍ତିଗତ ଭାବେ ଅନୁଷ୍ଠାନ ମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁପନ୍ ବିତରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବନ୍ଧପାଲିସ୍ଥିତ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟକୁ ସଞ୍ଜୟ ବ୍ୟକ୍ତିଗତ ଭାବେ ଯାଇ କିଛି ଭାବପୂର୍ଣ୍ଣ ମୁହୂର୍ତ୍ତ ବିତାଇଥିଲେ ଏବଂ ଛାତ୍ରୀଛାତ୍ରଙ୍କୁ କୁପନ୍ ଦେଇଥିଲେ। ଏହା ଦେଖି ଭାବବିହ୍ୱଳ ହୋଇ ପଡ଼ିଥିଲେ ମାତାରାନୀ ଟ୍ରାନ୍ସପୋର୍ଟ ଓ ମାତାରାନୀ ରିସୋର୍ସେଶ୍ ପ୍ରାଇଭେଟ୍ ଲିମିଟେଡର ଅଧକ୍ଷ ସଞ୍ଜୟ। ଆସନ୍ତା ଦିନରେ ନିୟମିତ ଭାବେ ଅନୁଷ୍ଠାନକୁ ଅନୁଦାନ ଦେବାର ଘୋଷଣା ମଧ କରିଥିଲେ ନନ୍ଦ। ସଞ୍ଜୟଙ୍କ ତତ୍ତ୍ୱାବଧାନରେ ଜୟ ଜଗନ୍ନାଥ ଟ୍ରକସ୍ ଆସୋସିଏସନ୍ ସୁନ୍ଦରଗଡ଼ରେ ଥିବା ବୃଦ୍ଧାଶ୍ରମ, ଅନାଥ ଆଶ୍ରମ ଓ ମଦରାସାକୁ ନିୟମିତ ଭାବେ ଅନୁଦାନ ପ୍ରଦାନ କରାଯାଉଛି। ଏହା ବ୍ୟତୀତ ତାଙ୍କ ନେତୃତ୍ୱରେ ନିଃଶୁଳ୍କ ଆମ୍ବୁଲାନ୍ସ ସେବା, ଶବବାହକ ଯାନ, ଶବ ସଂରକ୍ଷକ ଯନ୍ତ୍ର ଇତ୍ୟାଦି ପୂର୍ବରୁ ଲୋକାର୍ପିତ ହୋଇ ସାରିଛି। ନିକଟ ଅତୀତରେ ଏକ କୁନି ଝିଅର ଚିକିତ୍ସା ପାଇଁ ସେ ସଂଘ ତରଫରୁ ଏକ ଲକ୍ଷ ଟଙ୍କା ପ୍ରଦାନ କରି ସମସ୍ତଙ୍କ ପ୍ରଶଂସାଭାଜନ ହୋଇଥିଲେ।

# ବଜ୍ରପାତରେ ଯୁବକ ମୃତ

ବେଦବ୍ୟାସ,୪।୧୦(ଆଲୋକ ସ୍ୱାଇଁ): ବୁଧବାର ଅପରାହ୍ନରେ ଗୋଇଭଙ୍ଗା ଗୌଡ଼ପଡ଼ାର ତମନା ଓରାମ(୪୫) ଗୋଇଭଙ୍ଗାର ଏକ ନାଳ ପାଖରେ ଯାଇଥିବା ସମୟରେ ହଠାତ ଘଡଘଡି ସହିତ ବର୍ଷା ହୋଇଥିଲା। ତମନା ଏକ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ସେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ୍ ଅଣାଯାଇଥିଲା। ସେଠାରେ ଡାକ୍ତର ତମନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# କଲେଜକୁ ଯାଇ ଘରକୁ ଫେରିଲେନି ଛାତ୍ରୀ

ରାଉରକେଲା,୪।୧୦(ସଙ୍ଗୀତା ଜେନା): ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ଜଲଦା ବି ବ୍ଲକରେ ରହୁଥିବା ଜଣେ ନାବାଳିକା ମଙ୍ଗଳବାର କଲେଜକୁ ଯାଇ ଘରକୁ ଫେରି ନ ଥିଲେ। ପରିବାରବର୍ଗ ବହୁତ ଖୋଜାଖୋଜି ପରେ ତାଙ୍କ ପତ୍ତା ପାଇ ନ ଥିଲେ। ବୁଧବାର ନାବାଳିକାଙ୍କ ବଡ଼ବାପା ଥାନାରେ ଏତଲା ଦେଇଥିଲେ। ନାବାଳିକା ଜଣକ ପ୍ରିୟଦର୍ଶନୀ କଲେଜରେ ଯୁକ୍ତ ଦୁଇ ପଢୁଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩୩୫/୨୩) ରୁଜୁ କରି ତଦନ୍ତ କରୁଛି।

# ବିଦ୍ୟୁତ୍ ବ୍ୟବହାର ନେଇ ସଚେତନ ହେଲେ ଦିବ୍ୟାଙ୍ଗ

## ବିଦ୍ୟୁତ୍ ସମ୍ବନ୍ଧୀୟ ସଚେତନତା ଶିବିର

ରାଉରକେଲା, ୪।୧୦(ବିପ୍ଳବ ରଞ୍ଜନ ଦାଶ)


ବିଦ୍ୟୁତ୍ ସମ୍ବନ୍ଧୀୟ ସଚେତନତା ଶିବିରରେ ଅତିଥିଙ୍କ ଗହଣରେ ଶ୍ରଦ୍ଧା ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

ପଶ୍ଚିମ ଓଡ଼ିଶା ଟାଟା ପାଓ୍ୱର ଶାଖା ଆନୁକୂଲ୍ୟରେ ବୁଧବାର ଶ୍ରଦ୍ଧା ବିଦ୍ୟାଳୟ ପରିସର ମଧ୍ୟରେ ବିଦ୍ୟୁତ୍ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ବ୍ୟବହାର ନେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ଟାଟା ପାଓ୍ୱାର ଶାଖା ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସୁନୀତା ମିଶ୍ର, ନିର୍ମଳା ପିଟର, ପ୍ରଦୀପ କୁମାର ଭୋଗ ଓ କବିତା ଦଲେଇ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ବିଦ୍ୟୁତ୍ ପରିଚାଳନା, ସଂଯୋଗ ତଥା ସାବଧାନତା ଉପରେ ବିବରଣୀ ଦେଇଥିଲେ। ଘରେ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଅପଚୟ ନ କରିବା, ସାବଧାନ ସହିତ ବିଦ୍ୟୁତ୍ ବ୍ୟବହାର, ବିଦ୍ୟୁତ୍ ଜନିତ କାମ ସମୟରେ ମୁଖ୍ୟ ସୁଇଚ ସର୍ବଦା ବନ୍ଦ କରିବା, ଶୁଷ୍କ ହାତରେ ବିଦ୍ୟୁତ୍ କାମ କରିବା, ଅନାବଶ୍ୟକରେ ବିଦ୍ୟୁତ୍ ଯନ୍ତ୍ର ଚାଲୁ ନ ରଖିବା, ଘର ଆଗେ ମିଟର ବକ୍ସ ଲଗାଇବା, ବର୍ଷା ଏବଂ ଘଡଘଡି ସମୟରେ ଟିଭି, କମ୍ପ୍ୟୁଟର ଆଦିକୁ ବିଦ୍ୟୁତ୍ ସଂଯୋଗ ବନ୍ଦ କରିବା ଆଦି ଦିଗରେ ସାବଧାନତା ଅବଲମ୍ବନ କରିବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ କହିଥିଲେ। ଶିବିରରେ ଶ୍ରଦ୍ଧାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶ୍ରଦ୍ଧା ସ୍କୁଲରେ ଅଧ୍ୟୟନରତ ଦିବ୍ୟାଙ୍ଗ ପିଲାଙ୍କର ଅଦ୍ଭୁତ ଅନ୍ତର୍ନିହିତ ପ୍ରତିଭା ସହିତ ବିଦ୍ୟୁତ୍‌ଜନିତ କୌଶଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଶ୍ରଦ୍ଧା ଉପସଭାପତି ଅଶୋକ କୁମାର ବଳ ଯୋଗଦେଇ ଶିବିରରେ ସମ୍ମିଳିତ ଅତିଥିମାନଙ୍କୁ ବିଦ୍ୟୁତ୍ ଜନିତ ସଚେତନତା ବାର୍ତ୍ତା ଦେଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅତିଥିମାନେ ଶ୍ରଦ୍ଧାର ଦିବ୍ୟାଙ୍ଗ ପିଲାମାନଙ୍କୁ ପୋଷାକ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାର ସ୍ୱତନ୍ତ୍ର ଦିବ୍ୟାଙ୍ଗ ପିଲାମାନଙ୍କ ଦ୍ୱାରା ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୀତରେ ରଶ୍ମୀ, ଗୌରୀ, ସନ୍ତୋଷ, ଆରତୀ, ନାଚରେ ରଶ୍ମୀ, ଦିବାକର ଓ ନର୍ମଦା, ଏକକ ଅଭିନୟ ସନ୍ତୋଷ ଓ ଆରତୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୀତି ବାରିକ, ଅଳୀ ମହାରଣା, ସୁଜାତା ରାଉତ, ଇତିଶ୍ରୀ ଦାସ, ଧିରେନ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରୋଟି ବ୍ୟାଙ୍କ ଆରମ୍ଭ

ସମ୍ବଲପୁର,୪।୧୦(ବି.ଶଙ୍କର)

ସମ୍ବଲପୁର ସହର ପିରବାବା ଛକ ନିକଟରେ ରୋଟି ବ୍ୟାଙ୍କ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ସନ୍ଧ୍ୟା ସମୟରେ ଜନସାଧାରଣଙ୍କୁ ମାଗଣାରେ ରୁଟି, ତରକାରି ଦିଆଯିବାକୁ ଯୋଜନା ରଖାଯାଇଛି। ଖିଦମଦ ଅନୁଷ୍ଠାନ ପକ୍ଷରୁ ଏହି ବ୍ୟାଙ୍କର ପରିକଳ୍ପନା କରାଯାଇଛି। ଏହା ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ବରିଷ୍ଠ ଶ୍ରମିକ ନେତା ଜଗଦିଶ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଫାରୁକ ରିଜଭି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଅଲିମ କାମଦାର ଓ ସଭ୍ୟମାନେ ଉପସ୍ଥିତ ଥିଲେ।

### କୁଚିଣ୍ଡା କଲେଜ ଯୁକ୍ତ ୩ର ପ୍ରବେଶ ଉତ୍ସବ

କୁଚିଣ୍ଡା,୪।୧୦(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ମହାବିଦ୍ୟାଳୟରେ ଯୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ବୁଧବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଅମିୟ କୁମାର ପାତ୍ର ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ସୁଭଦ୍ରା ଦାସ, ଅଧ୍ୟାପିକା ରଞ୍ଜିନି ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଯୁକ୍ତ ତିନି ପାଠ୍ୟକ୍ରମ ତଥା କାର୍ଯ୍ୟାବଳୀର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବେଲମତି କୁମୁରା, ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ, ଅଧ୍ୟାପକ ନିର୍ମଳ ଉର୍ମା ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ଗଜମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

### ପଡ଼ିଆବାହାଲ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ପଡିଆବାହାଲ,୪।୧୦(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ବାହାମ ପଞ୍ଚାୟତ ପଡିଆବାହଲ ଦୁର୍ଗାପୂଜା ଚଳିତବର୍ଷ ୫୦ବର୍ଷରେ ପଦାର୍ପଣ କରିଥିବାରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଣ୍ଡପ ତୋରଣ ସାଙ୍ଗକୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି କାମ ନିର୍ମାଣ ଆରମ୍ଭ ହୋଇଛି। ଏ ଅବସରରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଉଛି। ଚଳିତବର୍ଷ ରାମଲୀଲା ସହିତ ଆତସବାଜି ପ୍ରଦର୍ଶନ ବିଶେଷ ଆକର୍ଷଣ ହେବ। ଉତ୍ସବକୁ ଜିଲା ପ୍ରଶାସନ ସହିତ ବହୁ ବିଶିଷ୍ଟ ଅତିଥିମାନଙ୍କୁ ଆମନ୍ତ୍ରଣ କରାଯାଇଛି। ବିଭିନ୍ନ ବିଭାଗୀୟ କମିଟି ଗଠନ କରାଯାଇ ଯେଭଳି ଶୃଙ୍ଖଳାର ସହିତ ଉତ୍ସବ ହୋଇପାରିବ ସେଥିପ୍ରତି ପଦକ୍ଷେପ ନିଆଯାଇଥିବା ମହୋତ୍ସବ କମିଟି ସଭାପତି ସୁବୋଧ କୁମାର ବେହେରା ସୂଚନା ଦେଇଛନ୍ତି। ଫଟୋ: ତୋରଣ ନିର୍ମାଣ ଚାଲିଛି।

### ଉଚ୍ଛେଦ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୪।୧୦(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦଶମତି କଲୋନୀ ଉଚ୍ଛେଦ କରିବା ପାଇଁ ନୋଟିସ ଦିଆଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି, ଶତାଧିକ ବର୍ଷ ହେବ ଏଠାରେ ଘର କରି ରହିଆସୁଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତ। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି।

### କାନିଜୁରିରେ ପାନୀୟ ଜଳ ସମସ୍ୟା

ସମ୍ବଲପୁର,୪।୧୦(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲି କାନିଜୁରି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବୁଧବାର ସେମାନେ ଏ ନେଇ ପିଏଚ୍‌ଡି କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ଲେଡିଲୁଇସ ହଷ୍ଟେଲରେ ଛାତ୍ରୀଙ୍କ ପାଇଁ ସୁବିଧା

ସମ୍ବଲପୁର,୪।୧୦(ବି. ଶଙ୍କର)

ସମ୍ବଲପୁର ଲେଡିଲୁଇସ ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମ୍ନି ପକ୍ଷରୁ ସାନିଟାରି ଡିସ୍‌ପୋଜାଲ ମେଶିନ ସ୍ଥାପନ କରାଯାଇଛି। ଏହା ଦ୍ୱାରା ସ୍କୁଲ ଓ ହଷ୍ଟେଲ ଛାତ୍ରୀମାନେ ଉପକୃତ ହୋଇପାରିବେ। ଆଲୁମ୍ନି ସଭାପତି ଆଲେଖିକା ପାଣି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, ଯୁବ ବ୍ୟବସାୟୀ ଦିପକ ଅଗ୍ରୱାଲ, ସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବିଧାନସଭାରେ ଉଠିଲାନି ଓଏସ୍‌ଓୟୁ ପ୍ରସଙ୍ଗ

ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ବନ୍ଦ ହେବାକୁ ଯାଉଥିବା ବେଳେ ଓଏସ୍‌ଓୟୁ ବଞ୍ଚାଓ ଅଭିଯାନ ଓ ପ୍ରାୟ ୭୦ ସାମାଜିକ ଅନୁଷ୍ଠାନ ବିଭିନ୍ନ ଉପାୟରେ ପ୍ରତିବାଦ କରିଛନ୍ତି। ପଶ୍ଚିମ ଓଡ଼ିଶା ସମେତ ସମଗ୍ର ରାଜ୍ୟର ଛାତ୍ରୀଛାତ୍ର ନିର୍ଭର କରୁଥିବା ଏହି ବିଶ୍ୱବିଦ୍ୟାଳୟ ବନ୍ଦ ହେବା ପ୍ରସଙ୍ଗ ଉପରେ ବିଧାନସଭାରେ ବିରୋଧୀ ସ୍ୱର ଉତ୍ତୋଳନ କଲେ ନାହିଁ। କେବଳ ଜନସ୍ୱାର୍ଥ ନ ଥିବା ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ଟଣାଓଟରା ଲାଗିରହିଲା। ଶେଷରେ ପ୍ରାୟ ୭ଦିନ ଧରି ହେବାକୁ ଥିବା ବିଧାନସଭା ଅଚଳ ହୋଇଯାଇଥିଲା। ବିରୋଧୀଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି ପୂର୍ବରୁ ଦୃଢୋକ୍ତି କରିଥିଲେ। ହେଲେ ସେ ମଧ୍ୟ ଭୁଲିଗଲେ।

ଓଏସ୍‌ଓୟୁ ବଞ୍ଚାଓ ଅଭିଯାନର ଆବାହକ ମହେନ୍ଦ୍ର ମିଶ୍ର କହିଛନ୍ତି, ଏହା କେବଳ ସମ୍ବଲପୁର ଜିଲାର ସମସ୍ୟା ନୁହେଁ। ଏତେବଡ ଶିକ୍ଷାନୁଷ୍ଠାନ ବନ୍ଦ ହେବାକୁ ବସିଛି। ଲୋକମାନେ ଆରଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଥିଲେ। କୌଣସି ଜନପ୍ରତିନିଧି ବିଧାନସଭାରେ ପ୍ରସଙ୍ଗ ଉଠାଇଲେ ନାହିଁ। ବିରୋଧୀଦଳ ନେତା ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବେ ବୋଲି ପୂର୍ବରୁ କହିଥିଲେ। ହେଲେ ସେ କିଭଳି ଭୁଲିଗଲେ ବୋଲି ଆଲୋଚନା ହେଉଛି। ବିଧାନସଭାରେ ପ୍ରସଙ୍ଗ ଉଠିଥିଲେ ସରକାର କ୍ରିୟାଶୀଳ ହୋଇ କିଭଳି ବିଶ୍ୱବିଦ୍ୟାଳୟ ଆଗକୁ ଚାଲିବ ସେ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ତାହା ହୋଇପାରିଲା ନାହିଁ। ବିରୋଧୀ ଦଳ ନେତା ଜୟନାରାୟଣ ସମ୍ବଲପୁର



ଜୟନାରାୟଣ ମିଶ୍ର।

ବିଧାୟକ ହୋଇଥିବାରୁ ତାଙ୍କ ଉପରେ ଅଧିକ ଭରସା ରହିଥିଲା। ଏବେ ସରକାର ନିଷ୍ପତ୍ତି ନିଅନ୍ତୁ, ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ରୂପ ଭିନ୍ନ ହୋଇପାରେ ବୋଲି କହିଥିଲେ। ଅନ୍ୟପଟେ ବିରୋଧୀଦଳ

**ସମୟ ଅଭାବ, ଚିଠି ଲେଖିଛି: ବିରୋଧୀଦଳ ନେତା**

ନେତା ଜୟନାରାୟଣ କହିଛନ୍ତି, ଓଏସ୍‌ଓୟୁ ପ୍ରସଙ୍ଗ ବିଧାନସଭାରେ ଉଠାଇବା ପାଇଁ କହିଥିଲେ। ହେଲେ ସମୟ ଅଭାବ ଯୋଗୁ ହୋଇପାରିଲା ନାହିଁ। ୭ଦିନିଆ ବିଧାନସଭାରେ ଶାସକ ଦଳ ଅଚଳ କରିଦେଉଥିଲେ। ଲୋକଙ୍କ ପ୍ରସଙ୍ଗ ଓ ସମସ୍ୟା ଉପରେ ଆଲୋଚନା କରିବାକୁ ଦେଉ ନ ଥିଲେ। ଏହି ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ୨୦୧୫ରେ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଆଇନ ମଧ୍ୟ ହୋଇଛି। ପ୍ରଥମ ବର୍ଷ ୨୨୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଏବେ ସଂଖ୍ୟା ୧ ଲକ୍ଷରୁ ଉର୍ଦ୍ଧ୍ୱ ହୋଇସାରିଛି। ପ୍ରାୟ ୪୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଏଠାରୁ ପାସ୍ କରିସାରିଛନ୍ତି। ଗୋଶାଳା ବସନ୍ତପୁରରେ ୪୦ ଏକର ଜମି ବିଶ୍ୱବିଦ୍ୟାଳୟ ନାମରେ କରାଯାଇଛି। ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣାଧୀନ ରହିଛି। ତିଆରି ହେଉଥିବା ଘର ଠିକ୍ ସମୟରେ ସରିଲା ନାହିଁ। ଶିକ୍ଷକ, ଅଣଶିକ୍ଷକ ଅଭାବ ଓ ନିଜସ୍ୱ ଘର ନ ଥିବାରୁ ନାକ୍ ସ୍ୱୀକୃତି ହରାଇଥିଲା। ନାକ୍ ଅନୁମତି ନ ଥିବାରୁ ୟୁଜିସି ପାଠ୍ୟକ୍ରମ ପାଇଁ ଅନୁମତି ଦେଲେ ନାହିଁ। ଏହାକୁ ନେଇ ଗତ ଶୁକ୍ରବାର ଆରଡିସି ଅଫିସ ସମ୍ମୁଖରେ ମାନବ ଶୃଙ୍ଖଳ କରି ଏକାଧିକ ଅନୁଷ୍ଠାନ ପ୍ରତିବାଦ କରିଥିଲେ। ସାରା ରାଜ୍ୟରେ ଘରେ ଘରେ ପହଞ୍ଚିପାରିଥିବା ଏହି ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇଯାଇଛି।

### ଟ୍ରେନ୍ ଯାତ୍ରୀଙ୍କୁ ଲୁଟ୍, ଜଣେ ଗିରଫ

ରେଢାଖୋଲ,୪।୧୦ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ଦେଇ ଚାଲୁଥିବା ପୁରୀ-ଯୋଧପୁର ଏକ୍ସପ୍ରେସ ଟ୍ରେନ୍‌ରୁ ଯାତ୍ରୀଙ୍କଠାରୁ ଲୁଟ୍ ନେଇ ଅଭିଯୋଗ ପରେ ରେଳ ସୁରକ୍ଷା ବଳ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାର ରାଜ୍ୟର କୁନ୍ଦନ କୁମାର। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟଜଣେ ଫେରାର ହୋଇଯାଇଥିବା ରେଳ ସୁରକ୍ଷାବଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ମଙ୍ଗଳବାର ଭୋର ସମୟରେ ଯୋଧପୁରରୁ ପୁରୀ ଆସୁଥିବା ଏକ୍ସପ୍ରେସ ଟ୍ରେନ୍‌ରୁ ଚାରମାଳ ଷ୍ଟେଶନ ନିକଟରେ ଲୁଟେରାମାନେ ଯାତ୍ରୀଙ୍କଠାରୁ ସୁନାଚେନ୍, ମୋବାଇଲ, ହାତ ଘଣ୍ଟା ଓ ନଗଦ ଟଙ୍କା ଲୁଟ କରି ଚେନ୍ ପୁଲିଂ କରି ଫେରାର ହୋଇଯାଇଥିଲେ। ଖବର ପାଇ ରେଳ ସୁରକ୍ଷା ବଳ ପହଞ୍ଚି କୁନ୍ଦନଙ୍କୁ ଧରି ତାଙ୍କ ନିକଟରୁ ୩ଟି ସୁନାଚେନ୍, ମୋବାଇଲ, ଘଣ୍ଟା ଓ ନଗଦ ୨୬ ହଜାର ଟଙ୍କା ଜବତ କରିଥିଲା।

# ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

**ପ୍ରାଣୀ ଉଦ୍ୟାନର ଲୋଗୋ ଉନ୍ମୋଚିତ**

ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମୋତିଝରନଠାରେ ଥିବା ପ୍ରାଣୀଉଦ୍ୟାନରେ ବୁଧବାର ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହାସହ ପ୍ରାଣୀଉଦ୍ୟାନର ନୂତନ ଲୋଗୋ ଉନ୍ମୋଚିତ ହୋଇଛି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଓ ଏସ୍‌ଏମ୍‌ସି କମିଶନର ବେଦଭୂଷଣ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରେଢାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ହୀରାକୁଦ ଏସିଏଫ୍ ରେବତିରମଣ ଯୋଶୀ ମଞ୍ଚାସୀନ ଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ରେଢାଖୋଲ ସବ୍‌ଡିଭିଜନର ସୁନିଲ ପ୍ରଧାନ ଓ କୁଚିଣ୍ଡା ଉପଖଣ୍ଡର ବିପିନ ଚନ୍ଦ୍ର ବିଲହରଙ୍କୁ ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୩୩ ଗୋଟି ସ୍କୁଲ, କଲେଜରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ବନ ସୁରକ୍ଷା ସମିତି ସଦସ୍ୟ ଓ ବନ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଣୀଉଦ୍ୟାନର ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଓ ପ୍ରଚାରପ୍ରସାରରେ ସହାୟକ ହେବ ବୋଲି ବନ ବିଭାଗ ଆଶା ରଖିଛି।

ଅଧିକ ପରିଦର୍ଶକଙ୍କ ଆସିବା ଲକ୍ଷ୍ୟରେ ଓଡ଼ିଶା ସରକାର, ଜଙ୍ଗଲ ବିଭାଗ ମୋତିଝରଣ ପ୍ରାଣୀଉଦ୍ୟାନର ନାମ ପରିବର୍ତ୍ତନ କରିଥିଲେ। ପ୍ରାଣୀ ଉଦ୍ୟାନ ଓ ଉଦ୍ଧାର କେନ୍ଦ୍ର ଭାବରେ ନାମିତ କରାଯାଇଥିଲା। ଉଦ୍ୟାନରେ ୬୦୦୦ରୁ ଅଧିକ ଉଦ୍ଭିଦ ସହିତ ୪ହେକ୍ଟର ଅଞ୍ଚଳର ବଟାନିକାଲ୍ ବଗିଚା ରହିଛି। ପ୍ରାଣୀ ଉଦ୍ୟାନ ପ୍ରାଣୀମାନଙ୍କ ପାଇଁ ସବୁଜ ବେଲ୍ଟ ଭାବରେ କାର୍ଯ୍ୟ କରୁଛି। ଏହାକୁ ପୂର୍ବରୁ ହରିଣ ପାର୍କ ଓ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବରେ ନାମିତ କରାଯାଇଥିଲା। ବନ୍ୟଜନ୍ତୁ ଉପରେ ସଚେତନତା ଓ ଶିକ୍ଷା ପାଇଁ ପ୍ରାଣୀଉଦ୍ୟାନ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

### କଳାଦିବସ ପାଳନ କଲା ଚାଷୀ ସଂଗଠନ

ଜମନକିରା,୩।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଉତ୍ତରପ୍ରଦେଶ ଲକ୍ଷ୍ମୀପୁରକ୍ଷେରୀ ଚାଷୀ ହତ୍ୟାକାଣ୍ଡକୁ ନେଇ ଅକ୍ଟୋବର ୩ ତାରିଖକୁ ସାରା ଦେଶରେ କଳା ଦିବସ ଭାବେ ପାଳନ କରାଯାଉଥିବା ବେଳେ ଜମନକିରା ବ୍ଲକ କେନାଡିପା ଭାଗ୍ୟଲକ୍ଷ୍ମୀ ସଂଗଠନ ତରଫରୁ ବୁଧବାର ଏହି ଦିବସ ପାଳନ କରାଯାଇଥିଲା। ସଂଗଠନର ସଭାପତି ତ୍ରିଲୋଚନ ପଟେଲ ସଭାପତିତ୍ୱ କରିଥିବାବେଳେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କ ପ୍ରତି ହୋଇଥିବା ଅତ୍ୟାଚାର ବିଷୟରେ ଆଲୋକପାତ କରିଥିଲେ। କେନାଡିପା ଓ ମହଦା ପଞ୍ଚାୟତର ଶତାଧିକ ଚାଷୀ ମୁଣ୍ଡରେ କଳା ଫିତା ବାନ୍ଧି, ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ପ୍ରାରମ୍ଭରେ ଲକ୍ଷ୍ମୀପୁରକ୍ଷେରୀରେ ପ୍ରାଣ ହରାଇଥିବା ଚାଷୀଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଏମ୍‌ଏସ୍‌ପି ବୃଦ୍ଧି, ଜମିକୁ ଜଳସେଚନ, ଚାଷୀଙ୍କୁ ପ୍ରତ୍ୟେକ ମାସ ୧୦ ହଜାର ଟଙ୍କା ପେନ୍‌ସନ୍ ଆଦି ଦାବି କରାଯାଇଥିଲା। ଏଥିରେ ସରପଞ୍ଚ କଲ୍ୟାଣୀ ନାଏକ, ତରୁଣୀ ନାୟକ, ସଂଗଠନର ସମ୍ପାଦକ ରାଜକିଶୋର ବେହେରା, ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାର୍ଥୀ ବୁଝିଲେ ହଟିବ ସାଇବର ଅପରାଧ

ପଡିଆବାହାଲ, ୪।୧୦(ରାଧାମୋହନ ଷଡ଼ଙ୍ଗୀ)

ବର୍ତ୍ତମାନ ସମୟରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟରେ ଆରମ୍ଭ ହୋଇଛି ସାଇବର ସୁରକ୍ଷା ଅଭିଯାନ। ଏହିକ୍ରମରେ ବୁଧବାର ସଦର ଥାନା ପକ୍ଷରୁ ପଧାନପାଲି ହାଇସ୍କୁଲଠାରେ ଏକ ସଚେତନତା ସଭା ଆୟୋଜନ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରି ସନ୍ଧ୍ୟାରାଣୀ ବେରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ଭାରପ୍ରାପ୍ତ ଥାନା ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀ ଯୋଗଦେଇ ଶିକ୍ଷାର୍ଥୀମାନେ ସଚେତନ ହେଲେ ସମାଜରୁ ସାଇବର ଅପରାଧ ହ୍ରାସ ପାଇବ ବୋଲି ମତ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜୟଦୁର୍ଗା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଅକ୍ଷୟ ମହାପାତ୍ର, ଦୁର୍ଗାପୂଜା କମିଟି ସଭାପତି ସୁବୋଧ କୁମାର ବେହେରା, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ସଭାପତି ବିଜୟ କୁମାର ନାୟକ, ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, ବାହାମ ସମିତି ସଦସ୍ୟ ପ୍ରଫୁଲ୍ଲ କୁମାର ମଗର, ଖବରଦାତା ରାଧାମୋହନ ଷଡଙ୍ଗୀ, ଏଏସ୍‌ଆଇ ମନୋରଞ୍ଜନ ଦାଶ, ଅଧ୍ୟାପକ ପ୍ରଶନ୍ନ କୁମାର ସାହୁ, ଅଧ୍ୟାପକ ପ୍ରମୋଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହେବା ସହ ସାଇବର ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସାଇବର ଅପରାଧ ପାଇଁ ପୋଲିସ ର ହେଲ୍ପ ଲାଇନ ନମ୍ବର ୧୯୩୦ ବ୍ୟବହାର କରିବାକୁ କୁହାଯାଇଥିଲା ।




ସଚେତନତା ସଭାରେ ଅତିଥିମାନେ।

# ଅରୁଣ, ପ୍ରମିଳାଙ୍କ କୁଶ ପୁତ୍ତଳିକା ଦାହ

ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଜିଲା ଭାଜପା ପକ୍ଷରୁ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ଓ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କର୍ମକର୍ତ୍ତାମାନେ କଚେରିସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ବାଚସ୍ପତି ମଲ୍ଲିକ ଓ ପୂର୍ବତନ ମନ୍ତ୍ରୀ ସାହୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ପ୍ରତି ଦେଇଥିବା ଅଶୋଭନୀୟ ମନ୍ତବ୍ୟ (ପାଗଳ)କୁ ନିନ୍ଦା କରିଥିଲେ। ପରେ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଗିରୀଶ ପଟେଲ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଭାଜପା ନେତା ଦାମୋଦର କର, ଫଣିଭୂଷଣ ମିଶ୍ର, ରୁନୁ ପ୍ରଧାନଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ କୁଶ ପୁତ୍ତଳିକା ଦାହ କରାଯାଉଛି।

### ସମ୍ବଲପୁର ରେଳମଣ୍ଡଳରେ ସତର୍କତା ଆଲୋଚନାଚକ୍ର

ସମ୍ବଲପୁର,୪।୧୦(ବି. ଶଙ୍କର)

ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସତର୍କତା ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧିକାରୀ ଓ ସୁପରଭାଇଜରଙ୍କୁ ସତର୍କତା ନିୟମ ଉପରେ ଆଲୋକପାତ କରଥିଲେ। ପୂର୍ବତଟ ରେଳପଥ ଉପମୁଖ୍ୟ ସତର୍କତା ଅଧିକାରୀ ପ୍ରତିରାଜ ପାଣିଗ୍ରାହୀ ସର୍ଭିସ ରେକର୍ଡ ଚୁକ୍ତି ଭିତ୍ତିକ କାର୍ଯ୍ୟ, ଷ୍ଟୋର ପ୍ରସଙ୍ଗ, ବାଣିଜ୍ୟ ଓ ଟ୍ରାଫିକ ସମସ୍ୟା ଉପରେ ସଚେତନ କରିଥିଲେ। ସାଙ୍କେତିକ ଓ ଦୂରସଞ୍ଚାର ଉପମୁଖ୍ୟ ସତର୍କତା ଅଧିକାରୀ ସମୀର କୁମାର ମହାପାତ୍ର, ଏ ରାମାରାଓ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ ।

# ଜିଲାପାଳଙ୍କୁ କ୍ରିୟାନୁଷ୍ଠାନ କମିଟିର ସ୍ମାରକପତ୍ର

ସମ୍ବଲପୁର,୪।୧୦(ବି.ଶଙ୍କର)

ସମ୍ବଲପୁରରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରାକୁ ଅନୁମତି ଦାବି ତେଜିବାରେ ଲାଗିଛି। ଏ ନେଇ ବୁଧବାର ମହାନଗର ନିଗମ ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ଏଥିରେ ଦର୍ଶାଯାଇଛି, ଜିଲା ପ୍ରଶାସନ ହନୁମାନ ଜୟନ୍ତୀ ହିଂସା ଘଟଣା ପରେ ସମ୍ବଲପୁର ସହରରେ ଗୋଟିଏ ବର୍ଷ ପାଇଁ ମହରମ ଓ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ କଟକଣା ଲଗାଇଛି। ସହରରେ ଶୀତଳଷଷ୍ଠୀ, ମହରମ ଭଳି ଅନେକ ପର୍ବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସମ୍ପ୍ରତି ସହର ଶାନ୍ତ ରହିଥିଲେ ମଧ ପ୍ରଶାସନ ଜାଣିଶୁଣି ଦୁର୍ଗାପୂଜା ଶୋଭାଯାତ୍ରାକୁ ଅନୁମତି ଦେଉ

**ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ଅନୁମତି ଦାବି ତେଜିଲା**

ନାହିଁ। ଜିଲାପାଳ ଦାସ କହିଛନ୍ତି ଯେ, ଏସ୍‌ପିଙ୍କ ଆଲୋଚନା ପରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ଅନୁମତିକୁ ନେଇ ଚୁଡାନ୍ତ ନିଷ୍ପତ୍ତି ନିଆଯିବ। ଏହାସହ ଆଗକୁ ଜିଲା ପୋଲିସ ଓ ବିଭିନ୍ନ କମିଟିକୁ ନେଇ ମିଳିତ ବୈଠକ କରାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କୁ କହିଛନ୍ତି। ପ୍ରତିନିଧି ଦଳରେ ପୁରୁଷୋତ୍ତମ ଅଗ୍ରୱାଲ, ପ୍ରଦୀପ ବହିଦାର, ରାଜୀବ କୁମାର ଶତପଥି, ରମେଶ ଗୁପ୍ତା, ମାନସ କୁମାର ପୁରୋହିତ, ସୌଦାଗର କର, ସଞ୍ଜୟ କୁମାର ଠାକୁର, ଦିଲିପ ସାହୁ, ହିମାଂଶୁ କର୍ମକାର ପ୍ରମୁଖ ସାମିଲ ଥିଲେ।

# ସାମ୍ବାଦିକ ସଂଘ ପ୍ରତିନିଧି ଜିଲାପାଳଙ୍କୁ ଭେଟିଲେ

ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳ ଅନନ୍ୟା ଦାସଙ୍କୁ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦେଶର କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, ହରିୟାନା, ପଶ୍ଚିମବଙ୍ଗ, ଅରୁଣାଞ୍ଚଳପ୍ରଦେଶ ଭଳି ୭ ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ଭତ୍ତା ଦିଆଯାଉଛି। ତ୍ରିପୁରା ଭଳି ରାଜ୍ୟରେ ମାସିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଏପରି କି ସାମ୍ବାଦିକମାନଙ୍କ ପାଇଁ ମହାରାଷ୍ଟ୍ର, ଛତିଶଗଡରେ ସ୍ୱତନ୍ତ୍ର ଆଇନ କରାଯାଇଛି। ଓଡିଶରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କରାଯାଇଛି, ଯାହାକି ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ବହୁ ସାମ୍ବାଦିକ ପରିବାର ଉପକୃତ ହେଉଛନ୍ତି। ହେଲେ ଆର୍ଥିକ ସହାୟତାରେ ଆବଶ୍ୟକତା ରହିଛି ବୋଲି ଦାବି କରିଥିଲେ। ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଶଙ୍କର ବେହେରା, ଅମଲେନ୍ଦୁ ନାୟକ, ଦୁଷ୍ମନ୍ତ ରାଣା, ନବିନ ଦାସ, ଏସ୍ ମହାପାତ୍ର, ସରୋଜ ସେଠ, ଜ୍ଞାନବ୍ରତ ଭୋଇ, ତଫିଜୁଲ ହୁସେନ, ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବିଦ୍ୟୁତ୍ ସମସ୍ୟା: ୬ ସ୍କୁଲର ୧୨ଶହ ଛାତ୍ରୀଛାତ୍ର ହନ୍ତସନ୍ତ

ଜମନକିରା,୪।୧୦ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବିଦ୍ୟୁତ୍ ସେକ୍ସନ ଅଧୀନ ୬ ସ୍କୁଲରେ ବିଦ୍ୟୁତ୍ ଯୋଗାଣରେ ସମସ୍ୟା ଯୋଗୁ ପ୍ରାୟ ୧୨ଶହରୁ ଅଧିକ ଅନ୍ତେବାସୀ ପିଲା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ଜମନକିରା ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା କଟଙ୍ଗପାଣି ସେବାଶ୍ରମ, ଜାମୁମାଲ ସେବାଶ୍ରମ, ଟିଙ୍କିଲିପଡା ସେବାଶ୍ରମ, ଷଣ୍ଢପଥର ସେବାଶ୍ରମ, ଷଣ୍ଢପଥର ଉଚ୍ଚ ବିଦ୍ୟାଳୟ ଓ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨ଦିନ ହେବ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। କେଉଁଠି ଟ୍ରାନ୍ସଫର୍ମର ପୋଡିଯାଇଥିବାବେଳେ ଆଉ କେଉଁଠି ତାରଛିଣ୍ଡି ମରାମତି ହୋଇପାରିନାହିଁ। ବିଦ୍ୟୁତ୍ ନ ଥିବା ଯୋଗୁ ପିଲାମାନେ ଠିକ୍‌ରେ ଶୌଚ ହୋଇପାରୁ ନାହାନ୍ତି। ଗାଧୋଇବା ପାଇଁ ନିକଟସ୍ଥ ପୋଖରୀ କିମ୍ବା ନଳକୂଅ ଉପରେ ନିର୍ଭର କରୁଛନ୍ତି। ପାଣି ମୋଟର ଚାଲୁ ନ ଥିବାରୁ ଗାଧୁଆ ଘର, ପାଇଖାନା ଘର ସଫା ହୋଇପାରୁନାହିଁ। ଲାଇଟ୍ ଜଳୁ ନ ଥିବାରୁ ପିଲାମାନେ ପାଠ ପଢିବାରେ ଅସୁବିଧା ସୃଷ୍ଟି ହେଉଛି। ଏପରି କି ପିଇବା ପାଣି ପାଇପାରୁ ନାହାନ୍ତି। ସ୍କୁଲ କର୍ତ୍ତୃପକ୍ଷ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଭିଭାବକ, ଅଭିଭାବିକାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ ଓ କୁଚିଣ୍ଡା ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହାର ପ୍ରତିକାର କରାଯିବ ବୋଲି ଉଭୟ ପ୍ରତିଶ୍ରୁତି ଦେଇଛନ୍ତି।



କଟଙ୍ଗପାଣି ସେବାଶ୍ରମ ଛାତ୍ରମାନେ ହଷ୍ଟେଲ ଛାଡି ବାହାର ନଳକୂଅରେ ଗାଧୋଉଛନ୍ତି।

**ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ବୁଧବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳକୁ ସୁରକ୍ଷା ବଳ ଚାରିପଟୁ ଘେରି ତଲାସି ଅଭିଯାନ ଜାରି ରଖିଛି। ଜମ୍ମୁ-କଶ୍ମୀରରେ ୪୮ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଆତଙ୍କବାଦ ନିରୋଧୀ ଅଭିଯାନ। ଗତ ୪୮ ଘଣ୍ଟା ଧରି ରାଜୌରୀ ଜିଲାର କାଲାକୋଟେ ଜଙ୍ଗଲରେ ତଲାସି ଅଭିଯାନ ଜାରି ରହିଥିଲା। ଗୁଳି ବିନିମୟ ବେଳେ ୩ ଯବାନ ଆହତ ହେବା ପରେ ଅଭିଯାନ ଜୋର୍‌ଦାର ହୋଇଥିଲା।

## ସଂକ୍ଷେପରେ

### ବାୟୁସେନାକୁ ମିଳିଲା ପ୍ରଥମ ଟୁଇନ୍ ସିଟର ତେଜସ୍



**ନୂଆଦିଲ୍ଲୀ,୪।୧୦:** ଭାରତୀୟ ବାୟୁସେନାରେ ହାଲୁକା ଲଢୁଆ ଯୁଦ୍ଧବିମାନ (ଏଲ୍‌ସିଏ) ତେଜସ୍‌ର କେତେକ ସ୍କ୍ୱାଡ୍ରନ୍ ନିୟୋଜିତ ଥିବାବେଳେ ଏହା ପ୍ରତିରକ୍ଷା ପିଏସ୍‌ୟୁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)ରୁ ପ୍ରଥମ ତେଜସ ଟୁଇନ୍ ସିଟର ତେଜସ୍ ପାଇଛି। ଏହା ଏକ ଦୁଇ ଆସନ ବିଶିଷ୍ଟ ହାଲୁକା ଯୁଦ୍ଧବିମାନ, ଯାହା ସବୁ ପ୍ରକାର ପାଗରେ ବିଭିନ୍ନ କାର୍ଯ୍ୟରେ ଲାଗିପାରିବ। ବାୟୁସେନାର ପ୍ରଶିକ୍ଷଣ ଆବଶ୍ୟକତା ପାଇଁ ଏହାକୁ ଡିଜାଇନ୍ କରାଯାଇଥିବାବେଳେ ଆବଶ୍ୟକ ସମୟରେ ଯୁଦ୍ଧରେ ମଧ୍ୟ ନିୟୋଜିତ ହୋଇପାରିବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତେଜସ୍ ଟୁ-ସିଟର ଆତ୍ମନିର୍ଭର ଭାରତକୁ ଆଉ ପାଦେ ଆଗେଇନେଇଛି। ଏହି ଯୁଦ୍ଧବିମାନ ସହ ଭାରତ ଏଲ୍‌ସିଏ ଟୁଇନ୍ ସିଟର ବିମାନ ଥିବା ଅଳ୍ପ କେତେକ ପ୍ରମୁଖ ରାଷ୍ଟ୍ରର ତାଲିକାରେ ନିଜକୁ ସାମିଲ କରିପାରିଛି। ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ଉକ୍ତ ବିମାନର ଅନାବରଣ କରିଛନ୍ତି।

### ମୁଖ୍ୟ ଅଭିଯୁକ୍ତଙ୍କ ଘର ଭାଙ୍ଗିଲା ପ୍ରଶାସନ

**ଉଜ୍ଜୟିନୀ ବଳାତ୍କାର ମାମଲା**

**ଉଜ୍ଜୟିନୀ,୪।୧୦:** ମଧ୍ୟପ୍ରଦେଶର ଉଜ୍ଜୟିନୀରେ ୧୨ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଅଟୋ ଡ୍ରାଇଭର ଭରତ ସୋନିଙ୍କ ଘରକୁ ପ୍ରଶାସନ ବୁଧବାର ବୁଲ୍‌ଡୋଜରରେ ଭାଙ୍ଗିଦେଇଛି। ଉଜ୍ଜୟିନୀର ନାନଖେଡା ଅଞ୍ଚଳରେ ସୋନି ସରକାରୀ ଜମିରେ ବେଆଇନ ଭାବେ ଘର ନିର୍ମାଣ କରିଥିଲେ। ସେ ସେଠାରେ ତାଙ୍କ ମାଆବାପା, ଭାଇ ଭାଉଜଙ୍କ ସହ ରହିଆସୁଥିଲେ। ପରିବାରକୁ ଘରୁ ବାହାର କରିଦେବା ପରେ ପ୍ରଶାସନ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୀଡ଼ିତା ଉକ୍ତ ଅଟୋରେ ଯାଇଥିବା ଜଣାପଡ଼ିବାରୁ ଡ୍ରାଇଭର ସୋନିଙ୍କୁ ପୋଲିସ ଗିରଫ କରିଥିଲା।

# ଚାଇନା ବୁଡ଼ାଜାହାଜର ୫୫ ନାବିକଙ୍କ ମୃତ୍ୟୁ

**ୟେଲୋ ସି’ରେ ଫସିଥିଲା**



**ଲଣ୍ଡନ,୪।୧୦**

ଚାଇନାର ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ଗତ ମାସ ୨୧ରେ ୟେଲୋ ସି’ରେ ବୁଡ଼ିଯିବାରୁ ସେଥିରେ ଥିବା ୫୫ ନାବିକଙ୍କ ମୃତ୍ୟୁ ଘଟିଛି। ଆମେରିକା ଓ ଏହାର ସହଯୋଗୀ ଦେଶଗୁଡ଼ିକର ବୁଡ଼ାଜାହାଜ ରହୁଥିବା ଅଞ୍ଚଳରେ ଚାଇନାର ଏହି ସବ୍‌ମାରିନ୍ ଫସିଯାଇଥିଲା। ସେଠାରୁ ମୁକୁଳିବାରେ ସମ୍ପୂର୍ଣ୍ଣ ବିଫଳ ହେବା ପରେ ବୁଡ଼ାଜାହାଜରେ ଥିବା ଅକ୍ସିଜେନ୍ ସିଷ୍ଟମ୍ ବିଷାକ୍ତ ହୋଇଯାଇଥିଲା। ତେବେ ସେତେବେଳେ ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇବା ପରେ ଚାଇନା ସାମରିକ ବିଭାଗ ଏହାକୁ ଖଣ୍ଡନ କରିଥିଲା। ପ୍ରତିରକ୍ଷା ଗୋଇନ୍ଦା ତଥ୍ୟକୁ ଆଧାର କରି ବ୍ରିଟେନ୍‌ର ଏକ ଗଣମାଧ୍ୟମ ବୁଡ଼ାଜାହାଜର ସମସ୍ତ କର୍ମଚାରୀ ପ୍ରାଣ ହରାଇଥିବା ପ୍ରକାଶ କରିଛି। ସେଥିରେ ୨୨ ଜଣ ଅଫିସର, ୭ ଅଫିସର କ୍ୟାଡେଟ୍, ୯ ଜଣ କନିଷ୍ଠ ଅଫିସର ଏବଂ ୧୭ ନାବିକ ଥିଲେ। ବୁଡ଼ାଜାହାଜର ଏକ ସିଷ୍ଟମ୍ ଖରାପ ହୋଇଯିବାରୁ ହାଇପୋକ୍ସିଆରେ ସେମାନଙ୍କର ମୃତ୍ୟୁ ଘଟିଛି। ଆମେରିକା ଏବଂ ଏହାର ସହଯୋଗୀଙ୍କ ସବ୍‌ମାରିନ୍‌କୁ ଟ୍ରାପ୍ କରିବା ପାଇଁ ଚାଇନା ନୌସେନା ବ୍ୟବହାର କରିଥିବା ଚେନ୍ ଏବଂ ଲଙ୍ଗରରେ ନିଜ ବୁଡ଼ାଜାହାଜ ଫସିଗଲା ବୋଲି କୁହାଯାଉଛି।

# ଉଜ୍ଜ୍ୱଳା ଏଲ୍‌ପିଜି ସବ୍‌ସିଡି ୩୦୦ ଟଙ୍କାକୁ ବୃଦ୍ଧି

**ନୂଆଦିଲ୍ଲୀ,୪।୧୦ (ପି.ଟି.)**



ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ସଂଯୋଗ ପାଇଥିବା ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ମହିଳାମାନଙ୍କୁ ସିଲିଣ୍ଡର ପ୍ରତି ୩୦୦ ଟଙ୍କା ରିହାତି ମିଳିବ। ଏଲ୍‌ପିଜି ଦର ବୃଦ୍ଧିକୁ ନେଇ ବିରୋଧୀ ଦଳ ସମାଲୋଚନା କରୁଥିବାରୁ କେନ୍ଦ୍ର ସରକାର ବୁଧବାର ଏହି ଘୋଷଣା କରିଛନ୍ତି। ୧୪.୨ କିଲୋଗ୍ରାମ ସିଲିଣ୍ଡର ଉପରେ ସବ୍‌ସିଡି ୨୦୦ରୁ ୩୦୦ ଟଙ୍କାକୁ ବୃଦ୍ଧି କରିବାକୁ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହାଦ୍ୱାରା ୯.୬ କୋଟି ପରିବାର ଉପକୃତ ହେବେ। ଆଗକୁ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଏଲ୍‌ପିଜି ସବ୍‌ସିଡି ବଢ଼ାଯାଇଛି। ଗତ ମାସରେ ସରକାର ଏଲ୍‌ପିଜି ସିଲିଣ୍ଡର ପ୍ରତି ୨୦୦ ଟଙ୍କା ଦର କମାଇଥିଲେ। ଫଳରେ ସିଲିଣ୍ଡର ଦର ୯୦୩ ଟଙ୍କାକୁ ହ୍ରାସ ପାଇଥିଲା। ଉଜ୍ଜ୍ୱଳା ଯୋଜନା ୨୦୦ ଟଙ୍କା ରିହାତି ସହ ୭୦୩ ଟଙ୍କାରେ ରନ୍ଧନ ଗ୍ୟାସ୍ ପାଉଥିଲେ। ବର୍ତ୍ତମାନ ରିହାତି ପରିମାଣକୁ ୩୦୦ ଟଙ୍କା କରାଯାଇଥିବାରୁ ହିତାଧିକାରୀମାନେ ୬୦୩ ଟଙ୍କାରେ ଗ୍ୟାସ୍ ପାଇପାରିବେ।

## ସ୍ୱାସ୍ଥ୍ୟସେବା ବ୍ୟୟବରାଦ ବିବରଣୀ ମାଗିଲେ ହାଇକୋର୍ଟ




**ମୁମ୍ବାଇ,୪।୧୦**

ମହାରାଷ୍ଟ୍ରର ନାଣ୍ଡେଡ୍‌ସ୍ଥିତ ଏକ ହସ୍ପିଟାଲରେ ଦୁଇ ଦିନରେ ୧୬ ଶିଶୁଙ୍କ ସମେତ ୩୫ ଜଣଙ୍କ ମୃତ୍ୟୁ ଘଟିବା ପରେ ବମ୍ବେ ହାଇକୋର୍ଟ ବୁଧବାର ନିଜଆଡ଼ୁ ମାମଲା ବିଚାର ପାଇଁ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି ଗୁରୁବାର ହେବାକୁ ଥିବାବେଳେ ରାଜ୍ୟ ସରକାରଙ୍କୁ ସ୍ୱାସ୍ଥ୍ୟସେବା ବ୍ୟୟବରାଦ ସମ୍ପର୍କିତ ସବିଶେଷ ବିବରଣୀ ହାଇକୋର୍ଟ ମାଗିଛନ୍ତି। ନାଣ୍ଡେଡ୍‌ର ଡା. ଶଙ୍କରାରାଓ ଚଭନ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା

**ହସ୍ପିଟାଲରେ ୩୫ ରୋଗୀ ମୃତ୍ୟୁ ଘଟଣା**

ଏତେ ସଂଖ୍ୟାରେ ରୋଗୀଙ୍କ ମୃତ୍ୟୁକୁ ନେଇ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅରିଫ୍ ଡକ୍ଟରଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କ ତରଫରୁ ଉପସ୍ଥିତ ଥିବା ଆଡଭୋକେଟ ଜେନେରାଲ ବୀରେନ୍ଦ୍ର ସରାଫଙ୍କୁ ଶୁକ୍ରବାର ସ୍ୱାସ୍ଥ୍ୟ ବଜେଟ ବିବରଣୀ ଦାଖଲ କରିବାକୁ କହିଛନ୍ତି। ରୋଗୀ ମୃତ୍ୟୁକୁ ନେଇ ରାଜ୍ୟ ସରକାର ସମାଲୋଚିତ ହୋଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛୁ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି।

## ଆମେରିକା ଆକ୍ଟିଭିଷ୍ଟଙ୍କୁ ଛୁରିଭୁସି ହତ୍ୟା

**ନ୍ୟୁୟର୍କ,୪।୧୦**

ନ୍ୟୁୟର୍କର ବ୍ରୁକ୍‌ଲିନ୍‌ରେ ଆମେରିକାର ଆକ୍ଟିଭିଷ୍ଟ ତଥା କବି ର୍ୟାନ୍ କାର୍ସନଙ୍କୁ ବୀଭତ୍ସ ଭାବେ ଛୁରିଭୁସି ହତ୍ୟା କରାଯାଇଛି। ର୍ୟାନ୍ ତାଙ୍କ ବାନ୍ଧବୀଙ୍କ ସହ ଏକ ବିବାହ ଉତ୍ସବରୁ ଘରକୁ ଫେରୁଥିବାବେଳେ ସେମାନଙ୍କ ଉପରେ ଆକ୍ରମଣ ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ବେଡ୍‌ଫୋର୍ଡ-ଷ୍ଟୁଭେସାଣ୍ଟ ବସ୍‌ଷ୍ଟପ୍‌ରୁ ର୍ୟାନ୍ ଓ ତାଙ୍କ ବାନ୍ଧବୀ ପାର୍କିଂ ସ୍ଥଳ ଆଡ଼କୁ ଆସୁଥିବାବେଳେ ହଠାତ୍ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ସ୍କୁଟରଗୁଡ଼ିକୁ ଗୋଇଠା ମାରିଥିଲେ। ର୍ୟାନ୍‌ଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଶାନ୍ତ ହେବାକୁ ର୍ୟାନ୍ ତାଙ୍କୁ ବୁଝାଇବା ସତ୍ତ୍ୱେ ସେ ଏକ ଛୁରି ବାହାର କରି ଆକ୍ଟିଭିଷ୍ଟଙ୍କ ଛାତିକୁ ବାରମ୍ବାର ଭୁସିଥିଲେ। ଆକ୍ରମଣକାରୀ ର୍ୟାନ୍‌ଙ୍କ ବାନ୍ଧବୀଙ୍କ ଉପରକୁ ଛେପ ପକାଇଥିଲେ। ସେ ର୍ୟାନ୍‌ଙ୍କ କ୍ଷତବିକ୍ଷତ ଶରୀରକୁ ଗୋଇଠା ମାରିଥିଲେ।

# ରଣବୀର କପୁରଙ୍କୁ ଇଡି ସମନ

**ଅନ୍‌ଲାଇନ୍ ବେଟିଂ ଆପ୍ ମାମଲା**

**ମୁମ୍ବାଇ,୪।୧୦**

ଅନ୍‌ଲାଇନ ଗେମିଂ ଆପ୍ ସହ ସମ୍ପୃକ୍ତି ମାମଲାରେ ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି। ତାଙ୍କୁ ଶୁକ୍ରବାର ଇଡି କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାଦେବ ଅନ୍‌ଲାଇନ୍ ବୁକ୍ ଆପ୍‌ରେ ପ୍ରଚାର ପ୍ରସାରରେ ରଣବୀର କପୁରଙ୍କୁ ଦେଖିବାକୁ ମିଳିଥିଲା। ଅପରାଧ ବଢ଼ାଉଥିବା ଏହି ଆପ୍‌ର ପ୍ରଚାର ଲାଗି ଉକ୍ତ ସଂସ୍ଥା ରଣବୀରଙ୍କୁ ବିପୁଳ ଅର୍ଥ ଦେଇଥିବା ଇଡି ଅଭିଯୋଗ କରିଛି। ବଲିଉଡ୍ ଏବଂ ଟଲିଉଡ୍‌ର ଅନ୍ୟ ୧୨ ଜଣ ଅଭିନେତା ଏବଂ ଅନ୍ୟୂନ ୧୦୦ ଜଣ ଇନ୍‌ଫ୍ଲୁଏନ୍ସର ସମ୍ପୃକ୍ତ ଥିବା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନଜରରେ ରହିଛନ୍ତି। ସେମାନଙ୍କୁ ତଦନ୍ତରେ ସାମିଲ ହେବା ନେଇ ଖୁବ୍‌ଶୀଘ୍ର ସମନ କରାଯାଇପାରେ। ଛତିଶଗଡ଼ ଭିଲାଇର



ସୌରଭ ଚନ୍ଦ୍ରକର ଏବଂ ରବି ଉପ୍ପଲ ଉକ୍ତ ଆପ୍‌ର ପ୍ରମୋଟର, କିନ୍ତୁ ଏହା କମ୍ପାନୀର ୟୁଏଇରେ ଥିବା ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ହେଉଛି। ଏହାର ଶ୍ରୀଲଙ୍କା, ନେପାଳ ଏବଂ ୟୁଏଇରେ କଲ୍ ସେଣ୍ଟର ରହିଛି। ଇଡି କହିବା ଅନୁଯାୟୀ ମହାଦେବ ଆପ୍ ହେଉଛି ବୃହତ୍ ସିଣ୍ଡିକେଟ୍‌ର ଅଂଶବିଶେଷ, ଯାହା ନୂଆ ୟୁଜରମାନଙ୍କୁ ପଞ୍ଜୀକୃତ କରାଇବା, ନୂଆ ଆଇଡି ସୃଷ୍ଟି କରିବା ଏବଂ ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ୱେବ୍ ଜରିଆରେ ମନିଲଣ୍ଡରିଂ ପାଇଁ ଅନ୍‌ଲାଇନ ପ୍ଲାଟଫର୍ମ ବ୍ୟବସ୍ଥା କରାଇଥାଏ। ଏହି ପ୍ରମୋଟରମାନେ ଏଭଳି ୪ରୁ ୫ ଆପ୍ ଚଳାଉଛନ୍ତି, ଯେଉଁଥିରୁ ଦୈନିକ ୨୦୦ କୋଟି ଟଙ୍କା ଲାଭ ହୋଇଥାଏ। ମନିଲଣ୍ଡରିଂ ନେଟ୍‌ୱର୍କ ସହ ସମ୍ପୃକ୍ତ ମହାଦେବ ଆପ୍‌ର କୋଲକାତା, ଭୋପାଳ, ମୁମ୍ବାଇ ଓ ଅନ୍ୟ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଗତ ମାସରେ ଇଡି ଚଢ଼ାଉ କରିଥିଲା। ସେଠାରୁ କେତେକ ଆପରାଧିକ ପ୍ରମାଣ ମିଳିବା ପରେ ଇଡି ୪୧୭ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା।

## ଫୁର୍‌ସତ୍

# ଦେଶର ଭବିଷ୍ୟତ ନିର୍ମାଣର ବିନ୍ଧାଣି




ଶିକ୍ଷାନୁଷ୍ଠାନଗୁଡ଼ିକ ମଣିଷ ତିଆରି କାରଖାନା ଆଉ ସେହି କାରଖାନାର କାରିଗର ହେଉଛନ୍ତି ଶିକ୍ଷକ। ଜଣେ ଛାତ୍ରର ଭବିଷ୍ୟତ ଗଢ଼ିବାରେ ଶିକ୍ଷକମାନେ ବିଶ୍ୱକର୍ମାର ଭୂମିକା ଗ୍ରହଣ କରିଥାନ୍ତି। ବିଶ୍ୱକର୍ମାଙ୍କ ବିନା ଯେପରି ସୁନ୍ଦର ସ୍ଥାପତ୍ୟ ଗଢ଼ିବା ଅସମ୍ଭବ, ସେହିପରି ଶିକ୍ଷକଙ୍କ ବିନା ଜଣେ ସଫଳ ଛାତ୍ର ସୃଷ୍ଟି ହେବା ଆଶା କରାଯାଇ ନ ପାରେ। ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜର ଶିକ୍ଷକମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଶିକ୍ଷକ ଦିବସ ପାଳନ କରିଥାନ୍ତି। ଆଗାମୀ ଭବିଷ୍ୟତକୁ ଗଢ଼ିବାରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଶିକ୍ଷକ ହେଉଛନ୍ତି ଦେଶର ଭବିଷ୍ୟତ ନିର୍ମାଣର ବିନ୍ଧାଣି। ରାଷ୍ଟ୍ର ଗଠନରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ହୃଦୟଙ୍ଗମ କରି ‘ୟୁନେସ୍କୋ’ ତରଫରୁ ୧୯୯୪ଠାରୁ ଅକ୍ଟୋବର ୫କୁ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରାଯାଉଛି। ବିଶ୍ୱ ଶିକ୍ଷକ ଦିବସ ଅବସରରେ ସାରା ବିଶ୍ୱର ଲୋକେ ନିଜ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇଥାନ୍ତି।

ସମାଜର ବିକାଶ କେବଳ ୩ ଜଣଙ୍କ ଦ୍ୱାରା ସମ୍ଭବ ହୋଇଥାଏ। ସେମାନେ ହେଲେ ପିତା, ମାତା ଓ ଶିକ୍ଷକ। ଶିଶୁଟିକୁ ଉଚିତ ମାର୍ଗରେ ଗଢ଼ିଲେ ସେ ପରବର୍ତ୍ତୀ ସମୟରେ ଭଲ ମଣିଷଟିଏ ହେବ ଓ ଭଲ ପରିବାରଟିଏ ଗଢ଼ିପାରିବ। ଭଲ ପରିବାରଟିଏ ଗଢ଼ିପାରିଲେ ଏକ ସୁସ୍ଥ ସମାଜ ଓ ସମୃଦ୍ଧଶାଳୀ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ। ଏ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ କରିବା ହେଉଛି ପ୍ରତ୍ୟେକ ଶିଷ୍ୟଙ୍କର ପ୍ରଧାନ କର୍ତ୍ତବ୍ୟ। ସେମାନଙ୍କ ସମ୍ମାନାର୍ଥେ ଶିକ୍ଷକ ଦିବସ ପାଳନ ଦ୍ୱାରା ସମାଜରେ ଗୁରୁଶିଷ୍ୟଙ୍କ ସମ୍ପର୍କକୁ ନିବିଡ଼ କରିଥାଏ।

ପିଲାଟିଏ ଜନ୍ମ ହେବାପରେ ପ୍ରଥମେ ଜନ୍ମଦାତ୍ରୀଙ୍କୁ ଚିହ୍ନିବା ଆରମ୍ଭ କରିଥାଏ। ଧୀରେଧୀରେ ମା’ଠାରୁ ଦରୋଟି ଭାଷା ଶିଖିଥାଏ। ତେଣୁ ମା’ଙ୍କୁ ପ୍ରଥମ ଶିକ୍ଷକ କୁହାଯାଇଥାଏ। ବୟସ ବଢ଼ିବା ସହ ଅନୁକରଣପ୍ରିୟ ଶିଶୁର ଶିକ୍ଷାର ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଶିଶୁ ମନରେ କିଭଳି ସହଜରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟିହେବ ସେନେଇ ଶିକ୍ଷକ ପ୍ରୟାସ କରିଥାନ୍ତି। କଞ୍ଚାମାଟିରେ ମାଠିଆର ପୂର୍ଣ୍ଣାଙ୍ଗ ରୂପ ଭଳି ଶିଶୁର ଜ୍ଞାନର ବିକାଶ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଶିକ୍ଷକ ରଖିଥାନ୍ତି। ଶିଶୁର ନିରୀହ ମନକୁ ବୋଧଗମ୍ୟ ହେଉଥିବା ବିଭିନ୍ନ ସରଳ ଗପ ଏବଂ ଖେଳ ସହ ପାଠପଢ଼ା ଆଗେଇନେବା ପ୍ରତି ଶିକ୍ଷକ ଗୁରୁତ୍ୱ ଦିଅନ୍ତି। ପାଠପଢ଼ା ଶିକ୍ଷା ଦେବା ସହଜ ନୁହେଁ। ସେଥିପାଇଁ ପ୍ରତିଟି ସଭ୍ୟତାରେ ଶିକ୍ଷାଦାନ କରୁଥିବା ଗୁରୁଙ୍କୁ ସବୁବେଳେ ସମ୍ମାନର ସ୍ଥାନ ପ୍ରଦାନ କରାଯାଇଥାଏ। ଶିକ୍ଷକ ନିଜର ଗୁରୁତ୍ୱ ରକ୍ଷାକରି ପ୍ରତିଟି ଯୁଗରେ ଜ୍ଞାନଚକ୍ଷୁରେ ମଣିଷଗଢ଼ା କାର୍ଯ୍ୟକୁ ଜାରି ରଖିଛନ୍ତି। ଗୁରୁଙ୍କୁ ସମ୍ମାନ ପ୍ରଦାନ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଏହି ଦିବସ ପାଳନ କରାଯାଇଥାଏ।

ଏହା ପୂର୍ବରୁ ୧୯୬୬ ଅକ୍ଟୋବର ୫ରେ ପ୍ୟାରିସ୍‌ଠାରେ ୟୁନେସ୍କୋ ଏବଂ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ପକ୍ଷରୁ ଶିକ୍ଷକଙ୍କ ବହୁବିଧ ସମସ୍ୟାର ସମାଧାନ ଲାଗି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟସ୍ତରର ଶିକ୍ଷାନୀତି, ନିଯୁକ୍ତି, ଗୁଣବତ୍ତାଯୁକ୍ତ ଶିକ୍ଷାଦାନରେ ଶିକ୍ଷକଙ୍କ ସ୍ଥିତିରେ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୯୯୭ ଅକ୍ଟୋବର ୫ରେ ୟୁନେସ୍କୋ ବୈଠକରେ ଶିକ୍ଷକଙ୍କ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୬ରେ ବିଶ୍ୱ ଶିକ୍ଷକ ଦିବସ ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ ହାମଡାନ ପୁରସ୍କାର ଅନ୍ତର୍ଭୁକ୍ତ ହୋଇଥିଲା। ଏହି ପୁରସ୍କାର ସମାଜ ପ୍ରତି ଥିବା ଶିକ୍ଷକଙ୍କ ଅମୂଲ୍ୟ ଅବଦାନ ଲାଗି ଉଦ୍ଦିଷ୍ଟ। ଶିକ୍ଷକଙ୍କ ଋଣ ତ ଶୁଝିହେବ ନାହିଁ, ମାତ୍ର ଏଭଳି ପ୍ରୟାସ ଦ୍ୱାରା କିଞ୍ଚିତ୍ ସମ୍ମାନ ପ୍ରଦାନର ପ୍ରୟାସ ବିଶ୍ୱ ଶିକ୍ଷକ ଦିବସ ପାଳନ ମାଧ୍ୟମରେ କରାଯାଇଥାଏ। ସମାଜରେ ଶିକ୍ଷକଙ୍କ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

## ଲିଭଇନ୍‌ରେ ରୁହନ୍ତି ଗରାସିଆ ଜନଜାତି

**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ଯୁବତୀଯୁବକ ଲିଭଇନ୍ ରହିବା ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ ସହରରେ ସାଧାରଣ କଥା ହୋଇଗଲାଣି। କିନ୍ତୁ ଛୋଟ ସହରଗୁଡ଼ିକରେ ଏହାର ଘୋର ବିରୋଧ ଦେଖିବାକୁ ମିଳେ। ହେଲେ ଭାରତରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ଯୁବତୀଯୁବକ ଲିଭଇନ୍ ରହିବା ଅତ୍ୟନ୍ତ ମାମୁଲି କଥା। ଏଥିପାଇଁ ମା’ବାପା ମଧ୍ୟ ଅନୁମତି ଦେଇଦିଅନ୍ତି। ରାଜସ୍ଥାନ, ଗୁଜରାଟରେ ରହୁଥିବା ଗରାସିଆ ଜନଜାତିଙ୍କଠାରେ ଏପରି ପରମ୍ପରା ରହିଛି। ଏଠାରେ ଯୁବତୀଯୁବକମାନେ ଆଧୁନିକ ଯୁଗର ନାଗରିକଙ୍କ ଭଳି ବିନା ବିବାହରେ ଲିଭଇନ୍ ରହିବା ସହ ବିବାହ ପୂର୍ବରୁ ମା’ ହୋଇଥାନ୍ତି। ନିଜ ମନମୁତାବକ ଯୁବକଙ୍କୁ ବାଛିବା ପାଇଁ ଜନଜାତିରେ ଯୁବତୀଙ୍କୁ ସମ୍ପୂର୍ଣ୍ଣ ଅଧିକାର ଥାଏ। ବିବାହ ପାଇଁ ଏଠାରେ ୨ ଦିନିଆ ମେଳା ଆୟୋଜିତ ହୋଇଥାଏ। ମେଳାରେ ଯୁବତୀ- ଯୁବକଙ୍କ ଭିଡ଼ ଲାଗିଥାଏ। ସେଠାରୁ ହିଁ ସେମାନେ ନିଜ ପସନ୍ଦର ନାୟକଙ୍କୁ ଚୟନ କରି ତାଙ୍କ ସହ ପଳାଇଯାଇ ବିନା ବିବାହରେ ଏକାଠି ରୁହନ୍ତି। ଏଥିସହ ସେମାନେ ଛୁଆ ମଧ୍ୟ ଜନ୍ମ କରନ୍ତି। ପରେ ଘରକୁ ଫେରି ପରିବାରର ଅନୁମତିରେ ଧୁମଧାମ୍‌ରେ ସେମାନଙ୍କ ବିବାହ ସମ୍ପନ୍ନ ହୁଏ। ଯଦି ସେମାନେ ଚାହିଁବେ ତେବେ ବିବାହ ନ କରି ମଧ୍ୟ ରହିପାରିବେ। କୁହାଯାଏ ଯେ ବହୁ ବର୍ଷ ପୂର୍ବେ ଗରାସିଆ ଜନଜାତିର ୪ ଭାଇ ଏକା ସାଙ୍ଗରେ କୁଆଡ଼େ ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଭାଇ ବିବାହ ନ କରି ଲିଭଇନ୍‌ରେ ରହିବାକୁ ଲାଗିଲେ। ହେଲେ ୪ର୍ଥ ଭାଇଙ୍କ ଛୁଆପିଲା ହେବାବେଳେ ବାକି ୩ଜଣଙ୍କ ସନ୍ତାନ ହେଲାନି। ସେବେଠାରୁ ହିଁ ଏହି ଜନଜାତି ମଧ୍ୟରେ ଏପରି ପରମ୍ପରା ଚାଲିଆସୁଛି।



## ସୀତାଙ୍କ ଚରିତ୍ରରେ ସାଇ



ସାଇ ପଲ୍ଲବୀ

**ମୁମ୍ବାଇ:** ସାଉଥ୍ ଅଭିନେତା ପ୍ରଭାସଙ୍କ ଫିଲ୍ମ ‘ଆଦିପୁରୁଷ’ ରାମାୟଣ କଥାବସ୍ତୁ ସହ ଦର୍ଶକଙ୍କ ସାମ୍ନାକୁ ଆସିଥିଲା। କିନ୍ତୁ ସିନେମା ରିଲିଜ୍ ପୂର୍ବରୁ ଏଥିରେ ଅନେକ ବିବାଦ ଦେଖାଦେଇଥିଲା। ତେବେ ପୁଣି ଆଉ ଏକ ‘ରାମାୟଣ’ ଆସିବାକୁ ଯାଉଛି। ଏଥିରେ ନୀତୀଶ ତିୱାରି ନିର୍ଦ୍ଦେଶନା ଦେଉଛନ୍ତି। ମୁଭିରେ ‘ଆଦିପୁରୁଷ’ ଭଳି କୌଣସି ତ୍ରୁଟି ଦେଖିବାକୁ ମିଳିବନି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାର ଶୁଟିଂ ଆସନ୍ତା ବର୍ଷ ପୂର୍ବରୁ ଆରମ୍ଭ ହେବ। ରିପୋର୍ଟ ମୁତାବକ, ଏଥିରେ ଅଭିନେତା ରଣବୀର କପୁର ପ୍ରଭୁ ରାମ ଚରିତ୍ରରେ ନଜରକୁ ଆସିବେ। ତାଙ୍କ ସହ ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲବୀ ସୀତା ମାତାଙ୍କ ଭୂମିକା ନିଭାଇବେ। ପୂର୍ବରୁ ସୀତାଙ୍କ ଭୂମିକା ପାଇଁ ଆଲିଆ ଭଟ୍ଟଙ୍କୁ ବଛାଯାଇଥିଲା। ସାଉଥ୍ ଷ୍ଟାର ଯଶ୍‌ଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ମିଳିବ। ଫିଲ୍ମକୁ ୩ ଭାଗରେ ଶୁଟିଂ କରାଯିବ ବୋଲି ଜଣାପଡ଼ିଛି। ଏହାର କିଛି ଭାଗ ଶ୍ରୀଲଙ୍କାରେ ଶୁଟିଂ କରାଯିବ। ପ୍ରଥମ ଭାଗ ଶୁଟିଂ ପରେ ଯଶ୍ ଦ୍ୱିତୀୟ ଭାଗରେ ନଜରକୁ ଆସିବେ। ସାଇ ପଲ୍ଲବୀ ୨୦୦୫ରେ ତାଙ୍କ ଅଭିନୟ କ୍ୟାରିୟର ତାମିଲ ଫିଲ୍ମରୁ କରିଥିଲେ। ଏହାପରେ ସେ ଅନେକ ତାମିଲ, ତେଲୁଗୁ, ମାଲାୟଲମ୍ ଆଦି ଫିଲ୍ମରେ କାମ କରିଛନ୍ତି। ପଲ୍ଲବୀ ଏବେ ତାଙ୍କର ଅନ୍ୟ ଏକ ସିନେମାରେ ବ୍ୟସ୍ତ ଅଛନ୍ତି।

## କୁକୁର ପିଞ୍ଜରାରେ ଶୁଅନ୍ତି

**ୱାଶିଂଟନ:** ଦିନର ଥକାପଣା ଦୂର କରିବାକୁ ଲୋକଙ୍କୁ ଆରାମଦାୟକ ନିଦର ଆବଶ୍ୟକ ଥାଏ। ହେଲେ ଜଣେ ୨୧ ବର୍ଷୀୟା ନିକଟରେ କହିଛନ୍ତି, ତାଙ୍କର କୁଇନ୍ ସାଇଜ୍‌ର ଖଟ ବଦଳରେ ସେ କୁକୁର ପାଇଁ ଥିବା ପିଞ୍ଜରାରେ ଶୋଇବାକୁ ଅଧିକ ପସନ୍ଦ କରୁଛନ୍ତି। ସେ ସେହି ପିଞ୍ଜରାକୁ



ଅତି ସୁନ୍ଦର ଭାବେ ସଜାଇଛନ୍ତି। ତା’ ଭିତରେ କମ୍ବଳ ଏବଂ ଟେଡି ବିୟର ମଧ୍ୟ ରଖିଛନ୍ତି। ରିପୋର୍ଟ ମୁତାବକ, ଆମେରିକା ବାସିନ୍ଦା ଲିଆ ପାର୍କର ପୋଷ୍ଟ ଟ୍ରୋମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର (ପିଟିଏସ୍‌ଡି)ରେ ପୀଡ଼ିତ ଅଛନ୍ତି। ତାଙ୍କର ଏହିଭଳି ଜୀବନରୁ ରକ୍ଷା ପାଇବା ଏବଂ ପିଟିଏସ୍‌ଡି ବଢ଼ିବାରୁ ନିଜକୁ ଶାନ୍ତ କରିବାକୁ କୁକୁରର ପିଞ୍ଜରା ବ୍ୟବହାର କରୁଥିବା କହିଛନ୍ତି। ତାଙ୍କୁ ପିଞ୍ଜରା ଯିବା ପରେ ହିଁ ଶାନ୍ତି ମିଳିଥାଏ। ସେ ସେଠାରେ ଆରାମଦାୟକ ଜୀବନ ବିତାନ୍ତି ବୋଲି କହିଛନ୍ତି। ସୋସିଆଲ ମିଡିଆରେ ଲିଆଙ୍କ ବହୁତ ଫଲୋଅର୍ସ ଅଛନ୍ତି। ସୋସିଆଲ ମିଡିଆରେ ସକ୍ରିୟ ଥିବା ଜଣେ ବ୍ୟକ୍ତିଙ୍କ ସହ ସେ ତାଙ୍କ ଜୀବନପ୍ରଣାଳୀ ବାବଦରେ କହିଛନ୍ତି। ସେ ଲିଆଙ୍କୁ ଅନେକ ପ୍ରଶ୍ନ ପଚାରୁଥିଲେ, ଯାହାର ସେ ଉତ୍ତର ରଖୁଥିଲେ। ଲିଆ କହିଛନ୍ତି, ସେ ଛୋଟବେଳୁ ଚାପଜନିତ ପରିବେଶରେ ବଢ଼ିଥିବାବେଳେ ସବୁବେଳେ ସେଥିରୁ ବର୍ତ୍ତିବାକୁ ଆଲମାରି ଭଳି ଛୋଟ ଜାଗାର ସନ୍ଧାନ କରିଥାନ୍ତି। ଏଥିପାଇଁ ପରେ ସେ କୁକୁର ପିଞ୍ଜରା ଭିତରେ ରହିବାକୁ ନିଷ୍ପତ୍ତି ନେଲେ। ୧୮ ବର୍ଷ ବୟସରୁ ସେ ପିଞ୍ଜରାରେ ଶୋଉଛନ୍ତି। ଲିଆ ତାଙ୍କ ପିଞ୍ଜରାର ଅନେକ ଭିଡିଓ ସୋସିଆଲ ମିଡିଆରେ ଶେୟାର ମଧ୍ୟ କରିଛନ୍ତି।

**ବିଜେଡିରୁ ୩ ନିଲମ୍ବିତ**

ରାଇବଣିଆ(ନବୀନ ସାହୁ)/ଜଳେଶ୍ୱର (ରବିନାରାୟଣ ପାତ୍ର) : ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ଜଳେଶ୍ୱର ନିର୍ବାଚନମଣ୍ଡଳୀର ୩ଜଣ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ନଛିମପୁର ସମିତିସଭ୍ୟ ବ୍ରଜମୋହନ ପ୍ରଧାନ, ପୂର୍ବତନ ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି କାଳିଚରଣ ଦାସ ଓ ପୂର୍ବତନ ସରପଞ୍ଚ ଚନ୍ଦନ କର। ଏନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ହୋଇଥିଲା। ବୁଧବାର ଦଳର ରାଜ୍ୟ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଦସ୍ତଖତରେ ଏହି ନିଲମ୍ବନ ଚିଠି ମିଳିଥିବା ଜଣାଯାଇଛି।

# ମହିଳାଙ୍କୁ ପୁଣି ଉପହାର ଦେଲେ କେନ୍ଦ୍ର ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧୦ (ସୁନିତ୍ ମିଶ୍ର)



କେନ୍ଦ୍ର କ୍ୟାବିନେଟ୍‌ରେ ପୁଣିଥରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ଗ୍ୟାସ୍ ମୂଲ୍ୟ କମାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ। ନବରାତ୍ରି ଏବଂ ଆସୁଥିବା ପର୍ବପର୍ବାଣି ପୂର୍ବରୁ ପ୍ରଧାନମନ୍ତ୍ରୀ ପୁଣିଥରେ ଦେଶର ମହିଳାମାନଙ୍କୁ ଉପହାର ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ବର୍ତ୍ତମାନ ଉଜ୍ଜ୍ୱଳା ଯୋଜନାରେ ଦିଆଯାଉଥିବା ଗ୍ୟାସ୍ ମୂଲ୍ୟ ୩୦୦ ଟଙ୍କା ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉଜ୍ଜ୍ୱଳା ଲାଭାର୍ଥୀଙ୍କୁ ୨୦୦ ଟଙ୍କାର ସବ୍‌ସିଡି ଦିଆଯାଉଥିଲା। ଗତ ଅଗଷ୍ଟରେ ୨୦୦ ଏବଂ ବୁଧବାର ୧୦୦ ଟଙ୍କା ହ୍ରାସ କରିବାର ନିଷ୍ପତ୍ତି ନେବାପରେ ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ବଜାରର ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ୍ ପାଇବେ। ମହିଳାଙ୍କ ସଶକ୍ତୀକରଣ ଦିଗରେ ଏହା ଏକ ସମ୍ବେଦନଶୀଳ ପଦକ୍ଷେପ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜୟନାରାୟଣଙ୍କ ପାଗଳାମି ରାଜ୍ୟ ଭାଜପାକୁ ବୁଡ଼ାଇବ: ବିଜେଡି

ଭୁବନେଶ୍ୱର,୪।୧୦(ଅନିଲ ଦାସ)

ଧନ୍ୟବାଦ ଜୟନାରାୟଣ ବାବୁ, ଆପଣ ଯେଉଁଭଳି ପାଗଳର ପ୍ରଳାପ କରୁଛନ୍ତି ଲାଗୁଛି ଆଗାମୀ ନିର୍ବାଚନରେ ଆଉ ବିଜେଡିକୁ ପ୍ରଚାର କରିବା ଦରକାର ପଡ଼ିବ ନାହିଁ। ଆପଣଙ୍କର ଏଭଳି ପାଗଳାମି ରାଜ୍ୟ ଭାଜପାକୁ ଧ୍ୱଂସ କରିଦେବାକୁ ଯଥେଷ୍ଟ। ବିଜେଡି ମୁଖପାତ୍ର ଇପ୍ସିତା ସାହୁ ବୁଧବାର ଗଣମାଧ୍ୟମକୁ ଏହା କହିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଖବରଦାତା ସମ୍ମିଳନୀର ଜବାବ ଦେଇ ସେ କହିଛନ୍ତି, ଶୁଣିବାକୁ ମିଳିଲା କୋଲକାତାରେ ଚିକିତ୍ସିତ ହେଉଥିବା ହସ୍ପିଟାଲରୁ ଆପଣ ଅଧାରୁ ଚାଲି ଆସିଛନ୍ତି। ସେଠାରେ ପାଗଳାମି ଦୂର କରିବାକୁ ଇଲେକ୍ଟ୍ରିକ୍ ଶକ୍ ଟ୍ରିଟ୍‌ମେଣ୍ଟ ଆରମ୍ଭ କରାଯିବା ଶୁଣି ଛାନିଆ ହୋଇ ଚାଲିଆସିଲେ। ଯେହେତୁ ଆପଣ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇନାହାନ୍ତି, ତେଣୁ ପାଗଳର ପ୍ରଳାପ ଜାରି ରଖିଛନ୍ତି। ଆପଣ ରାଜ୍ୟ ଭାଜପା ସଭାପତିଙ୍କ କଥା ଶୁଣୁଛନ୍ତି ନା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣ ଆଗାମୀ ୬ ମାସ ଏଭଳି ବାଚାଳାମି ଜାରି ରଖନ୍ତି ତେବେ ରାଜ୍ୟ ଭାଜପାର ଆସନ ସଂଖ୍ୟା ବିଧାନସଭାରେ ୨୨ରୁ ୨କୁ ଖସିଆସିବାଟା ଏକପ୍ରକାର ନିଶ୍ଚିତ ବୋଲି ଇପ୍ସିତା କହିଛନ୍ତି।

# ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯାଉ: ଶରତ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଅତିଶୀଘ୍ର ଜାତିଭିତ୍ତିକ ଜନଗଣନା କରନ୍ତୁ। ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗଙ୍କ ବିକାଶ ଆବଶ୍ୟକ ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରି ନାହିଁ। ୨୦୨୪ ସୁଦ୍ଧା ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରି ତାହାର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯାଉ। ଯଦି ସରକାର ଏହା ନ କରନ୍ତି ତେବେ ୨୦୨୪ରେ କଂଗ୍ରେସ ରାଜ୍ୟରେ କ୍ଷମତାକୁ ଫେରିଲେ ଜାତିଭିତ୍ତିକ ଜନଗଣନା ନିଶ୍ଚିତ କରିବ ବୋଲି ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

# ପାନଚାଷୀଙ୍କୁ ସହାୟତା ସମୁଦ୍ରକୁ ଶଙ୍ଖେ: କିଷାନ କଂଗ୍ରେସ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପାନ ଫସଲର କ୍ଷୟକ୍ଷତି ହେଲେ ପ୍ରଚଳିତ ବିପର୍ଯ୍ୟୟ ପାଣ୍ଠିର ସର୍ତ୍ତାବଳୀ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯାହା ସହାୟତା ମିଳିଥାଏ, ତାହା ସମୁଦ୍ରକୁ ଶଙ୍ଖେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏନେଇ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟିଛନ୍ତି।

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ

# ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହେଲେ ଯମୁନା

ଦିଗପହଣ୍ଡି,୪।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ବୁଧବାର ଅନ୍ତ ଘଟିଛି। ବମକୋଇ ପଞ୍ଚାୟତ ସମିତି ସଭ୍ୟା ଯମୁନା ନାୟକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷା ଆସନ ଅଳଙ୍କୃତ କରିଛନ୍ତି। ନିର୍ବାଚନ ଅଧିକାରୀ ତଥା ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକ ଏ ନେଇ ଘୋଷଣା କରିଛନ୍ତି। ଗତ ଜୁନ୍ ୧୧ ତାରିଖରେ ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ଆକସ୍ମିକ ବିୟୋଗ ପରେ ଅଧ୍ୟକ୍ଷା ପଦବୀ ଖାଲିପଡିଥିଲା। ଏହି ପଦବୀ ହାସଲ ନିମନ୍ତେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ତଥା ବିଜେଡିରୁ ବହିଷ୍କୃତ ବିପିନ ଚନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ଉପନିର୍ବାଚନ ପାଇଁ ମତଦାନ କେନ୍ଦ୍ରରେ ବିପିନଙ୍କ ସମର୍ଥିତ ୧୪ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିବା ସମୟରେ ବିପ୍ଳବଙ୍କ ସମର୍ଥିତ ୧୦ ସମିତି ସଭ୍ୟସଭ୍ୟା ଅନୁପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଆଇନଶୃଙ୍ଖଳା ସ୍ଥିତିକୁ ଆଳ କରି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରିଥିଲେ। ପରେ ୧୪ ସମିତି ସଭ୍ୟାସଭ୍ୟ ହାଇକୋର୍ଟରେ ଯାଚିକା ଦାଖଲ କରିଥିଲେ। ହାଇକୋର୍ଟ ତୁରନ୍ତ ନିର୍ବାଚନ ପ୍ରକ୍ରିୟା ସାରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏନେଇ ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବୁଧବାର ନିର୍ଦ୍ଧାରିତ ସମୟ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ବିପିନଙ୍କ ସମର୍ଥିତ ୧୪ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ଯମୁନା ନାୟକ ଅଧ୍ୟକ୍ଷା ପଦ ପାଇଁ ନିଜର ନାମାଙ୍କନ ଦାଖଲ କରିଥିଲେ। ବିପ୍ଳବଙ୍କ ସମର୍ଥିତ ୧୦ ସମିତି ସଭ୍ୟ ଭୋଟଦାନ କେନ୍ଦ୍ରକୁ ଆସି ନ ଥିବା ବେଳେ ଯମୁନାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷିତ କରାଯାଇଥିଲା। ପରେ ବ୍ଲକ କାର୍ଯ୍ୟାଳୟ ବାହାରେ ବିପିନ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହର ଲହରି ଖେଳିଯାଇଥିଲା। ବିଜୟ ପରେ ବିପିନ କହିଛନ୍ତି ଯେ, ଏହି ବିଜୟ ମୋର ନୁହେଁ, ଦିଗପହଣ୍ଡି ବ୍ଲକବାସୀଙ୍କ ବିଜୟ। ସେମାନଙ୍କ


ସମର୍ଥକଙ୍କ ଗହଣରେ ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ।

### ବିପିନଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି

ସହଯୋଗ ଏବଂ ମା' ବାଙ୍କେଶ୍ୱରୀଙ୍କ ଆଶୀର୍ବାଦର ଫଳସ୍ୱରୂପ ଧର୍ମର ଜୟ ହୋଇଛି। ଏହି ଉପନିର୍ବାଚନ ସମୟରେ ଦିଗପହଣ୍ଡି, ସାନଖେମୁଣ୍ଡି ଓ ଚିକିଟି ତହସିଲଦାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରକ୍ରିୟା ପୂର୍ବରୁ ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ ଏମ୍ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆଇନଶୃଙ୍ଖଳା ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ନୂତନ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ କହିଛନ୍ତି, ଆଗାମୀ ଦିନରେ ସମସ୍ତ ପଞ୍ଚାୟତର ବିକାଶ ପ୍ରତି ଦୃଷ୍ଟି ଦେବା ସହ ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ପ୍ରଥମ ଲକ୍ଷ୍ୟ ରହିବ। ମୋତେ ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ସେ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଭୋଗରାଇ ନିର୍ବାଚନମଣ୍ଡଳୀ

# ଆଶାୟୀଙ୍କ ସଂଖ୍ୟା ବଢୁଛି

ଭୋଗରାଇ,୪।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିଲା ବେଳେ ବିଜେଡି ଓ ଭାଜପା ମଧ୍ୟରେ ବିଧାୟକ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶାସକ ବିଜେଡିରେ ଦଳୀୟ ଟିକେଟ ହାତେଇବା ଲାଗି ଉଜନେରୁ ଉର୍ଦ୍ଧ୍ୱ କସରତ କରୁଥିବା ବେଳେ ଏବେ ନବାଗତଙ୍କ ଆବିର୍ଭାବ ଯୋଗୁ ଦଳରେ ଗୁଞ୍ଜରଣ ସୃଷ୍ଟି ହୋଇଛି। କେବଳ କଂଗ୍ରେସ ରେ ଜଣେ କିମ୍ବା ଦୁଇଜଣ ଦାବିଦାର ଥିବାବେଳେ ଭାଜପାରେ ୭ ଆଶାୟୀ ଭାବେ ଉଭା ହୋଇଛନ୍ତି।

ଏଭଳି ସ୍ଥିତିରେ ଜଳସୋହରିଆ ଗ୍ରାମର ସାମାଜିକ କର୍ମୀ ଅନୀଲ କୁମାର ଗିରି ଶାସକ ବିଜେଡିରୁ ଟିକେଟ ପାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି। ନିଜ ଗାଁ ଚଣ୍ଡୀମନ୍ଦିରରୁ ମଙ୍ଗଳବାର ସନ୍ଧ୍ୟାରେ ଶତାଧିକଙ୍କ ସମର୍ଥନରେ ଶଙ୍ଖ ବଜାଇ ପ୍ରାର୍ଥୀ ହେବା ଲାଗି ସ୍ୱର ଉଠାଇବା ସହ ଏକ ଖବରଦାତା ସମ୍ମିଳନୀରେ ନିଜେ ପ୍ରାର୍ଥୀ ହେବାକୁ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ଅନୀଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୋ ବାପା ସ୍ୱର୍ଗତ ଡା. ରାଧାକୃଷ୍ଣ ଗିରି ଓରଫ ବାବୁ ଡାକ୍ତର ଉତ୍ତର ବାଲେଶ୍ୱରରେ ଲୋକଙ୍କ ନିରବିଚ୍ଛିନ୍ନ ସେବା କରି ଆସିଛନ୍ତି। ମୋ ଭାଉଜ ମଧ୍ୟ ପଞ୍ଚାୟତ ସମିତି ସଦସ୍ୟ ଭାବେ ଲୋକଙ୍କ ସେବା କରିଛନ୍ତି। ବାପା, ଭାଉଜ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ସୀମାନ୍ତରେ ଦୈନିକ ଶହ ଶହ ଲୋକଙ୍କ ଚିକିତ୍ସା ସେବା ଯୋଗାଇ ଦେଇଛୁ। ମୁଖ୍ୟମନ୍ତ୍ରୀ ମୋତେ ଦଳୀୟ ଟିକେଟ ଦେଲେ ମୁଁ ଭୋଗରାଇ ନିର୍ବାଚନମଣ୍ଡଳୀର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସାକାର କରିବାକୁ ଦୃଢ଼ ପ୍ରତିଜ୍ଞ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅସିତ୍ କୁମାର ଚାନ୍ଦ ମଧ୍ୟ ବିଜେଡି ଟିକେଟ ପାଇଁ ଆଶାୟୀ ଥିବା ସୂଚନା ମିଳିଛି। ବିଜେଡିର ଟିକେଟ ଆଶାୟୀ ହେଲେ ବିଧାୟକଙ୍କ ପୁଅ ଇଂ. ଅଭିଜିତ ଦାସ, ଏମ୍‌ସର ବରିଷ୍ଠ ବିଶେଷଜ୍ଞ ଡା. ସରୋଜ ଦାସ ମଜୁମଦାର, ଇଂ. ବିଦୁବେନ୍ଦୁ ପାତ୍ର, ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ସଙ୍ଗୀତଜ୍ଞ ମନ୍ମଥ ମିଶ୍ର, କୋ ଅପରେଟିଭ ହାଉସିଂ ବୋର୍ଡ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଆଇନଜୀବୀ ଭୁବନାନନ୍ଦ ଦାସ, ପତିତ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ଐତିହାସିକ ସ୍ୱର୍ଗତ ମନ୍ମଥ ନାଥ ଦାସଙ୍କ ପୁତ୍ରବଧୂ ଡା. ରଞ୍ଜିତା ଦାସ, ପୂର୍ବତନ ଜିଲାସଭାନେତ୍ରୀ ନିବେଦିତା ମହାନ୍ତି ପ୍ରମୁଖ। ସେହିପରି କଂଗ୍ରେସର ଆଶାୟୀ ହେଲେ ପୂର୍ବତନ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ, ଭୋଗରାଇ କଂଗ୍ରେସ ସଭାପତି ଆଶିଷ କୁମାର ପାତ୍ର, ଯୁବ ସଂଗ୍ରାମୀ ସୁଦର୍ଶନ ଜେନା। ଭାଜପା ପକ୍ଷରୁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପରେଶ ଚନ୍ଦ୍ର ନାୟକ, ଶକ୍ତିପଦ ପାଣ୍ଡେ, ମାନସ ମହାନ୍ତି, ସୁନୀଲ କର, ସଞ୍ଜୀବ କୁମାର ସାହୁ, ଆଶିଷ କୁମାର ମହାନ୍ତି, କୌଶିକ ଚାନ୍ଦ ଓ ଅଂଶୁମାନ ମହାନ୍ତି ପ୍ରମୁଖ ଦଳୀୟ ଟିକେଟ ଲାଗି ଆଶାୟୀ ଅଛନ୍ତି।

# ୨୨ ଆଇଟିଡିଏକୁ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଦେଇଛି କେନ୍ଦ୍ର: ଭାଜପା

ଭୁବନେଶ୍ୱର, ୪।୧୦(ସୁନିତ୍‌ମିଶ୍ର): ରାଜ୍ୟର ୨୨ଟି ଆଇଟିଡିଏକୁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣର ଟଙ୍କା ଦେଉଛନ୍ତି। ଓଆର୍‌ଭି ଓ ପେସା ଆଇନକୁ କାର୍ଯ୍ୟକାରୀ ନ କରିବାରୁ ଜନଜାତିବର୍ଗଙ୍କ ସାମାଜିକ, ନ୍ୟାୟିକ ଅଧିକାର କ୍ଷୁଣ୍ଣ ହେଉଛି। ଏନେଇ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଦଳର ଏସ୍‌ଟି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ ବୈଠକରେ ନିଷ୍ପତ୍ତି ହୋଇଛି। ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ଜୁଏଲ ଓରାମ କହିଛନ୍ତି, ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଉଛି।

**ରାଜ୍ୟ ଖବର**

# ୨୬ ଅତ୍ୟାଧୁନିକ ୧୦୮ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୧୦(ଅନିଲ ଦାସ)

ରାଜ୍ୟବାସୀଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୬ଟି ନୂତନ ଅତ୍ୟାଧୁନିକ ୧୦୮ ଆମ୍ବୁଲାନ୍ସକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ନବୀନ ନିବାସଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠି ବିନିଯୋଗରେ କ୍ରୟ ହୋଇଥିବା ଏହି ୨୬ଟି ଆମ୍ବୁଲାନ୍ସକୁ ପତାକା ଦେଖାଇ ଲୋକାର୍ପିତ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ରୋଗୀସେବା ଯୋଗାଇଦେବା ସକାଶେ କ୍ରୟ ହୋଇଥିବା ଉକ୍ତ ଆମ୍ବୁଲାନ୍ସ ପାଇଁ ୧୦.୯୨ କୋଟି ଟଙ୍କା ବିନିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଓ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ବିନା ଖର୍ଚ୍ଚରେ ଡାକ୍ତରଖାନାକୁ ନେବା ପାଇଁ ରାଜ୍ୟରେ ଏହି ଜରୁରିକାଳୀନ ଆମ୍ବୁଲାନ୍ସ ସେବା ସଫଳତାର ସହ କାର୍ଯ୍ୟ କରୁଛି। ଜୀବନ ରକ୍ଷାକାରୀ ସୁବିଧା ଥିବା ଏହି ୨୬ଟି ନୂତନ ଆମ୍ବୁଲାନ୍ସ ସାମିଲ ହେବା ପରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ର ଅଧିକ ସୁଦୃଢ଼ ହେବ। ଟୋଲ୍ ଫ୍ରି ନମ୍ବର ୧୦୮କୁ ଫୋନ୍ କରି ରାଜ୍ୟରେ ଏହି ଜରୁରିକାଳୀନ ଆମ୍ବୁଲାନ୍ସ ସେବା ସୁବିଧା ଉପଲବ୍ଧ ହେଉଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ସଚିବ ଭି.କେ ପାଣ୍ଡିଆନ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପିପିପି ମୋଡ୍‌ରେ ହେବ ୫ ମଲ୍ଟି ସ୍ପେସିଆଲିଟି, ସୁପର ସ୍ପେସିଆଲିଟି ହସ୍ପିଟାଲ

ଭୁବନେଶ୍ୱର,୪।୧୦(ଅନିଲଦାସ)





ରାଜ୍ୟରେ ଖୁବ୍‌ଶୀଘ୍ର ୫ଟି ନୂତନ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ହେବ। ପ୍ରଥମ ଥର ପାଇଁ ସରକାରୀ- ଘରୋଇ ଭାଗୀଦାରି(ପିପିପି) ମୋଡ୍‌ରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିକାଶ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୫ଟି ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପାଇଁ ଘରୋଇ ଅଂଶୀଦାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ହସ୍ପିଟାଲଗୁଡ଼ିକ ଅନୁଗୋଳ, ବଡ଼ବିଲ, ଭଦ୍ରକ ଓ ଝାରସୁଗୁଡ଼ାରେ ସ୍ଥାପନ କରାଯିବ। ଏଥିସହିତ କର୍କଟ ରୋଗର ଯତ୍ନ ପାଇଁ ପିପିପି ମୋଡ୍‌ରେ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ କହିଛନ୍ତି, ରାଜ୍ୟବାସୀଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଓଡ଼ିଶାର ଲୋକମାନଙ୍କ ଉନ୍ନତ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ସମାନୁପାତିକ ଓ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପୂରଣ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ସୁସ୍ଥ ଓଡ଼ିଶା ଏବଂ ସୁଖୀ ଓଡ଼ିଶା ପ୍ରତିବଦ୍ଧତାକୁ ପୂରଣ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟର ୧ କୋଟି ପରିବାର ସଦସ୍ୟମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବରଦାନ ପାଲଟିଛି। ଏହାକୁ ପୂରଣ କରିବାରେ ଘରୋଇ ଡାକ୍ତରଖାନାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ଜିଲାସ୍ତରରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ସ୍ଥାପନ କରିବାକୁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଘରୋଇ ସଂସ୍ଥା ସହ ହୋଇଥିବା ଏହି ଚୁକ୍ତିନାମାରେ ଖୁସି ବ୍ୟକ୍ତ କରି ମୁଖମନ୍ତ୍ରୀ କହିଛନ୍ତି, ଏହା ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ନୂଆ ପଥପ୍ରଦର୍ଶକ ହେବ। ଯଥାଶୀଘ୍ର ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ରୂପାନ୍ତରଣ ହୋଇଛି। ଚୁକ୍ତି ଅନୁଯାୟୀ ଉତ୍କଳ ହେଲ୍‌ଥ କେୟାର ଏବଂ ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅନୁଗୋଳ ଓ ବଡ଼ବିଲଠାରେ ୨୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରିବେ। ସେହିପରି ସିଗ୍‌ନସ ମେଡିକେୟାର ଏବଂ ପ୍ରିଷ୍ଟଲିଙ୍କ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନ ପ୍ରାଇଭେଟ ଲିମିଟେଡ ଭଦ୍ରକ ଓ ଝାରସୁଗୁଡ଼ାଠାରେ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଟି ହସ୍ପିଟାଲ ସ୍ଥାପନ କରିବାକୁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏଥିସହିତ ଝାରସୁଗୁଡାଠାରେ ଭାଇଜାଗ ହସ୍ପିଟାଲ୍‌ସ ଆଣ୍ଡ କ୍ୟାନ୍‌ସର ରିସର୍ଚ୍ଚ ସେଣ୍ଟର ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର କେୟାର ହସ୍ପିଟାଲ ନିର୍ମାଣ କରିବ। ରାଜ୍ୟ ସରକାର ଏଥିପାଇଁ ଜମି, ଭିତ୍ତିଭୂମି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବେ। ପିପିପି ଅଂଶୀଦାରମାନେ ହସ୍ପିଟାଲ ନିର୍ମାଣ କରିବା ସହ କର୍ମଚାରୀ ନିଯୁକ୍ତି ଏବଂ ୩୦ବର୍ଷ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ। ଏଥିରେ ୨୪ ଘଣ୍ଟିଆ ଟ୍ରମାକେୟାର, ଓପିଡି, ଆଇପିଡି ସେବା, ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଏବଂ ସୁପର ସ୍ପେସିଆଲିଟି ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟର ସମସ୍ତ ବୀମାଭୁକ୍ତ ରୋଗୀମାନେ ମାଗଣାରେ ସେବା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ।

# ଆସୋସିଏଟ୍ ପ୍ରଫେସରଙ୍କୁ ବାଧ୍ୟତାମୂଳକ ଅବସର

## ଅଭ୍ୟାସଗତ ବିଶୃଙ୍ଖଳିତ ଆଚରଣ

**ସମ୍ବଲପୁର,୪।୧୦(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ବୁର୍ଲା ଭିସୁଟ୍‌ର କମ୍ପ୍ୟୁଟର ଆପ୍ଲିକେସନ ବିଭାଗ ଆସୋସିଏଟ୍ ପ୍ରଫେସର ସସ୍ମିତା କୁମାରୀ ପାଢୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପ୍ରଫେସର ପାଢ଼ୀଙ୍କ ନାମରେ ଅଭ୍ୟାସଗତ ବିଶୃଙ୍ଖଳିତ ଆଚରଣ ଓ ବିଶ୍ୱବିଦ୍ୟାଳୟର ଅନୁଶାସନ ଭଙ୍ଗ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗର ସତ୍ୟତା ଥିବା ନେଇ ତଦନ୍ତ କମିଟି ଜାଣିବାକୁ ପାଇଥିଲା। ତଦନ୍ତ କମିଟି ରିପୋର୍ଟ ଓ ସମସ୍ତ ପ୍ରମାଣପତ୍ରକୁ ଆଧାର କରି ଭିସୁଟ୍ ପରିଚାଳନା କମିଟି ତାଙ୍କୁ ବାଧ୍ୟତାମୂଳକ ଚାକିରିରୁ ଅବସର ଦେବାକୁ ନିଷ୍ପତ୍ତି ନେଇଥିଲା। ଓଡ଼ିଶା ସରକାରଙ୍କ ଚାକିରି ସର୍ତ୍ତାବଳୀ ଓ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ସୂଚନାଫଳକ ପଡ଼ି ଛାତ୍ର ମୃତ

ଭଦ୍ରକ(ସନାତନ ରାଉତ)/ ଧାମନଗର(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର), ୪।୧୦

ଭଦ୍ରକ ଜିଲା ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ଅଧୀନ ଉଚ୍ଚପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ କାନ୍ଥକୁ ଲାଗି ରହିଥିବା ଏକ ଫଟା ସୂଚନା ଫଳକ ଭାଙ୍ଗିପଡ଼ିବାରୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଉଚ୍ଚପଦା ଗ୍ରାମର ସୌଭାଗ୍ୟ ନାୟକଙ୍କ ପୁଅ ଅସିତ(୬)। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବି କରିବା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବହେଳାକୁ ଦାୟୀ କରି ଉଚ୍ଚପଦା ଛକଠାରେ ସନ୍ଧ୍ୟାରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ଅବରୋଧ କରିଥିଲେ।

## ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବହେଳାକୁ ଦାୟୀକରି ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନ ସାଢେ ୧୨ଟା ବେଳେ ଅସିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଜାଣତରେ ବାହାରକୁ ଚାଲି ଆସିଥିଲେ। ଅସିତଙ୍କ ବୁଢୀ ମା' ସେହି ନିକଟରେ ଥିବା ଏମ୍‌ଇ ସ୍କୁଲର ରୋଷେୟା ଭାବେ କାମ କରୁଥିବାରୁ ଅସିତ ସେଠାକୁ ଆସିଥିବା ଅନୁମାନ କରାଯାଉଛି। କାନ୍ଥକୁ ଡେରି ହୋଇ ରହିଥିବା ଫଳକ ଭାଙ୍ଗିପଡ଼ିବାରୁ ଅସିତ ତାହା ତଳେ ଚାପି ହୋଇଯାଇଥିଲେ। ନିକଟରେ ରୋଷେଇ କରୁଥିବା ଜେଜେମା ଜୟନ୍ତୀ ଆସି ନାତିକୁ ବାହାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ପ୍ରଥମେ ଅସୁରାଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ଅସିତଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପାଇଁ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ନାୟକ ଏବଂ ସହକାରୀ ଶିକ୍ଷକ ଦେବେନ୍ଦ୍ର ପଣ୍ଡାଙ୍କୁ ଉତ୍ତ୍ୟକ୍ତ ଲୋକଙ୍କଠାରୁ ଉଦ୍ଧାର କରି ଟାଉନ ଥାନାକୁ ଆଣିଥିଲେ। ଧୂଷୁରୀ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

# ଚଢ଼ିଗଲା ଟ୍ରକ୍: ୨ ଜଣଙ୍କ ମୃତ୍ୟୁ

କୁଚିଣ୍ଡା,୪।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପାରୁଆଭାଡି ପଞ୍ଚାୟତ ଅଫିସ ସମ୍ମୁଖରେ ବୁଧବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପଣ୍ଡରିକଟା ଗ୍ରାମର ଦଧି ଦର୍କା (୭୦) ଓ ପାରୁଆଭାଡ଼ି ଗ୍ରାମର ମୁକ୍ତେଶ୍ୱର ଧାନ (୨୭)। ସକାଳ ପ୍ରାୟ ୬ଟାରେ ଦଧି ଓ ମୁକ୍ତେଶ୍ୱର ଶୌଚ ପାଇଁ କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥରେ ଯାଉଥିଲେ। ଏହି ସମୟରେ ବାମରା ପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ହଠାତ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଲୋକେ ରୁଣ୍ଡ ହୋଇ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। କୁଚିଣ୍ଡା ଆଇଆଇସି ଦିଲୀପ ସାଇଁ, ଏସ୍‌ଡିପିଓ ଅମିତାଭ ପଣ୍ଡା, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସରପଞ୍ଚ ସୁବାସିନୀ ଧାନ, ସମିତିସଭ୍ୟ ଧ୍ରୁବଚରଣ ବେହେରା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଉଭୟ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା, ମୁକ୍ତେଶ୍ୱରଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ସାଙ୍ଗକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ଓ ତାଙ୍କ ଅନାଥ ଶିଶୁଙ୍କ ପାଠପଢ଼ା ବ୍ୟବସ୍ଥା, ଦୁର୍ଘଟଣା ଘଟାଇଥିବା ଗାଡ଼ି ବିରୋଧରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଏକ ମାମଲା (ନଂ.୧୯୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା।

# ଶ୍ରୁତିଙ୍କ ଆକଳନ



ଶ୍ରୁତି

**କ**ମଲ ତନୟା ଶ୍ରୁତି ହାସନ ଏବେଠାରୁ ଆକଳନ କରିସାରିଲେଣି। ସେ କହି ବୁଲୁଛନ୍ତି ପ୍ରଭାସ ଏବଂ ତାଙ୍କ ଅଭିନୀତ 'ସଲାର' ବକ୍ସ ଅଫିସରେ ଆଶାତୀତ ବିଜନେସ କରିବ। ସେ ତ କେବଳ କହିଦେଲେ ହେବ ନାହିଁ, ସିନେମାଟି ସେହି ଅନୁସାରେ ନିର୍ମାଣ ହୋଇଥିବା ଦରକାର। ତଥାପି ଫିଲ୍ମଟିର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସେ କହନ୍ତି, 'ସଲାର'ର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ କେବଳ ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଶୁଟିଂ ସମୟରେ ଯେପରି କୌଣସି କଥା ନଜର ବାହାରକୁ ଖସି ନ ଯାଏ ସେଥିଲାଗି ବେଶ୍ ସଜାଗ ରହିଥିଲେ ଏହାର ପ୍ରଯୋଜକ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'କେଜିଏଫ'ଫେମ୍ ପ୍ରଶାନ୍ତ ନୀଲ୍। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ଡିସେମ୍ବର ୨୨ରେ ରିଲିଜ ହେବାକୁ ଯାଉଛି।

## ଅତୀତକୁ

▶▶ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହାର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା ।

▶▶ତତେ କିଏ କଲା ବନଚାରୀ ରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ-ଏଭଳି ଲୋକପ୍ରିୟ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଚଳଚ୍ଚିତ୍ରଟି ଥିଲା 'ରାମାୟଣ'। ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି ଏବଂ ଧୀର ବିଶ୍ୱାଳ ପ୍ରମୁଖ କଳାକାର।

▶▶ଓଡ଼ିଆ ସିନେମା 'କାଚଘର' ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।

▶▶ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା। ତାଙ୍କ ଅପୋଜିଟ୍‌ରେ ଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି।

## ପରଦାରେ
# କାଇଁଚମାଳି



'କାଇଁଚମାଳି' ଫିଲ୍ମରେ ଶୁଭାଶିଷ

**ଓଁ**କାର ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'କାଇଁଚମାଳି' ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା, 'ଦୁର୍ଗା' ଫେମ୍ ମହେଶ ହାଜ୍‌ରା ଏହି ଫିଲ୍ମରୁ ନିଜ ଓଲିଉଡ୍‌ରେ ନିର୍ଦ୍ଦେଶନା ଡେବ୍ୟୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରଟିର କାହାଣୀରେ ରହିଛି ଗାଁ ମାଟିର ପାଣିପବନ, ଓଡ଼ିଆ ସଂସ୍କୃତି ବାସ୍ନା। ତା'ସହ ପାରିବାରିକ ସମ୍ପର୍କ, ପଖାଳ କଂସା, ଆଉ ଶାଗଭଜାର ବାସ୍ନା ମଧ୍ୟ ଏଥିରେ ରହିଛି। ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ବାଗ୍। ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ରବୀନ୍ଦ୍ର ବେହେରା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ବିଶ୍ୱଭୂଷଣ ମିଶ୍ର। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା(ମଣ୍ଟୁ), ସୁପ୍ରିୟା ନାୟକ, ନମ୍ରତା ଥାପ୍ପା ଏବଂ ଦୁଷ୍ମନ୍ତ ପଣ୍ଡା। ଏମାନଙ୍କ ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ପ୍ରିୟଙ୍କା ମହାପାତ୍ର, ଅଶୋକ ଦାଶ, ମନୀଷା ମିଶ୍ର, ଜଲିଉଡର ବରିଷ୍ଠ ଖଳନାୟକ ଦୈତାରୀ ପଣ୍ଡା, ପୀୟୂଷ ତ୍ରିପାଠୀ ଏବଂ ବ୍ରଜ ସିଂ ପ୍ରମୁଖ କଳାକାର। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ଭାଗ୍ୟବତୀ ସାରା

**ସୈ**ଫ ତନୟା ସାରା ଅଲ୍ଲୀ ଖାଁଙ୍କ ମୁଣ୍ଡରେ ହାତୀ ସତେଯେମିତି ସୁନା କଳସ ଢାଳିଛି। ଦେଖୁନାହାନ୍ତି, ତାଙ୍କୁ କେମିତି ଏକାଥରେ ତିନୋଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ପୁଣି ଏଗୁଡ଼ିକର କାହାଣୀ ନାରୀକୈନ୍ଦ୍ରିକ। ଏଭଳି ଅଫର ମିଳିବା ପରେ ତାଙ୍କର ଖୁସି କହିଲେ ନ ସରେ। ଏ ନେଇ ସାରା କୁହନ୍ତି, 'ମୋ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ତାହା କେବେଳ ମୁଁ କଳ୍ପନା କରି ନ ଥିଲି। । କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏବେ ସେ ଅଭିନୟ କରିଥିବା 'ୟେ ୱତନ ମେରି ୱତନ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି।



ସାରା

# ଆଇଟମ୍ ନମ୍ବରରେ ସୁପ୍ରିୟା



'ଡଟ୍‌ପେନ୍' ଫିଲ୍ମରେ ସୁପ୍ରିୟା

**ବ**ର୍ତ୍ତମାନ ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ ହେଉଛନ୍ତି ଚୁଲ୍‌ବୁଲି ସୁପ୍ରିୟା। ଧାରାବାହିକରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି ସେ। କେବଳ ସେତିକି ନୁହେଁ, ଓଡ଼ିଆ ଚଳଚ୍ଚିତ୍ର 'ଲଭ୍ ପାଇଁ କୁଛ୍ ଭି କରେଗା', 'ବିଜୁବାବୁ', 'ଆସ୍ତିକ ନାସ୍ତିକ' ଏବଂ 'ପୁଷ୍କରା'ର ମୁଖ୍ୟ ନାୟିକା ଭାବେ ଆକ୍ଟିଂକରି ସାଉଁଟି ଚାଲିଛନ୍ତି ପ୍ରଶଂସା। ତେବେ ବର୍ତ୍ତମାନ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ଚଳିତ ମାସ ୧୩ରେ ରିଲିଜ୍ ହେଉଥିବା ଓଡ଼ିଆ ସିନେମା 'ଡଟ୍‌ପେନ୍'ରେ ତାଙ୍କୁ ଏକ ଆଇଟମ୍ ଗୀତରେ ନାଚୁଥିବାର ଦେଖିବାକୁ ମିଳିବ। ଏହି ଗୀତଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ସେ। ଉକ୍ତ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ତ୍ରିପାଠୀ। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ପୁପୁଲ ମହାନ୍ତି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ଗଣେଶ ରାମ ଅଗ୍ରୱାଲ। 'ଡଟ୍‌ପେନ୍'ର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା ମହାନ୍ତି, ରୋହନ, ପ୍ରମୁଖ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ।



ମାଳବିକା

# ମାତ୍ର ୧୫ ଦିନ

**ମା**ଲାୟାଲମ ଅଭିନେତ୍ରୀ ମାଳବିକା ମୋହନାନ୍‌ଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବିଓଣ୍ଡ ଦ କ୍ଲାଉଡ୍'। ଏହି ଫିଲ୍ମ ପାଇଁ ତାଙ୍କୁ ଓଜନ କମାଇବାକୁ ପରାମର୍ଶ ଦିଆଯାଇଥିଲା। ବାସ୍, ତା'ପରେ ସେ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ମାତ୍ର ୧୫ ଦିନ ମଧ୍ୟରେ ତାଙ୍କର ଏହି ଓଜନ କମେଇବା ମିଶନ ସକ୍‌ସେସ୍ ହୋଇଥିଲା। ଏହି ସମୟ ଅବଧି ମଧ୍ୟରେ ସେ ୮ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ। ମାଳବିକା କେବଳ ମାଲାୟାଲମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। କେରଳର କନ୍ନୁର ଜିଲାରେ ଜନ୍ମିତା ଏହି ଅଭିନେତ୍ରୀ ବମ୍ବେରେ ରହନ୍ତି। ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର କେ.ୟୁ. ମୋହନାନ୍‌ଙ୍କ ଏହି କନ୍ୟା ମାସ୍ ମିଡିଆରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୦୧୩ରେ ତାଙ୍କୁ ମାଲାୟାଲମ ଫିଲ୍ମ 'ପଟ୍ଟମ ପୋଲେ'ରେ ବ୍ରେକ୍ ମିଳିଥିଲା। ଏଥିରୁ ସଫଳତା ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।

## ଛୋଟ ପରଦା
## ଜୀ-ସାର୍ଥକରେ

# ଶକ୍ତି, ସନ୍ଧ୍ୟା ରାଗିଣୀ, ତୁ ମୋ ସାଥୀରେ

**ଓ**ଡ଼ିଶାର ପ୍ରମୁଖ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ସର୍ବଦା ନୂଆ ନୂଆ କାହାଣୀ ଓ ପାରିବାରିକ ଘଟଣା ଉପରେ ଆଧାରିତ ଧାରାବାହିକକୁ ନେଇ ଦର୍ଶକମାନଙ୍କ ମନୋରଞ୍ଜନ କରିଆସିଛି । ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟିତ। ଏହି ଚ୍ୟାନେଲରେ ଏବେ ପ୍ରସାରିତ ହେଉଥିବା 'ସୁନା ଝିଅ', 'ତୁ ଖରା ମୁଁ ଛାଇ' ଏବଂ 'ଖୁସିର ଛୁଙ୍କ' ପରି ମେଗା ଧାରାବାହିକ ହେଉ କି ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଓ ରଜ କୁଇନ୍ ପରି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନକୁ ଛୁଇଁପାରିଛି। ଚଳିତ ମାସ ୨ ତାରିଖରୁ ଏହି ଚ୍ୟାନେଲରେ ଆରମ୍ଭ ହୋଇଛି ତିନୋଟି ଦମ୍‌ଦାର ଧାରାବାହିକର ପ୍ରସାରଣ। ସେଗୁଡ଼ିକ ହେଲା 'ସନ୍ଧ୍ୟା ରାଗିଣୀ' (ସୋମ-ଶନି, ସନ୍ଧ୍ୟା ୬.୩୦), 'ତୁ ମୋ ସାଥୀରେ' (ସୋମ-ଶନି, ରାତି ୭ଟା) ଏବଂ 'ଶକ୍ତି' (ସୋମ-ଶନି, ରାତି ୮ଟା)।

**ଶକ୍ତି :** ଶକ୍ତି ମହାପାତ୍ର ନାମ୍ନୀ ଜଣେ ନିଷ୍ଠାପର ଓ ସ୍ୱାଭିମାନୀ ଝିଅ ଏହାର ମୁଖ୍ୟ ଚରିତ୍ର। ବିଦେଶରେ ପାଠ ପଢ଼ି ଓକିଲ ହେବା, ନିଜ ପରିବାରକୁ ସାହାଯ୍ୟ କରିବା ଓ ସ୍ୱାଧୀନ ଭାବରେ ଚଳିବାର ସ୍ୱପ୍ନ ଦେଖେ ସେ। ହେଲେ ନିଜ ପରିବାର ଏବଂ ଶିବରାଜଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା କଳି ଝଗଡ଼ା ମଧ୍ୟରେ ସେ ଫସିଯାଇଛି । ଗର୍ବୀ ତଥା ନିର୍ଦ୍ଦୟ ବ୍ୟବସାୟୀ ଶିବରାଜ ଶକ୍ତିକୁ ସମାଧାନ ପାଇଁ ପ୍ରସ୍ତାବ ଦିଅନ୍ତି। ଆଉ ତା'ପରେ କ'ଣ ଘଟେ ତାହାକୁ ନେଇ 'ଶକ୍ତି' ଧାରାବାହିକର କାହାଣୀ ଗତିଶୀଳ। ଏସପିପି ପ୍ରଡକସନ୍ସ ଦ୍ୱାରା ପ୍ରସ୍ତୁତ ଏହି ଧାରାବାହିକରେ ନାୟକ ନୀଲ ଥିବା ବେଳେ ନାୟିକା ହୋଇଛନ୍ତି ମିତାଲି।

**ସନ୍ଧ୍ୟା ରାଗିଣୀ :** 'ସନ୍ଧ୍ୟା ରାଗିଣୀ' ଧାରାବାହିକର କାହାଣୀ ଅନୁସାରେ ଓଡ଼ିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ରହନ୍ତି। ଏକ ଭୁଲ ବୁଝାମଣା ପାଇଁ ଦୁହେଁ ଅଲଗା ହୋଇଯାଆନ୍ତି। କାରଣ ଯଶୋଦାର ବାହାଘର ମାଧବ ସହ ଠିକ ହୋଇଥିଲା ବେଳେ ଦେବକୀ ବିବାହ କରିଥିଲେ ମାଧବକୁ। ସେଥିପାଇଁ ଦେବକୀକୁ ଘରୁ ବାହାର କରିଦିଆଯାଇଛି। ଏହା ପରେ କ'ଣ ଘଟୁଛି ତାହା ଧାରାବାହିକଟିକୁ ନିୟମିତ ଦେଖିଲେ ହିଁ ଜାଣିପାରିବେ। ଲୋକପ୍ରିୟ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ପ୍ରଯୋଜିତ ଏହି ଧାରାବାହିକରେ ନିତୁ ମିଶ୍ର, ଲିଟିସା ଓ ପ୍ରିୟଙ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

**ତୁ ମୋ ସାଥୀରେ :** ବିବାହ ପରେ ପ୍ରେମର ନୂଆ କାହାଣୀ ନେଇ ପ୍ରସ୍ତୁତ ହୋଇଛି ଧାରାବାହିକ 'ତୁ ମୋ ସାଥୀରେ'। ବାହାଘର ପରେ ଅମ୍ବର ଓ ଧାରା ମଧ୍ୟରେ ହେଉଥିବା ପ୍ରେମ, ଝଗଡ଼ା ଓ ବୁଝାମଣା ବହୁ ଉତ୍କଣ୍ଠାପୂର୍ଣ୍ଣ ମୋଡ ଦର୍ଶକ ଦେଖିବାକୁ ପାଇବେ। ଏହାର ପ୍ରଯୋଜନା କରିଛନ୍ତି ବିଜୟ କାଣ୍ଡୋଇ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସରୋଜ ଦାଶ। ''ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇ ମନୋରଞ୍ଜନ ଜାରି ରଖିଛୁ। ଏହି ୩ଟି ମେଗା ଧାରାବାହିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।''







(ବାମରୁ) ଧାରାବାହିକ 'ତୁ ମୋ ସାଥୀରେ', 'ସନ୍ଧ୍ୟା ରାଗିଣୀ' ଏବଂ 'ଶକ୍ତି'ର ଦୃଶ୍ୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୫/୨୦୨୩ Bhubaneswar, Thursday, October 5/ 2023

# ଭାରତ, ଇଂଲଣ୍ଡ ଫେଭରିଟ୍

**ଗୌତମ ଗମ୍ଭୀର**

ଦିନିକିଆ ବିଶ୍ୱକପ୍ ଗୁରୁବାରଠାରୁ ଆରମ୍ଭ ହେଉଛି। କ୍ରିକେଟର ଟି୨୦ଠାରୁ ଦିନିକିଆ ଫର୍ମାଟ ମଧ୍ୟରେ ଫରକ ହେଲା ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିଥାଏ।

ପାୱାର ପ୍ଲେ ସମୟରେ ଯଦି ଜଣେ ବୋଲରୁ ପ୍ରହାର ହୋଇଥାଏ, ପରବର୍ତ୍ତୀ କାଳରେ ଉଇକେଟ ନେଇପାରେ। ଟୁର୍ନାମେଣ୍ଟରେ ଅଧିନାୟକମାନେ କି କି ରଣନୀତି ଆପଣାଉଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଦଳଗୁଡ଼ିକୁ ଅଲଗା ଅଲଗା ପରିବେଶରେ ଭିନ୍ନ ଭିନ୍ନ ଦଳ ସହ ଖେଳିବାକୁ ପଡ଼ିବ। ସମୟ ବଦଳିଛି। ସେ ଅନୁସାରେ କମେଣ୍ଟ୍ରି ବକ୍ସରେ ମୋ ସମେତ ଥର ପାଇଁ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟକୁ ନୂତନ ଶୈଳୀରେ ଖେଳାଯାଇପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ। ଏ ପ୍ରସଙ୍ଗରେ ଭାରତୀୟ ଦଳର ପ୍ରଦର୍ଶନ ସହାୟକ ହେବ। ମୋ ମତରେ ଏଥର ଭାରତ ଓ ଇଂଲଣ୍ଡ ହେଉଛନ୍ତି ଦୁଇ ପ୍ରମୁଖ ଟାଇଟଲ ଦାବିଦାର। ଉଭୟ ଦଳ ବୋଲିଂ ଓ ଫିଲ୍ଡିଂରେ ଖୁବ୍ ଭଲ। ଅନ୍ୟମାନଙ୍କ ଭଳି ବୁମ୍‌ରାଙ୍କ ଫିଟ୍‌ନେସ କାକର ବେଳେ ଭଲ ବୋଲିଂ କରିପାରୁଥିବା ବୋଲିଂ ୟୁନିଟ୍ ଉପରେ ମୋର ନଜର ରହିଛି। ମୋ ବାସସ୍ଥାନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରାରେ ସାମାନ୍ୟ ଉନ୍ନତି ଘଟିଛି। ବିଶ୍ୱକପ୍ ଖେଳାଯିବାକୁ




ଅନ୍ୟମାନେ ଯେଉଁମାନେ ରହିବେ ସେମାନଙ୍କୁ ଅଭିନବ ଶୈଳୀରେ ବ୍ୟାଖ୍ୟା କରିବାକୁ ପଡ଼ିବ। ଶୁବମନ ଗିଲ୍, ମହମ୍ମଦ ସିରାଜ, ଶ୍ରେୟଶ ଆୟରଙ୍କ ଉପରେ ନଜର ରହିଛି। ପ୍ରଶଂସକମାନଙ୍କୁ ଏହି ପିଢିକୁ ଆଗେଇ ନେବାକୁ ହେବ। ପ୍ରଶାସକ, ମିଡିଆ ଏବଂ ଆମେ ସବୁ ବ୍ରଡ୍‌କାଷ୍ଟର କେବଳ ବ୍ୟାଟରଙ୍କୁ ନୁହେଁ ବୋଲରମାନଙ୍କୁ ମଧ୍ୟ ସମ ପରିମାଣରେ ଗୁରୁତ୍ୱ ଦେବାକୁ ହେବ। ଏସିଆ କପ୍ ଫାଇନାଲ ମୋତେ ଖୁବ୍ ଭଲ ଲାଗିଥିଲା। ଏଥିରେ ସିରାଜ ଓ ଯଶପ୍ରୀତ ବୁମ୍‌ରାଙ୍କ ଚମତ୍କାର ବୋଲିଂ ଯୋଗୁ ଶ୍ରୀଲଙ୍କା ୫୦ ରନ ଭିତରେ ସୀମିତ ହୋଇଯାଇଥିଲା। ଭାରତ ଚତୁର୍ଥ ଥିବା ଅନ୍ୟ ସହରଗୁଡ଼ିକରେ ମଧ୍ୟ ମୁଁ ଖବର ନେଇଛି। ସେ ସବୁ ସ୍ଥାନରେ ପ୍ରଦୂଷଣର ହାର କମ୍ ରହିଛି। ଆକାଶ ପରିଷ୍କାର ଅଛି। ମୁଁ ଯଦିଓ ଜଣେ ବିଶେଷଜ୍ଞ ନୁହେଁ, ଟୁର୍ନାମେଣ୍ଟ ସମୟରେ କେବେ କେବେ ବର୍ଷା ଓ ପବନ ସମସ୍ୟା ସୃଷ୍ଟି କରିପାରେ ବୋଲି ମୋର ଅନୁମାନ। ବିଶ୍ୱକପ୍ ସମୟରେ ଉଭୟ ଦଶହରା/ଦୂର୍ଗାପୂଜା ଓ ଦିପାବଳୀ ପଡୁଛି। ସେ ସମୟରେ ଆମକୁ ଭଦ୍ରଲୋକ ହେବାକୁ ପଡ଼ିବ। ଆତସବାଜି ନ କରି ଆମକୁ କେବଳ ବ୍ୟାଟ ଓ ବଲ୍‌ର ଶବ୍ଦ ମଧ୍ୟରେ ସୀମିତ ରହିବାକୁ ପଡ଼ିବ।

**(ଗେମ୍‌ପ୍ଲାନ୍/ ଦୀନେଶ ଚୋପ୍ରା ମିଡିଆ)।**



ଆଇସିସି କ୍ରିକେଟ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ବୁଧବାର ଅହମଦାବାଦରେ କ୍ୟାପ୍‌ଟେନ୍ସ ଡେ'ରେ ଯୋଗ ଦେଇଥିବା ୧୦ ଦଳର ଅଧିନାୟକ।

# ନରେନ୍ଦ୍ର ମୋଦି ଷ୍ଟାଡିୟମରେ 'କ୍ୟାପଟେନ୍ସ ଡେ'

**ଅହମଦାବାଦ,୪।୧୦(ପି.ଟି.)**

ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ବୁଧବାର ପାଳିତ ହୋଇଛି 'କ୍ୟାପଟେନ୍ସ ଡେ'। ପ୍ରଥମ ଥର ପାଇଁ ବିନା ଉଦ୍‌ଘାଟନୀ ସମାରୋହରେ ଏହି ବିଶ୍ୱକପ ଆୟୋଜିତ ହେବାକୁ ଥିବା ବେଳେ ସମସ୍ତ ୧୦ ଦଳର ଅଧିନାୟକ ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମରେ 'କ୍ୟାପଟେନ୍ସ ଡେ' ପାଳନ କରିଥିଲେ। ରୋହିତ ଶର୍ମା, ଟେମ୍ବା ବଭୁମା, ପ୍ୟାଟ୍ କୁମିନ୍ସ, ସ୍କଟ ଏଡୱାର୍ଡ୍ସ, କେନ୍ ୱିଲିୟମସନ, ହଶମତୁଲ୍ଲା ଶାହିଦି, ଜୋଶ ବଟଲର, ବାବର ଆଜମ, ଦସୁନ ଶନକା ଓ ଶକିବ ଅଲ୍ ହାସନ ୧୦ ଦଳର ଅଧିନାୟକ ଭାବରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଭାରତୀୟ ଖେଳାଳି ରବି ଶାସ୍ତ୍ରୀ ଓ ଇଂଲଣ୍ଡର ଇଓନ ମୋର୍ଗାନ ହୋଷ୍ଟ ଭାବରେ ସମସ୍ତ ଦଳର ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ୧୦ ଦଳର ଅଧିନାୟକ ଆସନ୍ତା ୬ ସପ୍ତାହର କ୍ରିକେଟକୁ ନେଇ ନିଜର ମତ ମଧ୍ୟ ରଖିଥିଲେ।

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଏହି ଟୁର୍ନାମେଣ୍ଟକୁ ନେଇ ଆଶାବାଦୀ ଥିବା କହିଛନ୍ତି। ମୁଁ ଦିନିକିଆ କ୍ରିକେଟର ଫ୍ୟାନ ବୋଲି ଆରମ୍ଭରୁ କହି ଆସିଛି। ଶୈଶବରୁ ଏହାକୁ ନେଇ ମୁଁ ସ୍ୱପ୍ନ ଦେଖୁଥିବା ବେଳେ ଅଧିନାୟକ ଭାବେ ଅଂଶଗ୍ରହଣ କରିବା ମୋ ପାଇଁ ସ୍ୱତନ୍ତ୍ର। ଏଠାରେ ଥିବା ସମସ୍ତ ଅଧିନାୟକ ନିଜ ଦଳ ପାଇଁ ଶ୍ରେଷ୍ଠ ସଫଳତା ହାସଲ କରିବାକୁ ପ୍ରୟାସ କରିବେ। ସମସ୍ତ ଦଳ ବିଜୟୀ ହେବାକୁ ପ୍ରୟାସ କରିବେ ତେବେ ଭାରତ ଘରୋଇ ପରିବେଶର ଫାଇଦା ଉଠାଇବାକୁ ପ୍ରୟାସ କରିବ। ଏହି ଟୁର୍ନାମେଣ୍ଟକୁ ଭାରତୀୟ ଦର୍ଶକଙ୍କ ପକ୍ଷରୁ ଢେରସାରା ଭଲପାଇବା ମିଳିବା ନେଇ ସେ ଆଶା କରିଛନ୍ତି। ଭାରତୀୟ ମାନେ କେବଳ ଭାରତୀୟ କ୍ରିକେଟ ଦଳକୁ ନୁହେଁ ବରଂ କ୍ରିକେଟକୁ ଭଲ ପାଆନ୍ତି। ତେଣୁ ଆସନ୍ତା କ୍ରିକେଟ ବିଶ୍ୱକପରେ କେବଳ ଭାରତ ମ୍ୟାଚ୍ ନୁହେଁ ବରଂ ସମସ୍ତ ମ୍ୟାଚ ଗୁଡିକରେ ଷ୍ଟାଡିୟମ ଫୁଲ ରହିବା ନେଇ ସେ ପୂର୍ବାନୁମାନ କରିଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ**

**ସ୍ଥାନ: ଅହମଦାବାଦ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**କଟକ, ୪।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ):** ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫି ପାଇଁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ପକ୍ଷରୁ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଝାରସୁଗୁଡାର ରାକେଶ ଓରାମଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି।

**ଓଡ଼ିଶା ଦଳ:** ରବି ଦେଉଳପଡ଼ିଆ, ରାଇସେନ ଟୁଡୁ, ପିଣ୍ଟୁ ସାମଲ, ସଞ୍ଜୟ ହେମ୍ବ୍ରମ, ସିଦ୍ଧାନ୍ତ ପ୍ରଧାନ, ଆନନ୍ଦ ଓରାମ, ରାକେଶ ଓରାମ, ଅରବିନ ଲାକ୍ରା, ହରିନ୍ଦର ସିଂ, ଡି. ଶ୍ରୀନାଥ, ଫଗୁ ହେମ୍ବ୍ରମ, ଦୀନବନ୍ଧୁ ଦାସ, ବିକାଶ କୁମାର ସାହୁ, ଗୋରାଚାନ୍ଦ ମାରାଣ୍ଡି, ମୋହନ ମାଝୀ, ଅର୍ପଣ ଲାକ୍ରା, ଚନ୍ଦ୍ର ମୁଦୁଲି, କାର୍ତ୍ତିକ ହାନ୍ତାଳ, ବିଶାଲ ଟିଗା, ଚନ୍ଦ୍ରକାନ୍ତ ଦାସ, ବି. ଶିବା, ରାଜା ହରିଜନ।

# ଚାପକୁ ହାତେଇବା ଗୁରୁତ୍ୱପୂର୍ଣ୍ଣ

**ରିଚାର୍ଡ ହାଡଲୀ**

ବିଶ୍ୱକପ୍ ୨୦୨୩ର ଓପନିଂ ଗେମ୍ ହେଉଛି ଏକ ବ୍ଲକବୁଷ୍ଟର ମ୍ୟାଚ। ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟଙ୍କ ମଧ୍ୟରେ ଏହା ଖେଳାଯିବ। ଏହା କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ଫାଇନାଲ ଥିଲା। ନିର୍ଦ୍ଧାରିତ ସମୟ ଏବଂ ସୁପର ଓଭରରେ ଦୁଇ ଦଳ ସମାନ ରନ ସ୍କୋର କରିଥିଲେ। ଅଧିକ ବାଉଣ୍ଡ୍ରି ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମାତ୍ର ସେତେବେଳେ ଯେପରି ଭାବେ ବିଜେତା ନିର୍ଦ୍ଧାରଣ କରାଗଲା ସେଥିରେ ମୁଁ ଖୁସି ନ ଥିଲି। ଏହା ପୂର୍ବରୁ ୧୯୯୬ରେ ଏହି ଦୁଇଦଳ ବିଶ୍ୱକପ୍ ଉଦ୍‌ଘାଟନୀ ମ୍ୟାଚରେ ପରସ୍ପରକୁ ସମାନ ଭେନ୍ୟୁରେ ପରସ୍ପରକୁ ଭେଟିଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୧ ରନରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ଇଂଲଣ୍ଡ ଦଳ ବେଶ୍ ଶକ୍ତିଶାଳୀ ବୋଲି ଆମେ ସମସ୍ତେ ଜାଣୁ ତଥାପି ମୁଁ ସେହି ଫଳାଫଳର ପୁନରାବୃତ୍ତି ମୋର ଆଶା। କିନ୍ତୁ କାଗଜପତ୍ରରେ ବର୍ତ୍ତମାନ ଇଂଲଣ୍ଡର ପଲା ଭାରି ଅଛି। ଦଳରେ ବହୁ ପ୍ରତିଭା ଖେଳାଳି ରହିଛନ୍ତି। ବହୁ ବିକଳ୍ପ ଖେଳାଳି ମଧ୍ୟ ମହଜୁଦ ଅଛନ୍ତି। ଦଳ ସକାରାତ୍ମକ ଷ୍ଟାଇଲରେ ଖେଳୁଛି। ଟପ୍ ଅର୍ଡରର ୫ କିମ୍ବା ୬ ବ୍ୟାଟରଙ୍କ ମଧ୍ୟରେ ଜଣେ କେହି କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିଲେ ମ୍ୟାଚର ଗତିପଥ ବଦଳାଇ ଦେଇପାରନ୍ତି। ଦଳର ବୋଲିଂ ଆଟାକ୍ ମଧ୍ୟ ଖୁବ୍ ପ୍ରଭାବୀ। ସମସ୍ତଙ୍କର ଉଇକେଟ ନେବାର ସାମର୍ଥ୍ୟ ରହିଛି। ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଅନେକ ପରୀକ୍ଷା ଓ ନିରୀକ୍ଷା କରିଛି। ଦଳ ଏପର୍ଯ୍ୟନ୍ତ କମ୍ବିନେଶନ ସ୍ଥିର କରିପାରି ନାହିଁ। ଏହାର ମୁଖ୍ୟ କାରଣ ହେଉଛି। ଅଧିନାୟକ କେନ୍ ୱିଲିୟମସନଙ୍କ ଫିଟ୍‌ନେସ୍। ଇଂଲଣ୍ଡ ବିପକ୍ଷ ଓପନିଂ ମ୍ୟାଚ ସେ ଖେଳିବେ ନାହିଁ। ଦଳ ପାଇଁ ଏହା ଏକ ଶକ୍ତ ଧକ୍କା। କାର୍ଯ୍ୟସୂଚୀ ଅନୁସାରେ ନ୍ୟୁଜିଲାଣ୍ଡ ଏହାର ପରବର୍ତ୍ତୀ ୩ଟି ମ୍ୟାଚ ନେଦରଲାଣ୍ଡ୍ସ, ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ଖେଳିବ। ସେମାଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ସମସ୍ତ ମ୍ୟାଚ ଜିତିବାକୁ ପଡ଼ିବ। ନ୍ୟୁଜିଲାଣ୍ଡର ୬ରୁ ୭ଜଣ ଖେଳାଳି ଆଇପିଏଲ୍ ଖେଳିଛନ୍ତି। ଫଳତଃ ସେମାନେ ଭାରତର ଜଳବାୟୁ ସହ ଅଭ୍ୟସ୍ତ। ଆଇପିଏଲ୍‌ରେ ଡେଭନ କନୱେଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଟପ୍ ଅର୍ଡରରେ ସେ ଜଣେ ପ୍ରଭାବଶାଳୀ ବ୍ୟାଟର। ମିଡଲ ଅର୍ଡରରେ ଯଥେଷ୍ଟ ବିକଳ୍ପ ଆକ୍ରମଣାତ୍ମକ ଖେଳାଳି ରହିଛନ୍ତି। ବୋଲିଂ ବିଭାଗରେ ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ବୋଲର ରହିଛନ୍ତି। ନୂଆ ବଲ୍‌ରେ ସେ ନିୟମିତ ଉଇକେଟ ନେଇଆସୁଛନ୍ତି। ମ୍ୟାଟ ହେନ୍‌ରୀଙ୍କ ବୋଲିଂରେ ଦିନକୁ ଦିନ ଉନ୍ନତି ଘଟିବାରେ ଲାଗିଛି। ସୀମିତ ଓଭର କ୍ରିକେଟରେ ମିଚେଲ ସାଣ୍ଟନର ଅନ୍ୟତମ ଟପ୍ ସ୍ପିନର ବିବେଚିତ ହେଉଛନ୍ତି। ପରିଶେଷରେ ବିଶ୍ୱକପ୍ ଭଳି ଟୁର୍ନାମେଣ୍ଟରେ ଖେଳାଳି ଓ ଟିମ୍‌ଗୁଡ଼ିକ ଚାପକୁ କିପରି ହାତେଇ ପାରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ।

**-(ଟିଭାକ ସ୍ପୋର୍ଟ୍ସ)**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ